
TETRAHEDRON GROUP OF INSTITUTIONS
OUR CHSE RESULT -2024
100% RESULTS
Above 90% : 22
Above 89% : 33
Above 88% : 44
Above 85% : 97
Above 500 mark : 135
Above 80% : 227
Above 75% : 343
Above 70% : 548
Above 60% : 780
556 SATYAJEET ROLL NO. : 312CZ001 M. : 7978967700
555 MANISHA ROLL NO. : 321CZ009 M. : 8144643061
552 SWASTIK ROLL NO. : 312CZ340 M. : 9437777064
552 ARCHITA ROLL NO. : 321CZ016 M. : 9338114740
550 SUBHASHREE ROLL NO. : 321CZ031 M. : 9937018265
549 SOURAV ROLL NO. : 312CZ004 M. : 9937775696
546 SOMANATH ROLL NO. : 312CZ032 M. : 8658962681
546 ITISHREE ROLL NO. : 321CZ020 M. : 9438365119
546 PRIYADARSHANI ROLL NO. : 321CZ024 M. : 8895669588
546 PRIYADARSHINI ROLL NO. : 321CZ043 M. : 9937762882
546 ANANYA ROLL NO. : 321CZ052 M. : 7326014914
545 SATYAJEET ROLL NO. : 312CZ013 M. : 8777497589
545 CHANDRAKANTA ROLL NO. : 312CZ031 M. : 8763496117
544 RISHI RANJAN ROLL NO. : 312CZ009 M. : 9938145272
544 ABHISEKH ROLL NO. : 312CZ362 M. : 9438605996
544 SUBHASHREE ROLL NO. : 321CZ005 M. : 8658330625
542 AKANKHYA ROLL NO. : 321CZ004 M. : 7077929133
541 DEEPTIMAYEE ROLL NO. : 321CZ002 M. : 9778735583
541 STHITIPRAJNA ROLL NO. : 321CZ003 M. : 8917208141
541 ANISHA ROLL NO. : 321CZ018 M. : 9776735775
541 S. SONAM ROLL NO. : 321CZ075 M. : 9078581458
540 SAMIR ROLL NO. : 312CZ002 M. : 9437926225
OUR NEET RESULT -2024
680 Biswashree M. : 8480715205 Sundarpur, Jajpur
680 Priyabrata M. : 9861668335 Kuakhia, Jajpur
677 Jyotiranjan M. : 8018158921 Balasore
676 Abhiram M. : 8658966579 Jajpur
676 Subhankar Mob. : 9658607511 Malngalpur, Jajpur
675 Gyana Ranjan Mob. : 6370618246 Athagarh, Cuttack
674 Sonali Mob. : 8144561917 Binjharpur, Jajpur
673 Anshuman Mob. : 9938403854 Jagatsinghpur
673 S.A.Gourangi Mob. : 8260823873 Paradeep,J.s.pur
672 Hitaismi Mob. : 9338017644 Choudwar, Cuttack
670 Aditya Narayan Mob. : 8908612788 Rahama, Jagatsinghpur
670 Sandip Mob. : 8260537030 Jajpur
670 Santosh Mob. : 9861387108 Aul, Kendrapara
668 Swayam Pri. Mob. : 7327866845 Bari, Jajpur
662 Ananya Anindita Mob. : 9937099042 Kakatpur, Puri
661 Pratikshya Mob. : 9337254025 Kuakhia, Jajpur
661 Rahul Mob. : 7653898338 Jajpur
660 Akankhya Mob. : 8280227149 Jajpur
660 Deepak Mob. : 9337210273 Rajnagar, Kendrapara
658 Ritikesh Mob. : 9938656083 Jagatpur, Cuttack
657 Ariyan Mob. : 6371231566 Dhenkanal
657 Sambit Mob. : 7847950802 Kendrapara
657 Supriya P. Mob. : 9178823790 Dharapur, Jajpur
657 Sushree Sangita Mob. : 9937750534 Biridi, Jagatsinghpur
656 Bairiganjan Mob. : 8144640129 Jagatsinghpur
655 Milan Mob. : 6371420155 Cuttack
655 Paresh Mob. :9437901486 Salipur, Cuttack
652 Amaresh Mob. : 7077202009 Jajpur
652 Satyajit Mob. : 8984818360 Jajpur
651 Anshuman P. Mob. : 7847064075 Jagatsinghpur
649 Dibyaranjan Mob. : 8984117752 Narsinghpur, Cuttack
649 Omm prativa Mob. : 9777034182 Ghasipura, Keonjhar
649 Saswati Mob. : 9938978585 Ranapur, Nayagarh
647 Swagatika Mob. : 9437931284 Keonjhar
646 Priyabrata Mob. : 7751039100 Jajpur
645 Priyanka Mob. : 8327773796 Keonjhar
645 Priti Paramita Mob. : 8260876952 Badachana, Jajpur
644 Aditya Narayan Mob. : 7735008592 Balikuda, J.S. Pur
644 Soumya Ranjan Mob. : 9853490176 Paradeep
641 Rudra Narayan Mob. : 8249569211 Jajpur
640 Aditya Kishore Mob. :9438213231 Jajpur
640 Gayatri Samal Mob. : 9205434830
640 Jayashree Mob. : 7077298174 Singhpur, Jajpur
640 Smruti Ranjan Mob. : 7978611374 Kakhadi, Cuttack
639 Swaraj Mob. : 9938350460 Biridi, Jagatsinghpur




ଟି-୨୦ ବିଶ୍ୱକପ୍
ଭାରତ-ଇଂଲଣ୍ଡ ସେମିଫାଇନାଲ ଆଜି
▶କ୍ରୀଡ଼ା ପୃଷ୍ଠାରେ...

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 42 ◆ISSUE-3 ◆BHUBANESWAR ◆THURSDAY ◆27 JUNE 2024 ◆PAGE-16 ◆₹ 6.00
◆ବର୍ଷ-୪୨ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଗୁରୁବାର ◆୨୭ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ଲୋକସଭାରେ ଏନ୍‌ଡିଏ ବିଜୟୀ

# ଓମ୍ ବିର୍ଲା ବାଚସ୍ପତି

■ **ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି):** ବିଜେପି ସାଂସଦ ଓମ୍ ବିର୍ଲା ବୁଧବାର ଅଷ୍ଟାଦଶ ଲୋକସଭାର ବାଚସ୍ପତି ଭାବେ ଧ୍ୱନି ମତରେ ନିର୍ବାଚିତ ହୋଇଛନ୍ତି। ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ କଂଗ୍ରେସ ସାଂସଦ କେ ସୁରେଶଙ୍କୁ ଓମ୍ ବିର୍ଲାଙ୍କ ବିରୋଧରେ ପ୍ରାର୍ଥୀ କରାଯାଇଥିଲେ ହେଁ ଇଣ୍ଡିଆ ବ୍ଲକ୍ ଭୋଟ୍ ପାଇଁ ଦାବି କରିନଥିଲା। ତେଣୁ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଧ୍ୱନି ମତରେ ଓମ୍ ବିର୍ଲାଙ୍କୁ ବାଚସ୍ପତି ନିର୍ବାଚିତ ଘୋଷିତ କରିଥିଲେ। ଫଳରେ ଓମ୍ ବିର୍ଲା ଲଗାତର ଦ୍ୱିତୀୟ ଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଅଳଙ୍କୃତ କରିଛନ୍ତି। ବାଚସ୍ପତି ନିର୍ବାଚିତ ହେବା ପରେ ବିର୍ଲାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ପ୍ରମୁଖ ଅଭିନନ୍ଦନ ଜଣାଇବା ସହିତ ତାଙ୍କୁ ଚେୟାର ନିକଟକୁ ପାଛୋଟି ନେଇଥିଲେ। ଏହି ଅବସରରେ ଓମ୍ ବିର୍ଲାଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, 'ଆପଣଙ୍କ ନେତୃତ୍ୱରେ ବିଗତ ୫ବର୍ଷରେ ଲୋକସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରାଯାଇଛି। ଆପଣଙ୍କ ସ୍ମିତ ହାସ୍ୟ ସମସ୍ତଙ୍କୁ ମୋହିତ କରିଥାଏ। ଆଗାମୀ ୫ବର୍ଷ ଆପଣଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବୁ।'

ସେହିପରି ଗୃହ ପରିଚାଳନାରେ ବିରୋଧୀ ପକ୍ଷ ସର୍ବଦା ବାଚସ୍ପତିଙ୍କୁ ସହଯୋଗ ଦେବ ବୋଲି ବିରୋଧୀ ନେତା ରାହୁଲ ଗାନ୍ଧୀ କହିଥିଲେ। ବାଚସ୍ପତି ବିରୋଧୀ ଦଳକୁ କହିବାକୁ ପୂର୍ଣ୍ଣ ସୁଯୋଗ ଦେବେ, ବିରୋଧୀଙ୍କ ସ୍ୱରକୁ ଶୁଣିବେ ବୋଲି ରାହୁଲ ଆଶା ପ୍ରକଟ କରି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଲୋକସଭା ବାଚସ୍ପତି ଚୟନ ଲାଗି ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ସହମତି ସ୍ଥାପନ ହୋଇ ନ ପାରିବାରୁ ନିର୍ବାଚନ ପ୍ରକ୍ରିୟାରେ ଏହାକୁ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ଉଭୟ ପକ୍ଷ ଗତକାଲି ଦୁଇଟି ନାମାଙ୍କନ ଦାଖଲ କରିଥିଲେ। ଏନ୍‌ଡିଏ ପ୍ରାର୍ଥୀ ଭାବେ ବିଜେପି ସାଂସଦ ଓମ୍ ବିର୍ଲା ନାମାଙ୍କନ ଭରିଥିଲା ବେଳେ ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଥିଲେ କଂଗ୍ରେସ ସାଂସଦ କେ ସୁରେଶ। ଯଦି ଇଣ୍ଡିଆ ବ୍ଲକ୍‌କୁ ବିଜେପି ନେତୃତ୍ୱାଧୀନ ଏନ୍ଡିଏ ଉପବାଚସ୍ପତି ପଦବୀ ଛାଡ଼ିବାକୁ ରାଜି ହୋଇଥାନ୍ତା ତେବେ ଇଣ୍ଡିଆ ବ୍ଲକ୍ ନିଜ ପ୍ରାର୍ଥୀ ନ ଦେଇ ଏନ୍‌ଡିଏ ପ୍ରାର୍ଥୀ ଓମ୍ ▶ପୃଷ୍ଠା-୯



ନବ ନିର୍ବାଚିତ ବାଚସ୍ପତିଙ୍କୁ ଆସନ ଅଳଙ୍କୃତ କରିବା ପାଇଁ ଆମନ୍ତ୍ରଣ ଜଣାଉଛନ୍ତି ଗୃହର ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ

# ଘୂର୍ଣ୍ଣିବଳୟ ଯୋଗୁଁ ବଢ଼ିଲା ବର୍ଷା

■ **ଭୁବନେଶ୍ୱର,୨୬।୬(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ମୌସୁମୀ ବର୍ଷା। ଏହି ସ୍ଥିତିରେ ବଙ୍ଗୋପସାଗର ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି। ଏଥିପାଇ ରାଜ୍ୟରେ ବ୍ୟାପକ ବର୍ଷା ପାଇଁ ପାଗ ଅନୁକୂଳ ରହିଛି। ଏହି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଗୁରୁବାର ଓ ଶୁକ୍ରବାର ବର୍ଷାର ପ୍ରକୋପ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍‌ରେ ଦର୍ଶାଯାଇଛି ଯେ ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା ରହିଛି। ସେହିପରି ଗଜପତି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଆଦିରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଥିବା ବେଳେ ମାଲକାନଗିରି ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ▶ପୃଷ୍ଠା-୯

## ବଜ୍ରପାତରେ ୫ ମୃତ

■ **ଦହିତା/ଖପ୍ରାଖୋଲ, ଶଗଡ଼ା, ୨୬।୬ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅନ୍ତର୍ଗତ ଖଲିଆପାଲି ଗ୍ରାମପଞ୍ଚାୟତ ଦେଓ୍ୱାନଡ଼ିହି ଗ୍ରାମରେ ବଜ୍ରପାତ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଅଛନ୍ତି। ମୃତକମାନେ ହେଲେ ସୁଖଦେବ ବନଛୋର (୫୮), ନିରୋଜ କୁମ୍ଭାର (୨୫), ଧନୁର୍ଯ୍ୟ ନାୟକ (୪୫)। ଖବର ନେବାରୁ ଜଣାପଡ଼ିଛି ଦେଓ୍ୱାନଡ଼ିହି ଗାଁର ୫ ଜଣ



ପୁରୁଷ ଗାଁ ମୁଣ୍ଡ ବରଗଛ ମୂଳେ ବସି ଖଟି କରୁଥିବା ବେଳେ ଅପରାହ୍ଣ ପ୍ରାୟ ୩ଟା ସମୟରେ ହଠାତ ବର୍ଷା ଆସିବା କାରଣରୁ ସେମାନେ ଘରକୁ ଯାଇ ପାରି ନ ଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ହୋଇଛି। ସେହିପରି ମନିରାମ ଲୁହାର ଓ ବାଜେନମୁଣ୍ଡା ଗ୍ରାମର ବୃନ୍ଦାବନ ସାହୁ ଗୁରୁତର ଆହତ ହୋଇ ପଦ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଆହତମାନଙ୍କୁ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ପୁଟେଲଙ୍କ ଉପସ୍ଥିତିରେ ଚିକିତ୍ସା ଚାଲିଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଭାଜପା ନେତା ଗୋବର୍ଦ୍ଧନ ▶ପୃଷ୍ଠା-୯

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

### ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା

■ **ଭୁବନେଶ୍ୱର, ୨୬।୬ (ସମିସ):** ବଜ୍ରପାତରେ ୫ ଜଣଙ୍କ ମୃତ୍ୟୁ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହା ସହିତ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ମାଗଣାରେ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

**ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ**

# ରାଜ୍ୟ ବିକାଶ ଧାରା ଅବ୍ୟାହତ ଓ ନିର୍ବାଚନ ପ୍ରତିଶ୍ରୁତି ପୂରଣ ଆହ୍ୱାନ

■ **ଭୁବନେଶ୍ୱର, ୨୬।୬ (ସମିସ):** ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ବୁଧବାର ସନ୍ଧ୍ୟାରେ ପ୍ରଥମଥର ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ତିନିଦିନିଆ ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ଓ ତାଙ୍କର ଦୁଇ ସହଯୋଗୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକଡଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବେ। ଏହା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ।

ମିଳିଥିବା ସୂଚନା ଅନୁଯାୟୀ ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ଭେଟି ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡାଙ୍କ ସହ ଅନ୍ୟ ପ୍ରମୁଖ ବିଭାଗର ମନ୍ତ୍ରୀମାନଙ୍କୁ ଭେଟିବେ।

ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ବୁଦ୍ଧିଜୀବୀ ମହଲରେ ମିଶ୍ରିତ ମତ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ▶ପୃଷ୍ଠା-୯

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବହୁ କେନ୍ଦ୍ରମନ୍ତ୍ରୀଙ୍କ ସହ କରିବେ ସାକ୍ଷାତ**

**କେନ୍ଦ୍ରୀୟ ସହାୟତା ଓ ଅନୁଦାନ ବୃଦ୍ଧି ଲାଗି କରିବେ ଅନୁରୋଧ**

**ପ୍ରଧାନମନ୍ତ୍ରୀଙ୍କ ସହ ହେବ ବିସ୍ତୃତ ଆଲୋଚନା: କନକବର୍ଦ୍ଧନ**

# ବାପାକୁ ଜିଅନ୍ତା ଜାଳିଦେଲା ପୁଅ

■ **ବଲାଙ୍ଗିର, ୨୬।୬ (ସମିସ):** ଟିଟିଲାଗଡ଼ ଥାନା ଅଧୀନ ଦୋର୍ଲୋ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ୭୫ ବର୍ଷୀୟ ବାପା ଦେହରେ ପେଟ୍ରୋଲ ଢାଳି ଜିଅନ୍ତା ଜାଳି ଦେଇଛି ପୁଅ। ମୃତ ବ୍ୟକ୍ତିଙ୍କ ନାମ ଗୋପୀନାଥ ଭରାସାଗର। ହତ୍ୟା କରିବାପରେ ପୁଅ ମୋହନ ଫେରାର ହୋଇଯାଇଛି।

ସୂଚନା ଅନୁସାରେ ଗୋପୀନାଥ ଭରାସାଗର ୨ଟି ବିବାହ କରିଥିଲେ। ଉଭୟ ସ୍ତ୍ରୀଙ୍କଠାରୁ ୪ଟି ପୁଅ ଥିଲେ। ଜମିବାଡ଼ିକୁ ନେଇ ପରିବାରରେ ବିବାଦ ଲାଗି ରହିଥିଲା। ମୃତ ଗୋପୀନାଥ ଅଲେଖ ଧର୍ମାବଲମ୍ବୀ ହୋଇଥିବାରୁ ପ୍ରାୟ ୩ଟା ସମୟରେ ପାଖ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ନିର୍ଜନ ସ୍ଥାନ ଦେଖି ପୁଅ ମୋହନ ବୁଢ଼ା ବାପାକୁ ଧକ୍କା ମାରିଥିଲା। ସେ ତଳେ ପଡ଼ିଯିବାରୁ ପେଟ୍ରୋଲ ▶ପୃଷ୍ଠା-୯

**ପେଟ୍ରୋଲ ଢାଳି ନିଆଁ ଲଗାଇଥିଲା**

## ପିତୃହନ୍ତାକୁ ଆଜୀବନ ଜେଲ୍

■ **କଟକ, ୨୬।୬ (ସମିସ):** ଜଣେ ପିତୃହନ୍ତାକୁ ଆଜୀବନ କରାଦଣ୍ଡ ପ୍ରଦାନ କରିଛନ୍ତି କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍। ମୁରଲୀଧର ସାହୁଙ୍କ ହତ୍ୟା ଅଭିଯୋଗ ମାମଲାରେ ପୁଅ ସନ୍ତୋଷ ସାହୁ(୩୩)କୁ ଆଜୀବନ କାରାଦଣ୍ଡ ପ୍ରଦାନ କରିଛନ୍ତି କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସ୍ରୋତସ୍ୱିନୀ କର। ଆଇପିସିର ଦଫା ୩୦୨ରେ ସନ୍ତୋଷକୁ ଆଜୀବନ ସଶ୍ରମ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ମିଳିଛି।

ପ୍ରକାଶ ଯେ ୨୦୧୮, ଅଗଷ୍ଟ ୧୮ ରାତି ୮ଟା ସମୟରେ ଏହି ସମ୍ବେଦନଶୀଳ ଘଟଣା ଘଟିଥିଲା। ଓଡ଼ିଶା ହାଇକୋର୍ଟର କର୍ମଚାରୀ ଥିବା ▶ପୃଷ୍ଠା-୯

## ଜୁଲାଇ ତୃତୀୟ ସପ୍ତାହରେ ବଜେଟ ଅଧିବେଶନ

# ୨ ମାସ ପାଇଁ ଆସିବ କାମଚଳା ବଜେଟ

■ **ଭୁବନେଶ୍ୱର, ୨୬।୬ (ସମିସ):** ଜୁଲାଇ ମାସ ତୃତୀୟ ସପ୍ତାହରେ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବା ନେଇ ସୂଚନା ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋହନ ସରକାର ସଂଶୋଧିତ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିବେ। ସେହିପରି ଦୁଇମାସ ପାଇଁ ଗୃହରେ ଲେଖାନୁଦାନ (କାମଚଳା) ବଜେଟ ଆଗତ ହେବ। ଚଳିତଥର ସଂଶୋଧିତ ପୂର୍ଣ୍ଣାଙ୍ଗ ବଜେଟର ଆକାର ୨.୭୦ ଲକ୍ଷ କୋଟି ଟପିବା ନେଇ ଆକଳନ କରାଯାଉଛି।



ସୂଚନାଯୋଗ୍ୟ ଯେ ଗତ ଫେବ୍ରୁଆରୀ ୮ ତାରିଖରେ ବିଦାୟୀ ବିଜେଡି ସରକାର ଗୃହରେ ୨.୫୫ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ। ଏହାସହ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ପ୍ରଥମ ୪ ମାସ ପାଇଁ ଏଥିରୁ ୧.୧୮ ଲକ୍ଷ କୋଟି ଟଙ୍କାର ଲେଖାନୁଦାନକୁ ଆଗତ କରିଥିଲେ। ଫେବ୍ରୁଆରୀ ୯ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକକୁ ମଞ୍ଜୁରୀ ମିଳିଥିଲା। ଆସନ୍ତା ଜୁଲାଇ ୩୧ ତାରିଖ ଯାଏଁ କାମଚଳା ବଜେଟକୁ ଅନୁମୋଦନ ମିଳିଥିବାରୁ ଏହା ପୂର୍ବରୁ ମୋହନ ସରକାର ଆଣିବାକୁ ଥିବା କାମଚଳା ବଜେଟ ଗୃହର ଅନୁମୋଦନ ନେବା ଆବଶ୍ୟକ ହୋଇପଡ଼ିଛି। ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ ପାଇଁ ଅଧିକ ସମ୍ବଳ ଆବଶ୍ୟକତା ପଡ଼ିବା ନିଶ୍ଚିତ ହୋଇପଡ଼ିଛି। ତେଣୁ ବଜେଟର ଆକାର ବଢ଼ିବା ସୁନିଶ୍ଚିତ ବୋଲି ଅର୍ଥ ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଅର୍ଥ ବିଭାଗ ଲୋଡ଼ିଲା ତଥ୍ୟ

■ **ଭୁବନେଶ୍ୱର, ୨୬।୬ (ସମିସ):** ରାଜ୍ୟରେ ପ୍ରଥମଥର ସରକାରକୁ ଆସିବା ପରେ ବିଜେପି ନିଜର ପ୍ରଥମ ବଜେଟ ପାଇଁ କସରତ୍ ଆରମ୍ଭ କରିଛନ୍ତି। ବଜେଟକୁ ସବୁଦୃଷ୍ଟିରୁ ଲୋକାଭିମୁଖୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଥିବା ବେଳେ ଏନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏନେଇ ସମସ୍ତ ବିଭାଗକୁ ଚିଠି ଲେଖି ବଜେଟ ସମ୍ପର୍କିତ ପ୍ରସ୍ତାବ ଆସନ୍ତା ଜୁନ୍ ଶେଷ ସୁଦ୍ଧା ଦାଖଲ କରିବାକୁ କହିଛନ୍ତି। ୨୦୨୩-୨୪ ପାଇଁ ସଂଶୋଧିତ ଆକଳନ ଏବଂ ୨୦୨୪-୨୫ ପାଇଁ ବଜେଟ୍ ଆକଳନ ପ୍ରସ୍ତୁତି ପାଇଁ ଚଳିତ ମାସ ଶେଷ ସୁଦ୍ଧା ପ୍ରସ୍ତାବ ଦାଖଲ କରିବାକୁ ଶ୍ରୀ ଦେବ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ▶ପୃଷ୍ଠା-୯

**ଜୁନ୍ ୩୦ ମଧ୍ୟରେ ଦାଖଲ ନିର୍ଦ୍ଦେଶ**

## ଲୋକକଥା



କେଇଦିନ ହେଲା ରାମ ମନ୍ଦିର ହେ
ଗଳିଲାଣି କାଳେ ପାଣି
ଏଭଳିଆ କଥା ଶୁଣିଲା ବେଳକୁ
ଭକ୍ତ ହୃଦ ହୁଏ ହାଣି !
ଶହଶହ ଟଙ୍କା ଗଣି,
ମନ୍ଦିର ନାଁରେ ବାହା-ବାହା ନେଲେ
ରହିଲାକି ଏବେ ଠାଣି !!

# ଓଡ଼ିଶାରେ ବନ୍ଦ ହେବ ମଦ !

■ **ଭୁବନେଶ୍ୱର, ୨୬।୬ (ସମିସ):** ମଦମୁକ୍ତ ହେବ ଓଡ଼ିଶା। ମଦ ପ୍ରସ୍ତୁତି ଓ ବିକ୍ରି ଉପରେ ଲାଗିବ କଟକଣା। ରାଜ୍ୟରେ ନୂଆ ସରକାର ଗଠନ ପରଠାରୁ ଏପରି କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଧବାର ଏହା ଉପରେ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ। ଅନେକ ରାଜ୍ୟରେ ମଦ ଦୋକାନ ବନ୍ଦ କରାଯାଇଛି ଓ ରାଜ୍ୟ ସରକାର ଅନୁରୂପ ପ୍ରଚେଷ୍ଟା କରିବେ ବୋଲି ଉଲ୍ଲେଖ କରି ମଦ କାରବାର ବନ୍ଦ ନିମନ୍ତେ ପରୋକ୍ଷରେ ଇଙ୍ଗିତ ଦେଇଛନ୍ତି। ସେହିପରି ରାଜ୍ୟକୁ କିପରି ମଦମୁକ୍ତ କରାଯିବ ସେ ନେଇ ରାଜ୍ୟ ସରକାର କାର୍ଯ୍ୟ କରିବେ ବୋଲି ଶ୍ରୀ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ଓଡ଼ିଶାରେ ମଦ ବନ୍ଦ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାରେ ମଦ ବନ୍ଦ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସିଛି ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏହାକୁ ସମର୍ଥନ କରୁଛନ୍ତି। ମାତ୍ର ସାମାଜିକ ସୁରକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଏ ସମ୍ପର୍କରେ ଟିପ୍ପଣୀ ଦେଇଥିଲେ ହେଁ ଅବକାରୀ ମନ୍ତ୍ରୀ ବା ସମ୍ପୃକ୍ତ ବିଭାଗ ଏଥିନେଇ ନିରବତା ଅବଲମ୍ବନ କରିଛନ୍ତି। କେବଳ ସେତିକି ନୁହେଁ ନିଜର ଯୋଜନା, କାର୍ଯ୍ୟକ୍ରମ ଓ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନିମନ୍ତେ ରାଜ୍ୟ ସରକାରଙ୍କୁ ବିପୁଳ ଅର୍ଥର ଆବଶ୍ୟକତା ଥିବାବେଳେ ମଦ ବନ୍ଦ କରି ବର୍ଷକୁ ୮୦୦୦ କୋଟି ଟଙ୍କାର ରାଜସ୍ୱ ହାନୀକୁ ସହ୍ୟ କରିବାକୁ ସରକାର ପ୍ରସ୍ତୁତ ହେବେ କି ନାହିଁ ତାହା ପ୍ରଶ୍ନ ଉଠିଛି।



ରାଜ୍ୟର ରାଜସ୍ୱ କ୍ଷେତ୍ରରେ ଅବକାରୀ ବିଭାଗର ଏକ ବଡ଼ ଭୂମିକା ରହିଛି। ଖଣି କ୍ଷେତ୍ର ପରେ ରାଜ୍ୟ ରାଜକୋଷକୁ ଅବକାରୀ ବିଭାଗରୁ ବିପୁଳ ରାଜସ୍ୱ ଆସିଥାଏ। ଏହି ବିଭାଗର ରାଜସ୍ୱ ପରିମାଣ ପ୍ରତିବର୍ଷ ବଢ଼ିବଢ଼ି ଚାଲିଛି ଏବଂ ଏହାର ସିଂହଭାଗ କେବଳ ମଦରୁ ଆଦାୟ ହେଉଛି। ୨୦୨୨-୨୩ରେ ରାଜ୍ୟରେ ଅବକାରୀ ରାଜସ୍ୱ ପରିମାଣ ୬୪୫୫ କୋଟି ଟଙ୍କା ଥିବାବେଳେ ୨୦୨୩-୨୪ରେ ଏହା ୭୮୦୦ କୋଟିରେ ପହଞ୍ଚିଛି। ପୂର୍ବ ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ଅନ୍ୟୂନ ୮୫୦୦ କୋଟି ଟଙ୍କା ହେବ ବୋଲି ଆକଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଦ ନିଷେଧ କରି ରାଜ୍ୟ ସରକାର କିଭଳି ଆର୍ଥିକ ଭାରକୁ ସମ୍ଭାଳିବେ ସେ ନେଇ ପ୍ରଶ୍ନ ଉଠିଲାଣି।

ଅନ୍ୟପକ୍ଷରେ ମଦ ବନ୍ଦ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅନେକାଂଶରେ କୁହାଯାଉଥିଲେ ହେଁ; ଏହାକୁ ବାସ୍ତବରେ କାର୍ଯ୍ୟକାରୀ କରାଯିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ମନେହୁଏ। ବିହାର, ଗୁଜରାଟ ପରି କିଛି ରାଜ୍ୟରେ ଯଦିଓ ମଦ ନିଷେଧ କରାଯାଇଛି, ତଥାପି ରାଜ୍ୟରେ ଚୋରା ମଦ କାରବାରକୁ ରୋକିବା ସମ୍ଭବପର ▶ପୃଷ୍ଠା-୯

## ସମିତିସଭ୍ୟାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

■ **ଗୁମ୍ମା, ୨୬।୬(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତର ସମିତି ସଭ୍ୟା ପାର୍ବତୀ ଗମାଙ୍ଗ(୩୩)ଙ୍କ ଝୁଲନ୍ତା ମୃତଦେହକୁ ସେରଙ୍ଗ ପୁଲିସ ଉଦ୍ଧାର କରିଛି। ଜବତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁଲିସ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପାରିବାରିକ କଳହ କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ପ୍ରଥମେ ସନ୍ଦେହ କରୁଥିଲା। କିନ୍ତୁ ମୃତକଙ୍କ ଭାଇ ଯକ୍ଷ କାର୍ଯୀ ତାଙ୍କ ଭଉଣୀଙ୍କ ମୃତ୍ୟୁ ସନ୍ଦେହଜନକ ବୋଲି ସେରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ସେରଙ୍ଗ ଥାନାରେ ପୁଲିସ ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବାର ଥାନା ଅଧିକାରୀ ନଳନୀ କହଁର ସୂଚନା ଦେଇଛନ୍ତି।




ସକାଳ
THE SAKALA
www.sakalaepaper.com

## ଏମ୍‌ବିବିଏସ୍ ଛାତ୍ରଙ୍କୁ ର୍‍ୟାଗିଂ

# ବୃକ୍କ, ଯକୃତ ନଷ୍ଟ; କରାଗଲା ଡାଏଲିସିସ୍

ଜୟପୁର, ୨୬।୬ (ଏଜେନ୍ସି): ରାଜସ୍ଥାନରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି । ଡୁଙ୍ଗରପୁର ମେଡିକାଲ କଲେଜର ଏମ୍‌ବିବିଏସ୍ ପ୍ରଥମ ବର୍ଷର ୫୦ରୁ ଅଧିକ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଛି । ସୂଚନା ଅନୁଯାୟୀ ବରିଷ୍ଠ ଛାତ୍ର (ଦ୍ୱିତୀୟ ବର୍ଷ)ର ମାନେ ପ୍ରଥମ ବର୍ଷର ଛାତ୍ରଙ୍କୁ କଲେଜ ନିକଟରେ ଥିବା ଏକ ପାହାଡ଼କୁ ଡାକିଥିଲେ । ସେଠାରେ ସମସ୍ତଙ୍କୁ ୩୦୦ରୁ ଅଧିକ ଥର ବସ୍‌ଉଠ କରାଇ ଥିଲେ । ଏହା ଦ୍ୱାରା ଜଣେ ଛାତ୍ରଙ୍କ ବୃକକ ଏବଂ ଯକୃତ ଖରାପ ହୋଇଯାଇଛି । ଆଉ ଜଣେ ଯୁବକ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୋଟ ୪ ଜଣ ଅସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ



ଅଭିଯୋଗ ହେବା ପରେ ଦ୍ୱିତୀୟ ବର୍ଷର ୭ ଛାତ୍ରଙ୍କୁ କଲେଜରୁ ନିଲମ୍ବନ କରିଦିଆଯାଇଛି । ଏମାନଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି । ମେଡିକାଲ କଲେଜର ଅଧ୍ୟକ୍ଷ ଏସ ବାଲା ମରଗୁନଭେଲୁ ଏହି ସୂଚନା ଦେଇଛନ୍ତି ।

ସଦର ଥାନାଧିକାରୀ ଗିରିଧାରୀ ସିଂହ କହିଛନ୍ତି ଯେ ଏହି ମାମଲା ଦେଢ଼ ମାସ ତଳର (ମେ' ୧୫) । ପ୍ରଥମ ବର୍ଷର ଛାତ୍ର ହର୍ଷିତ ଖନ୍ନାଙ୍କ ସହ ର୍‍ୟାଗିଂ ହୋଇଥିଲା । ଦ୍ୱିତୀୟ ବର୍ଷର ଛାତ୍ର ଦେବେନ୍ଦ୍ର ମିନା, ଅଙ୍କିତ ଯାଦବ, ରବିନ୍ଦ୍ର କୁଲରିୟା, ସୁରଜିତ, ବିଷ୍ଣେନ୍ଦ୍ର ଧାୟଲ, ସିଦ୍ଧାର୍ଥ ପରିବାର ଏବଂ ଅମନ ରାଗେରା ତାଙ୍କୁ ର୍‍ୟାଗିଂ କରିଥିଲେ । ଡୁଙ୍ଗରପୁର ହସ୍ପିଟାଲରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ପରିବାର ସଦସ୍ୟ ତାଙ୍କୁ ଗୁଜରାଟର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଏ ପର୍ଯ୍ୟନ୍ତ ହର୍ଷିତଙ୍କ ୪ ଥର ଡାଏଲିସିସ ହେଲାଣି । ପୀଡ଼ିତଙ୍କ ସୂଚନା ଅନୁଯାୟୀ ତାଙ୍କ ସହ ପ୍ରଥମ ବର୍ଷର ୫୦ରୁ ଅଧିକ ଛାତ୍ର ଥିଲେ । ଦ୍ୱିତୀୟ ବର୍ଷର ୪୦ରୁ ଅଧିକ ବରିଷ୍ଠ ଛାତ୍ର ସମସ୍ତଙ୍କୁ ର୍‍ୟାଗିଂ କରିଥିଲେ ।

# ହିଜାବ ନିଷିଦ୍ଧ ମାମଲାରେ ହସ୍ତକ୍ଷେପକୁ ହାଇକୋର୍ଟଙ୍କ ନା



ମୁମ୍ବାଇ, ୨୬।୬(ଏଜେନ୍ସି): ମହାରାଷ୍ଟ୍ରର ଚେମ୍ବୁର ଟ୍ରମ୍ବେ ଏଜୁକେସନ ସୋସାଇଟିର ଏନ୍‌ଜି ଆଚାର୍ଯ୍ୟ ଓ ଡି କେ ମରାଠେ କଲେଜ ଲାଗୁ କରିଥିବା ଡ୍ରେସ୍ କୋଡ୍‌କୁ ବିରୋଧ କରି ଦାଖଲ କରାଯାଇଥିବା ପିଟିସନ୍‌ର ବିଚାର କରିବାକୁ ବମ୍ବେ ହାଇକୋର୍ଟ ରାଜି ହୋଇନାହାନ୍ତି । ଜଷ୍ଟିସ୍ ଏଏସ୍ ଚନ୍ଦୁରକର ଓ ଜଷ୍ଟିସ୍ ରାଜେଶ ପାଟିଲଙ୍କ ଡିଭିଜନ୍ ବେଞ୍ଚ କହିଛନ୍ତି, କଲେଜ ଡ୍ରେସ୍ କୋଡ୍ ପ୍ରସଙ୍ଗରେ ହସ୍ତକ୍ଷେପ କରିବେ ନାହିଁ । କଲେଜ ତରଫରୁ ଲାଗୁ କରାଯାଇଥିବା ଡ୍ରେସ୍ କୋଡ୍ ଅନୁଯାୟୀ,ବିଦ୍ୟାର୍ଥୀ ଓ କର୍ମଚାରୀ ହିଜାବ, ନକାବ, ବୁର୍ଖା, ଷ୍ଟୋଲସ୍, କ୍ୟାପ୍ ଓ ବେଡଜ୍ ଆଦି ପିନ୍ଧିବେନି କି ଲଗାଇପାରିବେ ନାହିଁ । ଏହାକୁ ବିରୋଧ କରି ୯ ଜଣ ଛାତ୍ରୀ ହାଇକୋର୍ଟରେ ଏକ ପିଟିସନ୍ ଦାଖଲ କରିଥିଲେ ।

## ନାଟୋ ମୁଖ୍ୟ ହେବେ ମାର୍କ ରୁଟ୍

ବ୍ରୁସେଲ୍ସ, ୨୬।୬ (ଏଜେନ୍ସି): ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ମାର୍କ ରୁଟ୍ ବିଶ୍ୱର ସବୁଠାରୁ ବଡ଼ ସାମରିକ ସଙ୍ଗଠନ



ନାଟୋର ମହାସଚିବ ହେବାକୁ ଯାଉଛନ୍ତି । ଏଥିପାଇଁ ସେ ରୋମାନିଆ ପ୍ରଧାନମନ୍ତ୍ରୀ କ୍ଲୋସ୍ ଲୋହନିସଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ତେବେ ସେ ଗତ ସପ୍ତାହରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିଲେ । ରୁଷ୍-ୟୁକ୍ରେନ ଯୁଦ୍ଧକୁ ନେଇ ନାଟୋ ସାମ୍ନାରେ ବଡ଼ ଆହ୍ୱାନ ସୃଷ୍ଟି ହୋଇଥିବାବେଳେ ମାର୍କ ରୁଟ୍‌ଙ୍କ ମହାସଚିବ ଭାବେ ଶପଥ ନେବାକୁ ଯାଉଛନ୍ତି । ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହେବ । ଏହା ପରେ ଅକ୍ଟୋବର ୧ରୁ ସେ ନାଟୋ ଦାୟିତ୍ୱ ନେବେ ।

## ପ୍ରଥମ ଦିନରୁ ବିବାଦରେ ବାଚସ୍ପତି

# ଅଭିନନ୍ଦନ ପରେ ବିରୋଧ

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି):



**କଳାଦିନ ଥିଲା ଜରୁରୀ ପରିସ୍ଥିତି: ବାଚସ୍ପତି**
**'ଓମ୍ ବିର୍ଲା ବିଜେପିର ଏଜେଣ୍ଡା ଚଳାଉଛନ୍ତି'**
**ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ଗୃହ ମୁଲତବୀ**

କ୍ରମାଗତ ଦ୍ୱିତୀୟ ଥର ଓମ୍ ବିର୍ଲା ବାଚସ୍ପତି ନିର୍ବାଚିତ ହୋଇଛନ୍ତି । ନିର୍ବାଚନରେ ଧ୍ୱନିମତରେ ବିଜୟୀ ହେବା ପରେ ବିରୋଧୀ ଏବଂ ଶାସକ ଦଳର ସଦସ୍ୟ ବାଚସ୍ପତିଙ୍କୁ ସ୍ୱାଗତ କରି ଆସନ ନିକଟକୁ ପାଛୋଟି ନେଇଥିଲେ । ଏହି ସମୟରେ ଗୃହ କରତାଳି ଏବଂ ହାସ୍ୟରୋଳରେ ଗୁଞ୍ଜି ଉଠିଥିଲା । ସମସ୍ତେ ନୂଆ ବାଚସ୍ପତିଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ମାତ୍ର ଏହି ଖୁସି କିଛି ସମୟ ପାଇଁ ରହିଥିଲା । ଅଭିନନ୍ଦନ ପରେ ବିରୋଧୀ ବାଚସ୍ପତିଙ୍କୁ ବିରୋଧ କରିଥିଲେ । ୧୮ ତମ ଲୋକସଭାରେ ନିଜର ପ୍ରଥମ ଦିନରେ ଅଭିଭାଷଣ ଦେଇ ବାଚସ୍ପତି ଓମ୍ ବିର୍ଲା ଜରୁରୀକାଳୀନ ପରିସ୍ଥିତିକୁ ଇତିହାସର ସବୁଠାରୁ କଳା ଦିନ ବୋଲି କହିଥିଲେ । ୨ ମିନିଟ ପର୍ଯ୍ୟନ୍ତ ମୌନ ରହିବାକୁ ସଦସ୍ୟଙ୍କୁ କହିଥିଲେ । ୧୯୭୫ ଜୁନ୍ ୨୫ରେ ନିଆଯାଇଥିବା ଏହି ନିଷ୍ପତ୍ତିକୁ ଗୃହ ତୀବ୍ର ବିରୋଧ କରୁଛି । ସେ ସମୟରେ ଏହାକୁ ବିରୋଧ କରିଥିବା ଲୋକଙ୍କୁ ପ୍ରଶଂସା କରାଯାଉଛି । ଏହି ଦିନରେ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ସ୍ଥିତି ଲଗାଇ ବାବା ସାହେବ ଆମ୍ବେଦକରଙ୍କ ସମ୍ବିଧାନ ଉପରେ ଆକ୍ରମଣ କରିଥିଲେ । ଭାରତ ସାରା ବିଶ୍ୱରେ ଗଣତନ୍ତ୍ରର ଜନନୀ ଭାବେ ପରିଚିତ । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଦେଶ ସବୁବେଳେ ସମ୍ମାନ କରିଆସିଛି । ସେତେବେଳେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଏକଛତ୍ରବାଦ ଲଦି ଦିଆଯାଇଥିଲା । ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତପ୍ରକାଶର ସ୍ୱାଧୀନତାକୁ ହତ୍ୟା କରାଯାଇଥିଲା । ମାତ୍ର ବାଚସ୍ପତିଙ୍କ ଏହି ମନ୍ତବ୍ୟକୁ ନେଇ ବିରୋଧୀ ସଦସ୍ୟ ହଙ୍ଗାମା ଆରମ୍ଭ କରିଦେଇଥିଲେ । ବାଚସ୍ପତି ବିଜେପିର ଏଜେଣ୍ଡା ଚଳାଉଛନ୍ତି ବୋଲି କହିଥିଲେ । ବିରୋଧୀଙ୍କ ବିରୋଧ ବନ୍ଦ ନ ହେବାରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ (ଗୁରୁବାର) ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଦେଇ ଥିଲେ । ସୂଚନାଯୋଗ୍ୟ ଯେ ବିଜେପିର ପ୍ରଥମ ସାଂସଦ ଭାବେ ଓମ୍ ବିର୍ଲା କ୍ରମାଗତ ଦ୍ୱିତୀୟଥର ପାଇଁ ବାଚସ୍ପତି ହୋଇଛନ୍ତି । ସେ ରାଜସ୍ଥାନ କୋଟାରୁ ତୃତୀୟ ଥର ପାଇଁ ବିଜୟୀ ହୋଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖର ମଧ୍ୟ ରାଜସ୍ଥାନରୁ ଆସୁଛନ୍ତି ।

ବାଚସ୍ପତି ନିର୍ବାଚନ ସରିବା ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟାଦଶ ଲୋକସଭାକୁ ସମ୍ବୋଧନ କରିଥିଲେ । ବାଚସ୍ପତିଙ୍କ ମିଠା ହସ ଗୃହକୁ ଖୁସି କରିଦେବ ବୋଲି କହିଥିଲେ । ସେହିପରି ରାହୁଲ ଗାନ୍ଧୀ କହିଥିଲେ ଯେ ବାଚସ୍ପତି ବିରୋଧୀଙ୍କ ସ୍ୱରକୁ ଚପାଇବାକୁ ଦେବେ ନାହିଁ ବୋଲି ଆଶା କରୁଛୁ ।

## ତିନି ଦିନ ପାଇଁ ସିବିଆଇ ହେପାଜତକୁ ଗଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ମଦ ନୀତି ଦୁର୍ନୀତି ମାମଲାରେ ସିବିଆଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଟ୍ରାଏଲ କୋର୍ଟ ବୁଧବାର ତିନି ଦିନ ପାଇଁ ସିବିଆଇ ରିମାଣ୍ଡକୁ ପଠାଇ ଦେଇଛି । ଏହା ପୂର୍ବରୁ ସିବିଆଇ ବୁଧବାର ସକାଳେ କେଜ୍ରିୱାଲଙ୍କୁ ଗିରଫ କରିଥିଲା । ତାଙ୍କୁ କୋର୍ଟରେ ଉପସ୍ଥାପନ କରି ୫ ଦିନ ପାଇଁ ହେପାଜତ ମାଗିଥିଲା । କୋର୍ଟ ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ବିତର୍କ ଶୁଣିବା ପରେ ସନ୍ଧ୍ୟା ୭ଟାରେ ନିଷ୍ପତ୍ତି ଶୁଣାଇ ଥିଲେ । ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଶୁଣାଣି ସମୟରେ କେଜ୍ରିୱାଲ କହିଥିଲେ ଯେ ସିସୋଦିଆଙ୍କ ଉପରେ ସେ ମଦ ନୀତି ଅଭିଯୋଗ ଲଗାଇଥିବା ଗଣମାଧ୍ୟମରେ କୁହାଯାଉଛି । ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍ । କେହି ଦୋଷୀ ନୁହଁନ୍ତି ବୋଲି ସେ କହିଥିଲେ । ଏହା ଉପରେ ସିବିଆଇ ଓକିଲ କହିଥିଲେ ଯେ ଗଣମାଧ୍ୟମରେ ଯାହା ଚଲାଯାଉଛି ତାହା ଠିକ୍ । ସବୁ ତଥ୍ୟ ଆଧାରିତ । ତେବେ ଶୁଣାଣି ପୂର୍ବରୁ କୋର୍ଟରେ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା ।

## ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିପାତ

ଶ୍ରୀନଗର, ୨୬।୬ (ଏଜେନ୍ସି): ଜମ୍ମୁ-କାଶ୍ମୀର ଡୋଡା ଜିଲ୍ଲା ଗଣ୍ଡୋହ ଅଞ୍ଚଳରେ ସୁରକ୍ଷାବାହିନୀ ବୁଧବାର ତିନି ଆତଙ୍କବାଦୀଙ୍କୁ ନିପାତ କରିଛି । ଏହି ଏନ୍‌କାଉଣ୍ଟରରେ ସ୍ପେସିଆଲ ଅପରେସନ ଗ୍ରୁପର ଯବାନ ଆଶିକ ହୁସେନ ମଧ୍ୟ ଆହତ ହୋଇଛନ୍ତି । ଡୋଡାର ସରକାରୀ ମେଡିକାଲରେ ତାଙ୍କର ଚିକିତ୍ସା ଜାରି ରହିଛି । ତାଙ୍କ ପାଦରେ ଗୁଳି ବାଜିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ସକାଳେ ଅଞ୍ଚଳରେ ୨ରୁ ୩ ଆତଙ୍କବାଦୀ ଲୁଚି ରହିଥିବା ନେଇ ସୂଚନା ମିଳିଥିଲା । ଏହା ପରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଗତ ୧୧ ଏବଂ ୧୨ ତାରିଖରେ ଡୋଡାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରଠାରୁ ସେନା, ସିଆରପିଏଫ ଏବଂ ପୁଲିସର ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ତଲାସୀ ଅଭିଯାନ ଜାରି ରଖିଛି ।

## ଟିକସ ବିଲ୍ ପ୍ରତ୍ୟାହାର କଲା କେନିଆ

ନୈରୋବୀ, ୨୬।୬ (ଏଜେନ୍ସି): ଉଗ୍ର ବିକ୍ଷୋଭ ପ୍ରଦର୍ଶନ ଏବଂ ହିଂସା ପରେ କେନିଆ ସରକାର ଲୋକଙ୍କ ଆଗରେ ନଇଁ ଯାଇଛନ୍ତି । ନୂଆ ଟିକସ ବିଲ୍‌କୁ ସରକାର ପ୍ରତ୍ୟାହାର କରି ନେଇଛନ୍ତି । କେନିଆ ରାଷ୍ଟ୍ରପତି ୱିଲିୟମ ରୁଟୋ ଷ୍ଟେଟ୍ ହାଉସରୁ ବିଲ୍ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି । ଏହି ବିରୋଧରେ ମଙ୍ଗଳବାର ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇ ସଂସଦରେ ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ । ଏହି ସମୟରେ ପୁଲିସ ଗୁଳିମାଡ଼ରେ ୫ ଜଣ ପ୍ରାଣ ହରାଇଥିବାବେଳେ ୩୧ ଜଣ ଆହତ ହୋଇଥିଲା । କେନିଆ ହିଂସାକୁ ଦେଖି ଭାରତୀୟ ଦୂତାବାସ ପକ୍ଷରୁ ନାଗରିକଙ୍କ ପାଇଁ ଆଜି ମାର୍ଗଦର୍ଶିକା ଜାରି କରି ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ଜରୁରୀ ନ ହେଲେ ଘରୁ ନ ବାହାରିବା ପାଇଁ ଏବଂ ହିଂସାଗ୍ରସ୍ତ ଅଞ୍ଚଳକୁ ନ ଯିବାକୁ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି ।

## ସାମ୍ ପିତ୍ରୋଡା ପୁଣି ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ସାମ୍ ପିତ୍ରୋଡା ପୁଣି ଓଭରସିଜ୍ କଂଗ୍ରେସର ଅଧ୍ୟକ୍ଷ ହୋଇଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ପିତ୍ରୋଡାଙ୍କୁ ପୁନଃ ନିଯୁକ୍ତି ଦେଇଛନ୍ତି । ଏହା ପୂର୍ବରୁ ଗତ ମେ'ରେ ଭାରତୀୟଙ୍କୁ ନେଇ ପିତ୍ରୋଡା ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏହାକୁ ତୀବ୍ର ସମାଲୋଚନା କରାଯାଇଥିଲା । ସେ କହିଥିଲେ ଯେ ଭାରତର ପୂର୍ବରେ ରହୁଥିବା ନାଗରିକ ଚାଇନିଜ୍ ଭଳି ଏବଂ ପଶ୍ଚିମରେ ରହୁଥିବା ନାଗରିକ ଆରବଙ୍କ ଭଳି ଦେଖାଯାନ୍ତି । ସେହିପରି ଉତ୍ତରରେ ରହୁଥିବା ଲୋକ ଶ୍ୱେତ ଓ ଦକ୍ଷିଣରେ ରହୁଥିବା ଲୋକ ଆଫ୍ରିକୀୟଙ୍କ ଭଳି ଦେଖାଯାନ୍ତି । ଏହି ମନ୍ତବ୍ୟ ପାଇଁ କଂଗ୍ରେସ ଅଡୁଆରେ ପଡ଼ିଥିଲା । ବିବାଦ ବଢୁଥିବା ଦେଖି ସାମ ପିତ୍ରୋଡା ଇଣ୍ଡିଆନ ଓଭରସିଜ କଂଗ୍ରେସର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ ।

## କର୍ଣ୍ଣାଟକରେ ଆଉ ତିନି ଉପ-ମୁଖ୍ୟମନ୍ତ୍ରୀ ଦାବି

ବେଙ୍ଗାଲୁରୁ, ୨୬।୬ (ଏଜେନ୍ସି): କର୍ଣ୍ଣାଟକରେ ଆଉ ତିନି ଉପ-ମୁଖ୍ୟମନ୍ତ୍ରୀ ବନାଇବାକୁ ଦାବି ହେଉଛି । ରାଜ୍ୟର କିଛି ମନ୍ତ୍ରୀ ବିରାଶୈବା-ଲିଙ୍ଗାୟତ, ଏସ୍‌ସି/ଏସ୍‌ଟି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ନେତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ବନାଇବାକୁ ପ୍ରସ୍ତାବ ଦେଇଛନ୍ତି । କଂଗ୍ରେସ ହାଇକମାଣ୍ଡ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି । ଏବେ ଭୋକ୍କାଲିଗା ସମ୍ପ୍ରଦାୟରୁ ଡିକେ ଶିବକୁମାର ଉପ-ମୁଖ୍ୟମନ୍ତ୍ରୀ ଅଛନ୍ତି । ସମବାୟ ମନ୍ତ୍ରୀ କେଏନ ରାଜନ୍ନା, ହାଉସିଂ ମନ୍ତ୍ରୀ ବିଜେଡ ଜମିର ଅହମ୍ମଦ ଖାନ, ପୂର୍ତ୍ତ ବିଭାଗମନ୍ତ୍ରୀ ଜାରକୋହୋଲି ସମେତ ଅନେକ ନେତା ଚଳିତ ସପ୍ତାହରେ ଆଉ ତିନି ମୁଖ୍ୟମନ୍ତ୍ରୀ ରଖିବା ମାମଲା ଉଠାଇ ଥିଲେ । ଏମାନେ ସମସ୍ତେ ସିଦ୍ଧରମୈୟାଙ୍କ ଘନିଷ୍ଠ ବୋଲି କୁହାଯାଉଛି । ରାଜ୍ୟର କିଛି କଂଗ୍ରେସ ନେତା କହୁଛନ୍ତି ଯେ ଶିବକୁମାରଙ୍କୁ ନିୟନ୍ତ୍ରଣରେ ରଖିବାକୁ ଏବଂ ଦଳରେ ତାଙ୍କ କର୍ତ୍ତୃତ୍ୱ ହ୍ରାସ କରିବାକୁ ସିଦ୍ଧରମୈୟା ଗୋଷ୍ଠୀ ଏହି ଯୋଜନା କରିଛି । କାରଣ ସରକାରକୁ ୨.୫ ବର୍ଷ ପୂରିଲେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଦାବି ଉପସ୍ଥାପନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

# ବର୍ଷାରେ ବୁଡ଼ିଲା ରାମଙ୍କ ନଗରୀ

ଅଯୋଧ୍ୟା, ୨୬।୬ (ଏଜେନ୍ସି): ମୌସୁମୀ ବାୟୁ ଲଳିତପୁର ଦେଇ ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶରେ ପ୍ରବେଶ କରିଛି । ଏହା ପ୍ରଭାବରେ ବୁଧବାର ସକାଳଠାରୁ ୨୦ ଜିଲ୍ଲାରେ ଭୀଷଣ ବର୍ଷା ଜାରି ରହିଛି । ଭଗବାନ ରାମଙ୍କ ନଗରୀ ଅଯୋଧ୍ୟା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ଅଯୋଧ୍ୟାରେ ଏତେ ବର୍ଷା ହୋଇଛି ଯେ ନଗରୀ ଜଳମୟ ହୋଇଯାଇଛି । ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ରାସ୍ତାଘାଟ ବୁଡ଼ି ଯାଇଛି । ଲୋକଙ୍କ ଘରେ ପାଣି ପଶି ଯାଇଛି । ୩ରୁ ୪ ଫୁଟ ପର୍ଯ୍ୟନ୍ତ ପାଣି ଜମା ହୋଇଛି । ଖଟ, ଆଦି ଆସବାବପତ୍ର ବୁଡ଼ି ଯାଇଛି । ଲୋକେ ଯେନତେନ ପ୍ରକାରରେ ଫ୍ରିଜ, କୁଲର ଆଦିକୁ ସୁରକ୍ଷିତ ରଖିଛନ୍ତି । ହନୁମାନଗଡ଼ି ନିକଟସ୍ଥ ରାମପଥ ପାଣିରେ ବୁଡ଼ିଯାଇଛି । ଲୋକେ ଏହାକୁ ନେଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାମପଥର ବିକାଶ ଭାସୁଛି ବୋଲି ଲୋକେ କହୁଛନ୍ତି । ଏହା ପୂର୍ବରୁ ପ୍ରବଳ ବର୍ଷାରେ ରାମଲାଲାଙ୍କ ମନ୍ଦିରରେ ପାଣି ପଶି ଯାଇଥିଲା ।



**ଅଯୋଧ୍ୟାରେ ବିକାଶ ଭାସୁଛି**

ଗର୍ଭଗୃହରେ ପାଣି ଜମା ହୋଇଥିବାରୁ ଲାଇଟ୍ ନ ଲଗାଇ ପୂଜା କରାଯାଇଥିଲା । ଏହାକୁ ନେଇ ସରକାର ଏବଂ ଟ୍ରଷ୍ଟକୁ ସମାଲୋଚନା କରିଥିଲା ।

## ରିପୋର୍ଟରେ ଦାବି; ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଦେଇଛି ଭାରତ

# ୧୫୦୦ କେଜି ବିସ୍ଫୋରକ, ୧୨ ଟନ୍ ରକେଟ୍

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି):

ଆତଙ୍କବାଦୀ ସଂଗଠନ ହମାସ ବିରୋଧୀ ଯୁଦ୍ଧ ମଧ୍ୟରେ ଭାରତ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ରପ୍ତାନୀ କରିଛି । କାତାର ଗଣମାଧ୍ୟମ ଅଲ୍‌ଜଜିରା ପକ୍ଷରୁ ଏହି ଦାବି କରାଯାଇଛି । ରିପୋର୍ଟ ଅନୁଯାୟୀ ଭାରତ ୨୦ ଟନ୍ ରକେଟ ଇଞ୍ଜିନ, ୧୨.୫ ଟନ୍ ବିସ୍ଫୋରକ ଚାର୍ଜ ଥିବା ରକେଟ୍, ୧୫୦୦ କେଜି ବିସ୍ଫୋରକ ସାମଗ୍ରୀ ଏବଂ ୭୪୦ କେଜି ଗୋଳାବାରୁଦ ଇସ୍ରାଏଲ ପଠାଇଛି । ମେ' ୧୫ରେ ବୋରକମ୍ ନାମକ ଏକ କାର୍ଗୋ ଜାହାଜ ସ୍ପେନ ଉପକୂଳରେ ପହଞ୍ଚି ଥିଲା । ଏଠାରେ କିଛି ପ୍ରଦର୍ଶନକାରୀ ପାଲେଷ୍ଟାଇନ ପତାକା ହାତରେ ଧରି ଜାହାଜର ତଲାସୀ ନେବାକୁ ଦାବି କରିଥିଲେ । ୟୁରୋପୀୟ ସଂଘ (ଇୟୁ) ସଂସଦର ବାମପନ୍ଥୀ ସଦସ୍ୟମାନେ ଏହି ଜାହାଜକୁ ଅଟକିବାକୁ ଅନୁମତି ନ ଦେବା ପାଇଁ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜଙ୍କୁ ନିବେଦନ କରିଥିଲେ । ତେବେ ସ୍ପେନ୍ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ଜାହାଜ ସ୍ଲୋଭେନିଆର କୋପର ଉପକୂଳକୁ ଚାଲି




**ଚେନ୍ନଇରୁ ଇସ୍ରାଏଲ ଉପକୂଳରେ ପହଞ୍ଚି ଥିଲା ଜାହାଜ**

ଯାଇଥିଲା । ସ୍ପେନ୍‌ର ବାମପନ୍ଥୀ ସମର ପାର୍ଟି ପକ୍ଷରୁ କୁହାଯାଇଥିଲା ଯେ ଅସ୍ତ୍ରଶସ୍ତ୍ର ଲଦା ହୋଇଥିବାରୁ ଜାହାଜ ଦେଶର ଉପକୂଳରୁ ପଳାଇ ଥିଲା । ଏବେ ଅଲଜଜିରା ଏହି ଦାବି ବିଷୟରେ ସୂଚନା ଦେଇଛି ।

ସୂଚନା ଅନୁଯାୟୀ ବୋରକମ୍ ଜାହାଜ ଏପ୍ରିଲ ୨ରେ ଚେନ୍ନଇ ଉପକୂଳରୁ ବାହାରି ଥିଲା । ଏହା ଇସ୍ରାଏଲର ଅସଦୋଦ ବନ୍ଦରରେ ପହଞ୍ଚି ଥିଲା । ଏହି ବନ୍ଦର ଗାଜା ଷ୍ଟ୍ରିପ୍‌ରୁ ମାତ୍ର ୩୦ କିମି ଦୂରରେ ରହିଛି । ମରିନ୍ ଟ୍ରାକିଂ ୱେବସାଇଟର ସୂଚନା ଆଧାରରେ କୁହାଯାଇଛି ଯେ ହୁତି ବିଦ୍ରୋହୀଙ୍କ ଆକ୍ରମଣ ଭୟରେ ଏହି ଜାହାଜ ଲୋହିତ ସାଗର ଦେଇ ଇସ୍ରାଏଲରେ ପହଞ୍ଚି ନ ଥିଲା । ରିପୋର୍ଟ ଅନୁଯାୟୀ ଜାହାଜର କ୍ରୁ (ଚାଳକ ଦଳ) ସଦସ୍ୟଙ୍କ ସହିତ ସମସ୍ତ କର୍ମଚାରୀ ଏବଂ ରପ୍ତାନୀ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । କୌଣସି ସ୍ଥିତିରେ ଇସ୍ରାଏଲ କିମ୍ବା ସେଠାକାର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ କମ୍ପାନୀ ଆଇଏମଆଇର ନାମ ନ ନେବାକୁ କୁହାଯାଇଥିଲା । ଏହା ପରେ ମେ' ୨୧ରେ ଭାରତର ଏକ କାର୍ଗୋ ଜାହାଜକୁ ସ୍ପେନ୍‌ର କାର୍ଟାଜିନା ବନ୍ଦରରେ ଅଟକିବାକୁ ଅନୁମତି ମିଳି ନ ଥିଲା । ସ୍ପେନିସ ଖବରକାଗଜ 'ଏଲ୍ ପାଇସ' ଅନୁଯାୟୀ ମେରିଏନ ଡେନିକା ନାମକ ଜାହାଜ ୨୭ ଟନ୍ ବିସ୍ଫୋରକ ସାମଗ୍ରୀ ଧରି ଇସ୍ରାଏଲର ହାଇଫା ବନ୍ଦରରେ ପହଞ୍ଚି ଥିଲା । ନୁସିରତ କ୍ୟାମ୍ପ ଉପରେ ଇସ୍ରାଏଲ କରିଥିବା ଆକ୍ରମଣରେ ଭାରତରେ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର ହୋଇଥିବା ନେଇ ଦାବି କରାଯାଇଥିଲା ।

## ଔଷଧ କାରଖାନାରେ ବିସ୍ଫୋରଣ

# ୪ ଜୀବନ୍ତ ଦଗ୍ଧ



ଜୟପୁର, ୨୬।୬ (ଏଜେନ୍ସି): ରାଜସ୍ଥାନ ଭିୱାଡ଼ି ଶିଳ୍ପାଞ୍ଚଳରେ ଥିବା ଏକ ଔଷଧ ଏବଂ ରାସାୟନିକ ବନାଉଥିବା କାରଖାନା (ବର୍ତ୍ତିକା କେମିକାଲ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ୍ସ) ରେ ମଙ୍ଗଳବାର ସନ୍ଧ୍ୟାରେ ଭୟଙ୍କର ବିସ୍ଫୋରଣ ହୋଇଛି । ଏହି ଦୁର୍ଘଟଣାରେ ଚାରି ଜଣ କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ୧୨ ଜଣ ମଧ୍ୟ ଆହତ ହୋଇଛନ୍ତି । ପ୍ରାୟ ୨ ଘଣ୍ଟାର କଠିନ ପରିଶ୍ରମ ପରେ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଛି । ସୂଚନା ଅନୁଯାୟୀ ଦୁର୍ଘଟଣା ସମୟରେ କାରଖାନାରେ ୫୦ରୁ ଅଧିକ କର୍ମଚାରୀ ଥିଲେ । ବିସ୍ଫୋରଣ ପରଠାରୁ ୩ କର୍ମଚାରୀଙ୍କର କୌଣସି ଖୋଜଖବର ମିଳି ନ ଥିଲା । ମାତ୍ର ବୁଧବାର ସକାଳେ ତଲାସୀ ଅଭିଯାନ ଚାଲିଥିବାବେଳେ ୩ ମୃତଦେହ ମିଳିଥିଲା ।

# ରାହୁଲ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆଜି ଲୋକସଭାର ବିରୋଧୀ ଦଳ ନେତା ହୋଇଛନ୍ତି । ତାଙ୍କ ନିଯୁକ୍ତିକୁ ବାଚସ୍ପତି ଓମ ବିର୍ଲା ଆଜି ଅନୁମତି ଦେଇଛନ୍ତି । ଏବେ ସେ ସିବିଆଇ ନିର୍ଦ୍ଦେଶକ, ମୁଖ୍ୟ ନିର୍ବାଚନ କମିଶନର, ଜାତୀୟ ମାନବାଧିକାର କମିଶନର ମୁଖ୍ୟ ଓ ମୁଖ୍ୟ ଭିଜିଲାନ୍ସ କମିଶନର ଭଳି ଉଚ୍ଚ ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ବାଛୁଥିବା କମିଟିରେ ସଦସ୍ୟ ରହିବେ । ପ୍ରଥମ ଥର ପାଇଁ ଏହି ସବୁ ମୁଖିଆଙ୍କୁ ବାଛିବା ପାଇଁ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାହୁଲ ଗାନ୍ଧୀଙ୍କ ସହମତି ନେବାକୁ ପଡ଼ିବ । ରାହୁଲ ଭାରତ ସରକାରଙ୍କ ବ୍ୟୟର ଯାଞ୍ଚ ପାଇଁ ଥିବା ଲେଖା କମିଟିର ଅଧ୍ୟକ୍ଷ ମଧ୍ୟ ହେବେ । ସେ କ୍ରମାଗତ ଭାବେ ସରକାରଙ୍କ କାର୍ଯ୍ୟର ସମୀକ୍ଷା କରିବେ । ସେ ଅନ୍ୟ ଦେଶର ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରୀୟ ପ୍ରସଙ୍ଗ ଉପରେ ନିଜ ଦୃଷ୍ଟିକୋଣ ଦେବା ପାଇଁ ମଧ୍ୟ ଭାରତ ଡାକିପାରିବେ ।

ଲୋକସଭାର ବିରୋଧୀ ଦଳ ନେତା ପଦବୀ ଗତ ୧୦ବର୍ଷ ଧରି କାହାରିକୁ ମିଳି ନ ଥିଲା । ଏହି ପଦ ପାଇବାକୁ କୌଣସି ବିରୋଧୀ ଦଳର ଆବଶ୍ୟକ ସଂଖ୍ୟାରେ ସାଂସଦ ନ ଥିଲେ । ଗତ ଦୁଇଟି ଲୋକସଭାରେ ମଲ୍ଲିକାର୍ଜୁନ ଖଡଗେ ଓ ଅଧୀର ରଞ୍ଜନ ଚୌଧୁରୀ ସଦନରେ କଂଗ୍ରେସ ଦଳର ନେତା ଥିଲେ । ଭିପି ସିଂହଙ୍କ ସରକାର ବେଳେ ରାଜୀବ ଗାନ୍ଧୀ ଥିଲେ ଲୋକସଭାର ବିରୋଧୀ ଦଳ ନେତା । ସେହିଭଳି ଅଟଳ ବିହାରୀ ବାଜପେୟୀଙ୍କ ସରକାର ଥିବା ବେଳେ ସୋନିଆ ଗାନ୍ଧୀ ଥିଲେ ଲୋକସଭାର ବିରୋଧୀ ଦଳ ନେତା । ଏବେ ଗାନ୍ଧୀ ପରିବାରର ତୃତୀୟ ସଦସ୍ୟ ଭାବେ ରାହୁଲ ହୋଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା । ସଂସଦ ଭବନରେ ଲୋକସଭାର ବିରୋଧୀ ଦଳ ନେତାଙ୍କୁ ଏକ କାର୍ଯ୍ୟାଳୟ ଓ କର୍ମଚାରୀ ମିଳିଥାଏ । ତାଙ୍କୁ ମାସକୁ ଦରମା ଏବଂ ଭତ୍ତା ବାବଦକୁ ପ୍ରାୟ ୩ ଲକ୍ଷ ୩୦ ହଜାର ଟଙ୍କା ମିଳିବ । ସେ ମାସକୁ ଲକ୍ଷେ ଟଙ୍କା ଦରମା ଏବଂ ୪୫ ହଜାର ଭତ୍ତା ପାଇବେ । ଏହା ବ୍ୟତୀତ ମାଗଣା ବିମାନ ଯାତ୍ରା, ରେଳ ଯାତ୍ରା, ସରକାରୀ ଗାଡ଼ି ଏବଂ ଅନ୍ୟ ସୁବିଧା ରାହୁଲଙ୍କୁ ମିଳିବ ।

# ନାବାଳିକା ଅପହରଣ ଘଟଣାରେ ଯୁବକ ଗିରଫ

**କଣିହାଁ, ୨୬।୬(ସମିସ):** କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ପୁଲିସ ଜଣେ ନାବାଳିକାକୁ ଅପହରଣ ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଥାନା ଆଇଆଇସି ସନ୍ତୋଷ କୁମାର ସେଠିଙ୍କ ସୂଚନାରୁ ଜଣାଯାଏ ଯେ, କଣିହାଁ ଥାନା ଅଞ୍ଚଳର ରାଜେଶ ବେହେରା, ଏନଟିପିସି ଥାନା ଅଞ୍ଚଳର ନାବାଳିକାକୁ ଚଳିତ ମାସ ୫ତାରିଖରେ ପ୍ରେମ କରି ଅପହରଣ କରିଥିଲେ। ତଦନ୍ତକୁ ନେଇ ଅପହୃତାଙ୍କୁ ଉଦ୍ଧାର ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ଫଳ ବଣ୍ଟନ



**ଆଠମଲ୍ଲିକ, ୨୬।୬(ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଆଜି ଆଠମଲ୍ଲିକ ନଗର ବିଜେପି କର୍ମକର୍ତ୍ତାଙ୍କ ତରଫରୁ ଆଠମଲ୍ଲିକ ବାଳାଶ୍ରମ ଏବଂ ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ପୂର୍ବତନ ଏନଏସି ଚେୟାରମ୍ୟାନ ତଥା ଆଠମଲ୍ଲିକର ବିଜେପି ନେତା ସନ୍ତୋଷ କୁମାର ହୋତାଙ୍କ ନେତୃତ୍ୱରେ ଏହି ଫଳ ବଣ୍ଟନ କାର୍ଯ୍ୟକ୍ରମରେ ଆଠମଲ୍ଲିକ ନଗର ବିଜେପି ସଭାପତି ଅବନୀ ପ୍ରଧାନ, କାଉନସିଲର ନୂତନ ବେହେରା, ମଣ୍ଡଳ ସଭାପତି ବିଜୟ ପ୍ରଧାନ, ସୁଶାନ୍ତ ହୋତା, ସିପୁ ସିଂ, ଗୁପ୍ତେଶ୍ୱର ଘିୱାଲା, ଦିଲ୍ଲୀପ ରାଉତ, ମଦନ ବାଘ, ଅର୍ଜୁନ ମଲ୍ଲିକ ଆଇନଜୀବୀ ପ୍ରମୋଦ ପ୍ରଧାନ, ରାଜେଶ ମିଶ୍ର, ପ୍ରାଣବନ୍ଧୁ ମେଣ୍ଡୁଲି, ସୁଧାଂଶୁ ବେହେରାଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଦିବାକର ମିଶ୍ରଙ୍କ ଜୟନ୍ତୀ ପାଳିତ



**ତାଳଚେର, ୨୬।୬(ସମିସ):** ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ ତଥା ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ତାଳଚେର ସହରର ବଜାର ଛକଠାରେ ଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଓ ପୂର୍ବତନ ସାଂସଦ ରବିନାରାୟଣ ପାଣି ଯୋଗଦେଇ ସ୍ୱର୍ଗତ ଦିବାକର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ପୂର୍ବତନ ନଗରପାଳ କେଶବ ଭୂତିଆ, ବରିଷ୍ଠ ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ଯୁବନେତା ଗଦାଧର ସାହୁ, କାଉନସିଲର ଯଶୋବନ୍ତ ମିଶ୍ର, ସନ୍ତୋଷ ବେହେରା, ବାବୁନି ସ୍ୱାଇଁ, ଆସିଫ ଖାନ, ବିଜେଡି ଜିଲ୍ଲା କୋଷାଧ୍ୟକ୍ଷ ବାନାମ୍ବର ଭୂତିଆ, କଂଗ୍ରେସ ନେତା ପ୍ରଦୀପ ମହାରଣା, ବଜାର କମିଟି ସମ୍ପାଦକ ବୁଦ୍ଧିଆ ଭୂତିଆ, ଗଣମାଧ୍ୟମ ପ୍ରତିନିଧି ଭାଗିରଥୀ ମହାପାତ୍ର, ତପନ କୁମାର ମହାରଣା, ସୌଭାଗ୍ୟ ମହାରଣା, ବିରଜା ଶଙ୍କର ମିଶ୍ର, ସମାଜସେବୀ ବଳରାମ ପତି, ଶିକ୍ଷାବିତ୍ ବିଭୂତିଭୂଷଣ ମିଶ୍ର, ସୁଲେଖ ସେଠୀ, ରୋହିତ ବେହେରା, ରାଜୀବ ରାଉତ, ପ୍ରକାଶ ସାହୁ, ପୌରସଂସ୍ଥା ପକ୍ଷରୁ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସ୍ୱର୍ଗତ ମିଶ୍ର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଭାବେ ସାରା ରାଜ୍ୟରେ ସୁପରିଚିତ ଥିବା ବେଳେ ତାଳଚେରର ଦରିଦ୍ର ଅସହାୟ ଲୋକଙ୍କର ସେ ଥିଲେ ମୁଖ୍ୟ କର୍ଣ୍ଣଧାର ଓ ଦରଦୀ ବନ୍ଧୁ ବୋଲି ଅଭିହିତ କରିଥିଲେ। ନିର୍ଭୀକତା ଓ ସାଲିସ ବିହୀନ ବ୍ୟକ୍ତି ଭାବେ ନିଜର ହକ୍ ପାଇଁ ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ସେ ସଦାସର୍ବଦା ପରାମର୍ଶ ଦେଉଥିଲେ। ଆବଶ୍ୟକ ସ୍ଥଳେ ଆନ୍ଦୋଳନ କରି ନିଜର ଦାବିକୁ ହାସଲ କରିବା ପାଇଁ ସେ ସର୍ବଦା ଆଗଭର ହେଉଥିଲେ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। ତାଙ୍କର ନୀତି ଆଦର୍ଶରେ ଚାଲିଲେ ଆଜିର ଦିନରେ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ବଜାର କମିଟିର ସଦସ୍ୟବୃନ୍ଦ, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ମିଶ୍ରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାମ୍ବାଦିକ ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ହାଟତୋଟା ସ୍ଥିତ ପ୍ରେସ କ୍ଲବ୍ ଠାରେ ଅନୁଷ୍ଠିତ ସ୍ମୃତିସଭାରେ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସଙ୍ଗେ ସଙ୍ଗେ ସ୍ମୃତିଚାରଣ କରିଥିଲେ। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ର, ଉପସଭାପତି ଦେବୀ ମିଶ୍ର, ବିଜୟ କୁମାର ଦେବତା, ପ୍ରିୟମାଧବ ଦାସ, ଇଂ. ରମେଶ ଚନ୍ଦ୍ର ବେହେରା, ଗିରିଶ ସାମଲ, ରବିନ୍ଦ୍ର ମହାରଣା, କରୁଣାକର ସାମଲ ଚିତ୍ତରଞ୍ଜନ ପାଣି, ପ୍ରମୁଖ ଯୋଗଦେଇଥିଲେ। ତାଳଚେରର ଅନ୍ୟତମ ଅଗ୍ରଣୀ ସଂସ୍ଥା ରାମଚନ୍ଦ୍ର ବଜାର ଠାରେ ଥିବା ପବ୍ଲିକ୍ ସର୍ଭିସ୍ ୟୁନିଟ୍ ଠାରେ ସ୍ୱର୍ଗତ ମିଶ୍ରଙ୍କ ୧୦୯ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି।

## ହାଇକୋର୍ଟ ଏବଂ ପିସିସିଏଫ୍ ଆଦେଶକୁ ମାନୁନାହାନ୍ତି ବନ ଅଧିକାରୀ

# ସ୍ୱତନ୍ତ୍ର ସୁବିଧାରୁ ବଞ୍ଚିତ ଆଦିବାସୀ ଭିନ୍ନକ୍ଷମ ମହିଳା

**ଅନୁଗୋଳ, ୨୬।୬(ସମିସ)**

ଭିନ୍ନକ୍ଷମମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ୍ କରି ସେମାନଙ୍କ ସାମାଜିକ ସ୍ୱତନ୍ତ୍ରତା ଓ ନିରାପତ୍ତା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ହୋଇଛି। ଭିନ୍ନକ୍ଷମଙ୍କ ଅଧିକାର ଲାଗି ନିୟମାବଳୀ ରହିଥିବା ବେଳେ ଜାତୀୟ ଏବଂ ରାଜ୍ୟସ୍ତରରେ ଆଇନର କାର୍ଯ୍ୟକାରିତା ଓ ସୁରକ୍ଷା ନେଇ ସ୍ୱତନ୍ତ୍ରଭାବେ ଭିନ୍ନକ୍ଷମ କମିଶନ ରହିଛି। ଏପରିକି

**● ନ୍ୟାୟ ପାଇଁ ଆମରଣ ଅନଶନରେ ବସିବେ ଦୁଇ ଭିନ୍ନକ୍ଷମ ମହିଳା**

ପ୍ରତ୍ୟେକ ଜିଲ୍ଲା ସ୍ତରରେ ଜିଲ୍ଲାସ୍ତରୀୟ କମିଟି ରହିବା ସହିତ ସରକାରୀ ଭାବେ ସ୍ୱତନ୍ତ୍ର ବିଭାଗ ରହିଛି। ସରକାରୀ, ଘରୋଇ ଓ ଅନ୍ୟାନ୍ୟ ବିକାଶମୂଳକ ଯୋଜନାରେ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ସୁବିଧା ଦିଆଯାଉଛି। ଗ୍ରାମ ବିସ୍ଥାପନ ଏବଂ ଜମି ଅଧିଗ୍ରହଣ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ଲାଗି ସ୍ୱତନ୍ତ୍ର ପ୍ୟାକେଜ୍ ର ସୁବିଧା ରହିଛି। ଭିନ୍ନକ୍ଷମଙ୍କ ଲାଗି ସରକାରୀ ଯୋଜନାରେ ରହିଥିବା ସୁବିଧାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏ ସବୁ ସତ୍ତ୍ୱେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଆକ୍ରୋଶମୂଳକ ଏବଂ ଖାମଖିଆଲ ମନୋଭାବ ପାଇଁ ବିଭିନ୍ନ ସ୍ତରରେ ଭିନ୍ନକ୍ଷମମାନେ ସେମାନଙ୍କ ସ୍ୱତନ୍ତ୍ର ଅଧିକାରର ସୁଫଳ ପାଇ ପାରୁନାହାନ୍ତି। ସାତକୋଶିଆ ବନଖଣ୍ଡର ଟୁଲୁକା ଗ୍ରାମ ବିସ୍ଥାପନ ପ୍ରକ୍ରିୟାରେ ଆଦିବାସୀ ଓ ଭିନ୍ନକ୍ଷମମାନେ ଅଧିକାରୀ ଓ କର୍ମଚାରୀଙ୍କ ଆକ୍ରୋଶମୂଳକ ପଦକ୍ଷେପ ଯୋଗୁଁ ଭିନ୍ନକ୍ଷମ ସ୍ୱତନ୍ତ୍ର





ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମ ବିସ୍ଥାପନକୁ ଏହି ଭିନ୍ନକ୍ଷମ ଆଦିବାସୀ ମହିଳାଙ୍କ ସ୍ୱାମୀମାନେ ବିରୋଧ କରି ସ୍ୱର ଉତ୍ତୋଳନ କରିଥିବା କାରଣରୁ ଜାଣିଶୁଣି ସେମାନଙ୍କୁ ହଇରାଣ କରାଯାଇଛି। ଟୁଲୁକା ଗ୍ରାମର ଟିକିନା ଯାନି ଓ ଜେମା ପଧାନ ଉଭୟ ଭିନ୍ନକ୍ଷମ ହୋଇଥିବାର ପ୍ରମାଣ ପତ୍ର ବନ ବିଭାଗକୁ ପ୍ରଦର୍ଶନ କରାଯାଇଥିଲେ ସୁଦ୍ଧା ସେମାନଙ୍କୁ ଭିନ୍ନକ୍ଷମ ପ୍ୟାକେଜ୍ ରେ ସ୍ୱତନ୍ତ୍ର ସୁବିଧା ଦିଆଯାଇନାହିଁ। ଏପରିକି ଏହି ମହିଳା ଦୁଇଜଣ ବନ ବିଭାଗର ଉଚ୍ଚ ପଦସ୍ଥ ଅଫିସରଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇପାରିଲେ ନାହିଁ। ଭିନ୍ନକ୍ଷମଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ସରକାରୀ ସୁବିଧା ଲାଗି ଓଡ଼ିଶା ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେଇଥିଲେ। ଓଡିଶା ହାଇକୋର୍ଟ ଗତ ୨୩/୧୧/୨୦୨୩ ଏବଂ ୦୭/୧୨/୨୦୨୩ ରିଖରେ କେସ୍ ନଂ ଡବ୍ଲ୍ୟୁପି ୩୮୦୦୧/୨୦୨୩ ଏବଂ ଡବ୍ଲ୍ୟୁପି ୩୭୯୯୯/୨୦୨୩ ବଳରେ ଖଣ୍ଡପୀଠରେ ଏକ ଆଦେଶ ଦେଇଥିଲେ। ନ୍ୟାୟଧୀଶ ଡା. ବି.ଆର୍ ଷଡ଼ଙ୍ଗୀ ଏବଂ ଏମ୍.ଏସ୍. ରମଣ ଏବଂ ଅନ୍ୟ କେସ୍ ରେ ନ୍ୟାୟଧୀଶ ଡି ଦାସ୍ ଏବଂ ଜି ସତପଥୀ ଖଣ୍ଡପୀଠ ୩ ମାସ ମଧ୍ୟରେ ଫଇସଲା କରିବା ପାଇଁ ବନ ବିଭାଗର ପିସିସିଏଫ୍ (ବନ୍ୟଜୀବ) ଙ୍କୁ ଆଦେଶ ଦେଇଥିଲେ। ଉଚ୍ଚ ନ୍ୟାୟଳୟର ଆଦେଶକୁ ସମସ୍ତ ଦିଗରୁ ବିଚାର କରି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟଜୀବ) ସୁଶାନ୍ତ କୁମାର ନନ୍ଦ ଭିନ୍ନକ୍ଷମ ଦୁଇ ଜଣଙ୍କ ସପକ୍ଷରେ ଗତ ଜାନୁୟାରୀ ମାସ ୯ ଓ ୧୧ ତାରିଖରେ ଏକ ଆଦେଶ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ ପିସିସିଏଫଙ୍କ ଆଦେଶକୁ ବନଖଣ୍ଡ ଅଧିକାରୀ ଜାଣିଶୁଣି କାର୍ଯ୍ୟକାରୀ କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ପିସିସିଏଫ୍ (ବନ୍ୟଜୀବ) ଓଡିଶାଙ୍କ ଆଦେଶ ୫ ମାସ ବିତିଯାଇଥିଲେ ସୁଦ୍ଧା ବନଖଣ୍ଡ ଅଧିକାରୀ ଜିଲ୍ଲାସ୍ତରୀୟ କମିଟିରେ ଆଦେଶ ବିଷୟରେ ଆଲୋଚନାକୁ ନ ଆଣି ଏକ ପ୍ରକାର ହଇରାଣ କରୁଥିବା ଅଭିଯୋଗ ହୋଇଛି। ପ୍ରକାଶଥାଉ କି, ଉଭୟ ଭିନ୍ନକ୍ଷମ ଟୁଲୁକା ଗ୍ରାମର ବାସିନ୍ଦା ଅଟନ୍ତି ଏବଂ ଦୁଇ ଜଣ ଭିନ୍ନକ୍ଷମ ମହିଳାଙ୍କ ସ୍ୱାମୀ ବିସ୍ଥାପନ ପ୍ୟାକେଜ୍ ପାଇଥିବାର ସମସ୍ତ ପ୍ରମାଣ ବନ ବିଭାଗ ପାଖରେ ରହିଛି। ଏପରିକି ପ୍ୟାକେଜ୍ ଟଙ୍କା ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ନାମରେ ଯୁଗ୍ମ ଭାବରେ ଜମା ରହିଛି। ଭିନ୍ନକ୍ଷମ ପ୍ରମାଣ ପତ୍ରର ସତ୍ୟତା ଉପରେ ଯାଞ୍ଚ ସରିଛି। ଆଦିବାସୀ ଭିନ୍ନକ୍ଷମ ମହିଳାଙ୍କ ସ୍ୱତନ୍ତ୍ର ସୁବିଧାକୁ ସରଳଭାବେ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ବନଖଣ୍ଡ ଅଧିକାରୀ ତହସିଲଦାରଙ୍କୁ ବାରମ୍ବାର ଚିଠି କରି ଘଟଣାକୁ ଏଡ଼ାଇ ଦେବାକୁ ଅପଚେଷ୍ଟା କରୁଛନ୍ତି। ଜିଲ୍ଲା ସ୍ଥାୟୀ ବିସ୍ଥାପନ କମିଟିର ସଭ୍ୟ ସଂପାଦକ ଭାବେ ବନଖଣ୍ଡ ଅଧିକାରୀ ରହିଥିବା ବେଳେ ଅନ୍ୟ ବିଭାଗ ସହିତ ସମନ୍ୱୟ ରଖୁ ନଥିବା ଏହି କେସରୁ ଜଣାଯାଇଛି। ଅନ୍ୟପକ୍ଷରେ ବନଖଣ୍ଡ ଅଧିକାରୀ ପୂର୍ବତନ ଜିଲ୍ଲା ପ୍ରଶାସନକୁ ହାତବାରିଶି କରି ବେଆଇନ୍ ଭାବେ ଗୋଟିଏ ବର୍ଷରେ ୪ ଟା ଗ୍ରାମକୁ ବିସ୍ଥାପନ କରିଥିବା ଅଭିଯୋଗ ରହିଛି। ସାତକୋଶିଆ ବନଖଣ୍ଡରୁ ବିସ୍ଥାପନ ନେଇ ଅନିୟମିତତା ଓ ଦୁର୍ନୀତି ଘଟଣାରେ ୨୨ ଟି କେସ୍ ହାଇକୋର୍ଟ, ରାଜ୍ୟ ମାନବ ଅଧିକାର କମିଶନ, ଭିନ୍ନକ୍ଷମ ଆୟୋଗ ଏବଂ ଆଦିବାସୀ ଆୟୋଗ ଠାରେ ରହିଥିବା ଜଣାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ଭିନ୍ନକ୍ଷମମାନେ ସ୍ୱତନ୍ତ୍ର ସୁବିଧା ନ ପାଇଲେ, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବୁ ବୋଲି ଟିକିନା ଜାନୀ ଓ ଜେମା ପଧାନ ପ୍ରକାଶ କରିଛନ୍ତି।

## ■ ଛତୁ ଫୁଟିଲା ଭଳି ଖୋଲିଛି ବିଦେଶୀ ମଦ ଦୋକାନ

# ଧାର୍ଯ୍ୟ ଦରଠାରୁ ଅଧିକ ନେଇ ଗ୍ରାହକଙ୍କୁ ଲୁଟୁଛନ୍ତି

**ତାଳଚେର ସଦର, ୨୬।୬(ସମିସ):** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଛତୁ ଫୁଟିଲା ଭଳି ବିଦେଶୀ ମଦଦୋକାନ ଖୋଲାଯାଇଛି। ଏହି ଦୋକନଗୁଡ଼ିକ ସରକାରଙ୍କ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରି ପେଟି ପେଟି ମଦ ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରୟ କରିଥାନ୍ତି। ଯାହା ଫଳରେ ବର୍ତ୍ତମାନ ପାନଦୋକାନ ଠାରୁ ଆରମ୍ଭ କରି ଚା' ଦୋକାନ ପର୍ଯ୍ୟନ୍ତ ବେଆଇନ ଭାବେ ପ୍ରଚୁର ମଦ ବ୍ୟବସାୟ ହେଉଥିବା ଅଭିଯୋଗ ହେଉଛି। ସେହିପରି ତାଳଚେର ହାଟତୋଟା ଦେଇ ଯାଇଥିବା ନିକଟସ୍ଥ ଟ୍ରେନ ଲାଇନ ପାଖରେ ଥିବା ବିଦେଶୀ ମଦଦୋକାନ ସରକାରଙ୍କର ଧାର୍ଯ୍ୟଦର ଠାରୁ ଅଧିକ ନେବାରୁ ବିଭିନ୍ନ ଅଭିଯୋଗ ହେଉଛି। ଏହି ବିଦେଶୀମଦ ଦୋକାନୀ ବିଅର୍




ପିଛା ୧୦ଟଙ୍କା, ମଧ୍ୟମ ସାଇଜ୍ ପିଛା ୨୦ ଟଙ୍କା ଓ ଫୁଲ ସାଇଜ୍ (କ୍ୱାଟ୍) ୫୦ ଟଙ୍କା ଅଧିକ ନେଉଛନ୍ତି ବୋଲି ଅଭିଯୋଗ ହେଉଛି। ଗ୍ରାହକମାନେ ଏଥିନେଇ ବିଲ୍ ମାଗିଲେ ମଦଦୋକାନୀ ନାଲି ଆଖି ଦେଖାଉଥିବା ବେଳେ ଆଉ କେଉଁ ଦୋକାନୀ ବିଲ୍ ଦେବାକୁ ସିଧାସଳଖ ମନାକରି ଦେଇ ଗ୍ରାହକକୁ ଲୁଟିଥାନ୍ତି। ଏପରିକି ବିଦେଶୀ ମଦ ବେପାରୀଙ୍କୁ ଛାଡ଼ି ଦେଶୀ ମଦ ପଛରେ ପଡିଛି ଅବକାରୀ ବିଭାଗ। ତେବେ ତାଳଚେର ସହର ମୁଖ୍ୟ ହାଟତୋଟା ଠାରେ ଅବକାରୀ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ଏ ସମ୍ପର୍କରେ ଅଭିଯୋଗ କଲେ ସେମାନେ ଏହାକୁ ଆଡ଼େଇ ଦେଇ ଚୁପ୍ ହୋଇ ରହୁଥିବା କିଛି ଗ୍ରାହକ ନିଜର ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି। ତେବେ ଅବକାରୀ ବାବୁମାନେ ଏଥିପ୍ରତି କାହିଁକି ଚୁପ୍ ରହୁଛନ୍ତି, ତାକୁ ନେଇ ଉଠିଛି ପ୍ରଶ୍ନ।

**● ରାସନ ସାମଗ୍ରୀ ଯୋଗାଇବା ପ୍ରତିଶ୍ରୁତି ଦେଇ ଠକେଇ**

# ବନ୍ଧାହେଲେ ଦମ୍ପତି

**ଅନୁଗୋଳ, ୨୬।୬(ସମିସ)**

କମ୍ ଦାମରେ ରାଶନ ସାମଗ୍ରୀ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ଠକେଇ କରିଥିବା ଅଭିଯୋଗରେ ବଆଁରପାଳ ବନ୍ଧା ଗ୍ରାମର ବିନୋଦିନୀ ମୁଦୁଲି ଓ ତାଙ୍କ ସ୍ୱାମୀ ଉପେନ୍ଦ୍ର ମୁଦୁଲିଙ୍କୁ ଗିରଫ କରିଛି ବଆଁରପାଳ ପୁଲିସ। ପୁଲିସ କହିବା ଅନୁସାରେ କଟକ ଜିଲ୍ଲା ଗୋବିନ୍ଦପୁର ଗ୍ରାମର ଜଣେ ମହିଳା ବଆଁରପାଳସ୍ଥିତ ଏକ କ୍ଲିନିକରେ ଚାକିରି କରିଛନ୍ତି। ବନ୍ଧା ଗ୍ରାମର ବିନୋଦିନୀଙ୍କ ସହିତ ତାଙ୍କର ପରିଚିତ ହୋଇଥିଲା। ପରିଚୟ ପରେ ବିନୋଦିନୀ ୩ ଲକ୍ଷ ୫୦ ହଜାର ଟଙ୍କା ଦେଲେ କମ୍ ଦାମରେ ରାଶନ ସାମଗ୍ରୀ ଯୋଗାଇଦେବେ ବୋଲି ଅଭିଯୋଗକାରୀ ମହିଳାଙ୍କୁ ପ୍ରଲୋଭନ ଦେଖାଇଥିଲେ। ତାଙ୍କ ପ୍ରଲୋଭନରେ ପଡ଼ି ଅଭିଯୋଗକାରିଣୀ ମହିଳା ବିନୋଦିନୀଙ୍କୁ ଗତ ନଭେମ୍ବର ୩୦ରେ ଏକ ଆକାଉଣ୍ଟ ମାଧ୍ୟମରେ ଟଙ୍କା ଦେଇଥିଲେ। ହେଲେ ଟଙ୍କା ଦେବାର ଦିନ ପରେ ଦିନ ଗଡ଼ି ଚାଲିଥିଲେ ମଧ୍ୟ ରାଶନ ସାମଗ୍ରୀ ନ ମିଳିବାରୁ ଅଭିଯୋଗକାରୀ ମହିଳା ବିନୋଦିନୀଙ୍କୁ ଟଙ୍କା ଫେରସ୍ତ ପାଇଁ କହିଥିଲେ। ଟଙ୍କା ଫେରସ୍ତ ମାଗିବାରୁ ବିନୋଦିନୀଙ୍କ ସ୍ୱାମୀ ଉପେନ୍ଦ୍ର ମୁଦୁଲି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ମହିଳା ଜଣଙ୍କ ବାଧହୋଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଘଟଣାର ତଦନ୍ତ କରି ବିନୋଦିନୀ ଓ ତାଙ୍କ ସାମୀ ଉପେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ଏପରି ଠକେଇ ଅଭିଯୋଗରେ ବିନୋଦିନୀ ଜେଲ ଯାଇଥିବା ପୁଲିସ କହିଛି।

# ଅନିଶ୍ଚିତତା ଘେରରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର

**ବଡ଼କେରା, ୨୬।୬(ସମିସ):** ବିଗତ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ଯାତ୍ରାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ଦ୍ୱାରା ରାଜ୍ୟର ସବୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଜ୍ୟ ରାଜପଥ କଡ଼ରେ ପଥପ୍ରାନ୍ତ ସୁବିଧା କେନ୍ଦ୍ରମାନ ଖୋଲାଯାଇଥିଲା। ଏକ ବିସ୍ତୀର୍ଣ୍ଣ ଜମି ଉପରେ ଅତି ସୁନ୍ଦର ଭାବରେ ଏହି କେନ୍ଦ୍ର ଗୁଡିକ ହୋଇଥିଲା। ଏଠାରେ ପୁରୁଷ ଏବଂ ସ୍ତ୍ରୀ ଲୋକଙ୍କ ପାଇଁ ଶୌଚାଳୟ, ଜଳପାନର ସୁବିଧା, ସୁନ୍ଦର ବଗିଚା, ଯାତ୍ରୀମାନଙ୍କ ଗାଡ଼ିରଖିବା ପାଇଁ ସ୍ଥାନ ଇତ୍ୟାଦିର ଅତି ସୁନ୍ଦର ବ୍ୟବସ୍ଥା ସବୁ ରହିଛି। ହେଲେ ଅତି ବିଡ଼ମ୍ବନାର ବିଷୟ, ସେସବୁ କେନ୍ଦ୍ର ଗୁଡିକରେ ଏବେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଭୁବନେଶ୍ୱରରୁ ଆଠଗଡ଼ ଦେଇ ଅନୁଗୋଳ ଓ ସମ୍ବଲପୁରକୁ ଯାଇଥିବା ରାସ୍ତାରେ ଦୈନିକ ହଜାର ହଜାର ବଡ଼ସାନ ଯାନବାହାନ ଚଳାଚଳ କରୁଛି। ରାଜ୍ୟ ବାହାରର ଯାତ୍ରୀମାନେ ମଧ୍ୟ ଏହି ରାସ୍ତାକୁ ବ୍ୟବହାର କରୁଛନ୍ତି। ଏହି ରାସ୍ତାର ଗଣ୍ଡାନାଳୀ ଠାରେ ନିର୍ମିତ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ମଧ୍ୟ ତାଲା ଝୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ସେଠାରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ବୁଝିବାକୁ ମିଳିଥିଲା ଯେ, ଗତ ନିର୍ବାଚନ ପୂର୍ବରୁ ଏହି କେନ୍ଦ୍ରଗୁଡିକରେ ସବୁ ତାଲା ପଡିଛି। ଟେଣ୍ଡର ସରିଯାଇଛି, ନୂତନ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି, ସେଥିପାଇଁ ତାଲା ପଡିଛି। ଯଦି ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା ଠିକାଦାରି କାର୍ଯ୍ୟ ସବୁ ଚାଲୁଛି, ତେବେ ପୂର୍ତ୍ତ ବିଭାଗ ଦ୍ୱାରା ତିଆରି ହୋଇଥିବା ଏହି କେନ୍ଦ୍ର କିପରି ବନ୍ଦ ହୋଇପଡିଛି। ତାହା ତଦନ୍ତ ସାପେକ୍ଷ।



# ୧୪୯ ନଂ. ଏନ୍ଏଚ୍ ୪ ଥାକିଆ ହେବ କେବେ

**ତାଳଚେର ସଦର, ୨୬।୬(ସମିସ):**

ତାଳଚେରବାସୀଙ୍କୁ ଦୁଃଖ ଦେବାରେ ଲାଗିଛି ଏହି ୧୪୯ନଂ. ଜାତୀୟ ରାଜପଥ। ଗୋଡ଼ିବନ୍ଧଠାରୁ ତାଳଚେର ସହର ମଧ୍ୟଦେଇ ବହ୍ଲର ଯାଇଥିବା ଜାତୀୟ ରାଜପଥ ପ୍ରାୟ ୧୫କିମି ରାସ୍ତା ପାଲଟିଛି ମରଣଯନ୍ତା। ଏହି ରାସ୍ତାଦେଇ ଦୈନନ୍ଦିନ ହଜାର ହଜାର ସଂଖ୍ୟକ କୋଇଲା, ପାଉଁଶ, ବାଲି, ଇଟା, ମାଟି, ମୋରମ ବୋଝେଇ ଗାଡ଼ି ଅହରହ ଯାତାୟାତ

**● ଗୋଡ଼ିବନ୍ଧଠାରୁ ୧୫ କିମି ରାସ୍ତା ମରଣଯନ୍ତା**
**● ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ଅଟକିଛି କାମ**
**● ସଂକୀର୍ଣ୍ଣ ରାସ୍ତା ଯୋଗୁଁ ବଢୁଛି ଦୁର୍ଘଟଣା**

କରିବା ଫଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବା ସାଙ୍ଗକୁ ଏଥିନେଇ ବାଇକ, ସାଇକଲ ଆରୋହୀ ଦୈନନ୍ଦିନ ମୃତାହତ ହେବା ଘଟଣା ପିଛା ଛାଡୁନାହିଁ।




ଏହା ତାଳଚେର ଅଞ୍ଚଳବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ ବିଷୟ ନୁହେଁ ତ ଆଉ କ'ଣ ହୋଇପାରେ। ଏଠାରେ କୋଇଲା ଖଣି ସମେତ ଶିଳ୍ପାୟନର ଦ୍ରୁତ ଅଗ୍ରଗତି ଯୋଗୁଁ ଭାରୀଯାନ ଚଳାଚଳ ସଂଖ୍ୟା ଅହେତୁକ ବୃଦ୍ଧି ପାଇବା ସହ ଜନସଂଖ୍ୟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇବାରେ ଲାଗିଛି। ୩୦ବର୍ଷ ପୂର୍ବରୁ ଯେଉଁ ସଂକୀର୍ଣ୍ଣ ରାସ୍ତା ନିର୍ମାଣ କରାଯାଇଥିଲା ଆଜି ମଧ୍ୟ ସେହି ସଂକୀର୍ଣ୍ଣ ରାସ୍ତାରେ ଏତେ ଭାରୀଯାନ ଚଳାଚଳ କରୁଛି। ୩୦ବର୍ଷ ପୂର୍ବରୁ ଯେଉଁ ହାରରେ ଯାନବାହାନ ଚଳାଚଳ କରୁଥିଲା, ଆଜି ତା'ର ଛବି ସମ୍ପୂର୍ଣ୍ଣ ଅଲଗା। ସେହି ସମୟରେ ଜନସଂଖ୍ୟା ଓ ଭାରୀଯାନକୁ ନଜରରେ ରଖି ସରକାର ରାସ୍ତା ନିର୍ମାଣ କରିଥିଲେ। ଏହି ଜାତୀୟ ରାଜପଥଟି ସଂକୀର୍ଣ୍ଣ ଓ ଭାରୀଯାନ ଚଳାଚଳ ସାଙ୍ଗକୁ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି ଓ ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିବା ଯୋଗୁଁ ଦୈନନ୍ଦିନ ଏହି ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ବହୁ ଧନଜୀବନ ଚାଲିଯାଉଛି। ଏହି ଜାତୀୟ ରାଜପଥ ପାଇଁ ବିଭିନ୍ନ ସଂଗଠନ, ସମାଜସେବୀ ଓ ଅଞ୍ଚଳବାସୀ ବାରମ୍ବାର ଜିଲ୍ଲା ପ୍ରଶାସନ ଆଗରେ ଅଭିଯୋଗ କରିଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଛି। ତାଳଚେର ମଧ୍ୟରେ ଟ୍ରକ ଟର୍ମିନାଲ, କୋଲ କରିଡର ରାସ୍ତା ପ୍ରାୟତଃ ୧୧ବର୍ଷ ପୂର୍ବର ପରିକଳ୍ପନା, କିନ୍ତୁ ସ୍ଥାନୀୟ ପ୍ରଶାସନ, ଏମସିଏଲ କର୍ତ୍ତୃପକ୍ଷଙ୍କ ସ୍ଥାଣୁତ। ନେତାଙ୍କ ଉଦାସୀନତା ଏ ଦିଗରେ ବାଧକ ସାଜି ଛିଡ଼ା ହୋଇଛି। ଯାହାର କୁପରିଣାମ ଆଜି ତାଳଚେରବାସୀ ଭୋଗୁଛନ୍ତି। ଏହି ସମୟ ଭିତରେ ତାଳଚେରର କୋଇଲା ଖଣିଗୁଡ଼ିକ ଭିତରୁ ସହର ବାହାରେ ଟ୍ରକ ଯିବାକୁ ନା ହୋଇପାରିଲା ଭଲ ରାସ୍ତା ଖଣ୍ଡେ ନା ହୋଇପାରିଲା କୁହାଯାଉଥିବା ଫ୍ଲାଏ ଓଭର ବ୍ରିଜ। ଏନଏଚଆଇ ପକ୍ଷରୁ ଗତ ୨୯/୦୭/୨୦୨୨ ରେ ଏହି ଜାତୀୟ ରାଜପଥ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଜମି ଅଧିଗ୍ରହଣରେ ବିଳମ୍ବ କରୁଥିବାରୁ ନିର୍ମାଣ ହେବାକୁ ଥିବା ଏହି ୪ ଥାକିଆ ଜାତୀୟ ରାଜପଥ ଅଟକି ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଜାତୀୟ ରାଜପଥ କଡ଼ରେ ରହିଥିବା ଘରୋଇ ଜମି ମାଲିକଙ୍କୁ ଏନଏଚଆଇ ନୋଟିସ୍ କରିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ନଥିବାରୁ ରାସ୍ତା କାର୍ଯ୍ୟରେ ବିଳମ୍ବ ହେଉଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ରାଜ୍ୟରେ ନୂତନ ସରକାର ଗଠନ ହୋଇଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ କେତେ ସମୟ ଲାଗୁଛି ଦେଖିବାକୁ ବାକି ରହିଲା।

## ■ ରଥଯାତ୍ରା ପାଇଁ ତାଳଚେର ବଡ଼ଦାଣ୍ଡ ସାହି ଚଳଚଞ୍ଚଳ

# ରଥଖଳାରେ ପହଞ୍ଚିଲେ ପୂର୍ବତନ ସାଂସଦ ମହେଶ ସାହୁ

**ତାଳଚେର ସଦର ୨୬।୬(ସମିସ):** ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ତାଳଚେର ବଡ଼ଦାଣ୍ଡ ସାହି ଚଳଚଞ୍ଚଳ। ମହାରଣା ସେବକମାନେ ରଥ ନିର୍ମାଣ କାର୍ଯ୍ୟକୁ ଜୋରଦାର ଚଳାଇଥିବା ବେଳେ ଆଜି ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ରଥଖଳାରେ ପହଞ୍ଚି ସ୍ଥିତ ପରୀକ୍ଷା କରିଛନ୍ତି ଏବଂ ମୁଖ୍ୟ ମହାରଣା ସନାତନ ମହାରଣାଙ୍କ ସହିତ ରଥ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଜିନିଷ ଉପରେ ଅଲୋଚନ କରିବା ସହିତ ସଠିକ ସମୟରେ ରଥ ନିର୍ମାଣ କାର୍ଯ୍ୟ ସମ୍ପାଦନ ହେବ ବୋଲି କହିଛନ୍ତି। ତେବେ ଜୁଲାଇ ୭ ତାରିଖ ରଥଯାତ୍ର ହେଉଥିବା ବେଳେ ସମସ୍ତଙ୍କୁ ନେଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଜୋର୍ ସୋରରେ ଚାଲୁଥିବା ଜଣାପଡ଼ିଛି। ରଥ



ନିର୍ମାଣ କାର୍ଯ୍ୟସ୍ଥଳୀରେ ଆଜି ଶ୍ରୀ ସାହୁ ପହଞ୍ଚିବା ପରେ ମହାରଣା ସେବକମାନଙ୍କ ମଧ୍ୟରେ ଖୁସିର ଲହରୀ ପରିଲକ୍ଷିତ ହୋଇଥିଲା। ରଥ ନିର୍ମାଣ ପାଇଁ ଆବଶ୍ୟକତା ଥିବା ସରଞ୍ଜାମ ଗୁଡିକ ଉପଲବ୍ଧ କରାଯାଉଛି ବୋଲି ମହାରଣା ସେବକମାନେ କହିଥିଲେ। ପ୍ରତି ବର୍ଷ ଭଳି ଚଳିତ ରଥ ନିର୍ମାଣ କାର୍ଯ୍ୟ ପାଇଁ ବରିଷ୍ଠ ସମାଜସେବୀ ବାନାମ୍ବର୍ ଭୂତିଆ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ସମସ୍ତଙ୍କ ସହଯୋଗରେ ରଥ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣହେବ ବୋଲି ଜଣାପଡିଛି।

## ଜମିବାଡ଼ି ବିବାଦରୁ ମାର୍‌ପିଟ୍

# ଠେଙ୍ଗାମାଡ଼ରେ ମହିଳାଙ୍କ ମୃତ୍ୟୁ

**ରାଜକନିକା,୨୬।୬(ସମିସ):** ରାଜକନିକା ଥାନା ଅଞ୍ଚଳରେ ଜମିବାଡ଼ି ବିବାଦରୁ ଦୁଇ ପରିବାର ଭିତରେ ଗଣ୍ଡଗୋଳ ଘଟି ଠେଙ୍ଗା ମାଡରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସୁଶୀଳା ନାୟକ। ସେ ଏହି ଥାନା ଅନ୍ତର୍ଗତ ଏଣ୍ଡୁଳାପୁର ଗାଁର ସନ୍ତ ପ୍ରଧାନଙ୍କୁ ବିବାହ କରିଥିଲେ ମଧ୍ୟ କୋ÷ଣସି କାରଣରୁ ଦୀର୍ଘ ୧୫ ବର୍ଷ ହେଲା ବାପଘର କୋଇଲିପୁର ପଞ୍ଚାୟତ ସଂଗ୍ରାମପୁରର ବ୍ରାହ୍ମଣପୋଖରିରେ ଭାଇ ଭାଉଜଙ୍କ ସହ ରହୁଥିଲେ।

ଘଟଣା ମୁତାବକ ବ୍ରାହ୍ମଣପୋଖରିର ରମେଶ ନାୟକ ଓ ସୁନାକର ନାୟକଙ୍କ ପରିବାର ମଧ୍ୟରେ ଜମିବାଡିକୁ କେନ୍ଦ୍ରକରି ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଥିଲା। ଏ ବାବଦରେ ଗତକାଲି ମଧ୍ୟ ରମେଶଙ୍କ ସ୍ତ୍ରୀ ସୁମତୀ ନାୟକ (ମୃତ ମହିଳାଙ୍କ ଭାଉଜ) ରାଜକନିକା ଥାନାରେ ଏତଲା ଦେଇଥିଲେ। ସୁନାକରଙ୍କ ପରିବାର ସହ ଏକ ଗୋଷ୍ଠୀ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଚେନ ଛିଡାଇ ନେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ସୁମତୀଙ୍କ ଅଭିଯୋଗ ଅନୁଯାୟୀ ସୁନାକର ତାଙ୍କ ଜାଗାକୁ ମାଡି ଏକ ଲାଟିନ ତିଆରି କରିବାକୁ ଗାତ ଖୋଳିବା ବେଳେ ସୁମତୀ ତାଙ୍କୁ ବିରୋଧ କରିଥିଲେ। ଫଳରେ ପ୍ରତିପକ୍ଷମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ କରିଥିଲେ। ମାତ୍ର ଥାନାର ଦ୍ୱାରସ୍ଥ ହେବା ପରେ ମଧ୍ୟ ପୁଲିସ କୋ÷ଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ବୁଧବାର ଦିନ ପ୍ରାୟ ୧୧ଟାବେଳେ ପୁଣି କାମ ଆରମ୍ଭ କରିବାରୁ ରମେଶ ଓ ସୁମତି ଓ ସୁଶିଳା ବିରୋଧ କରିଥିଲେ। ମାତ୍ର ପ୍ରତିପକ୍ଷ ସେମାନଙ୍କ ଆକ୍ରମଣ କରିଥିଲେ। ସୁଶିଳାଙ୍କ ମୁଣ୍ଡକୁ ଠେଙ୍ଗାରେ ପିଟି ଦେବାରୁ ସେ ଘଟଣାସ୍ଥଳରେ ଟଳି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତରବେଳେ ବାଟରେ ମୃତ୍ୟୁ ଘଟିଥିଲା। ପୁଲିର ନୀରବତା ଯୋଗୁ ଆଜି ଏତେବଡ଼ ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜମିବାଡ଼ି ବିବାଦରେ ପୁଲିସ ପଶୁ ନଥିବା କହି ଏଡାଇ ଯିବାରୁ ଆଜି ଜଣେ ମହିଳାଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳ ଓ ମାରପିଟରେ ସୁଶିଳାଙ୍କ ମୃତ୍ୟୁ ଘଟିଥିବାବେଳେ ପବିତ୍ର ନାୟକ ଗୁରୁତର ହୋଇଛନ୍ତି। ସେହିପରି ଅପରପକ୍ଷର ସୁନାକର ନାୟକ, ମହେଶ୍ୱର ନାୟକ ଓ କୁଞ୍ଜଲତା ପ୍ରଧାନ ପ୍ରମୁଖ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି।

## ହୃଦ୍‌ଘାତରେ ଆଶାକର୍ମୀଙ୍କ ପରଲୋକ

**ଡେରାବିଶ,୨୬।୬(ସମିସ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଆଶାକର୍ମୀ ଜ୍ୟୋତିର୍ମୟୀ ଜେନା (୫୬)ଙ୍କ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ଜ୍ୟୋତିର୍ମୟୀ ଟିଭି ଦେଖିସାରି ଶୌଚ ହେବାକୁ ଯାଇଥିବାବେଳେ ସେଠାରେ ହଠାତ୍ ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି କଟକ ବଡ଼ ମେଡ଼ିକାଲ୍‌ରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ପୁଅ ବିଜ୍ଞାନ ମୁଖାଗ୍ନି ଦେଇଥିଲେ। ଜ୍ୟୋତିର୍ମୟୀ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ମୁକୁନ୍ଦପୁର, ପାଣିଓଳା ଗ୍ରାମର ଆଶାକର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କର ଆମାୟିକ ସେବାପାଇଁ ଘରେ ଘରେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କର ପରଲୋକ ଖବର ଶୁଣି ସ୍ଥାନୀୟ ଅଞ୍ଚଳର ବହୁ ଆଶାକର୍ମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।



## ବଦଳିବ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ



**ଡେରାବିଶ,୨୬।୬(ସମିସ):** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ରହିଛି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ଏଥିସହିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଚଣ୍ଡିଖୋଲ-ପାରାଦ୍ୱୀପ ୫୫ ନଂ. ଜାତୀୟ ରାଜପଥ କଡ଼ରେ ରହିଥିବାରୁ ବହୁ ସମୟରେ ରାଜପଥରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଏଠାରେ ଭର୍ତ୍ତି କରାଯାଇଥାଏ। ହେଲେ ଗତ କିଛିବର୍ଷ ଧରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକତାଠାରୁ ଢ଼େର କମ୍ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ରହିଥିବାବେଳେ ସ୍ୱାସ୍ଥ୍ୟସେବାରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ବିଶେଷଜ୍ଞ ଡାକ୍ତରଙ୍କର ଆବଶ୍ୟକତା ଥିବାବେଳେ ଏଠାରେ ଆଦୌ ନାହାଁନ୍ତି। ସେହିପରି ୪ ଜଣ ଏମବିବିଏସ୍ ଡାକ୍ତରଙ୍କ ମଧ୍ୟରୁ ଏଠାରେ ଜଣେ ମାତ୍ର ରହିଛନ୍ତି। ଯାହା ଫଳରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡକ୍ଟର ଚିତ୍ତରଞ୍ଜନ ବେହେରା ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ କାର୍ଯ୍ୟଭାର ତୁଲାଉଥିବାରୁ ରୋଗୀଙ୍କ ପାଇଁ ଯଥେଷ୍ଟ ସମୟ ଦେଇ ପାରୁନାହାଁନ୍ତି। ଏହା ଛଡ଼ା ଚିକିତ୍ସା ଚାଲିଥିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଗଲେ ଏଠାରେ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ବିଗତ ଦିନରେ ଜଣେ ରୋଗୀଙ୍କୁ ଟର୍ଚ୍ଚ ଲାଇଟ୍‌ରେ ଚିକିତ୍ସା କରାଯାଉଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏପରିକି ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଡାକ୍ତର ଓ କର୍ମଚାରୀମାନଙ୍କ ପାଇଁ ଥିବା କ୍ୱାର୍ଟର୍ସ ଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥା ରହିଛି। ଏଭଳି ନାନାଦିର ସମସ୍ୟାର ସମାଧାନ ପାଇଁ ଆଜି ବିଜେପିର ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପହଞ୍ଚି କେନ୍ଦ୍ରର ଚିକିତ୍ସାଧିକାରୀ ଡକ୍ଟର ବେହେରାଙ୍କ ସହିତ ଆଲୋଚନା କରି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରିଥିଲେ। ଶ୍ରୀ ପରିଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଅତିକମ୍‌ରେ ଆଉ ଦୁଇଜଣ ଏମବିବିଏସ୍ ଡାକ୍ତର ନିଯୁକ୍ତି, ମେଡ଼ିକାଲ୍ ପରିସରରେ ଡିଜିସେଟ୍‌କୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଇବାକୁ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆସନ୍ତା ସପ୍ତାହକ ମଧ୍ୟରେ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ନୂତନ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ ଏବଂ ରୋଗୀଙ୍କ ନିମନ୍ତେ ନୂତନ ମେଡ଼ିକାଲ ଗୃହ ନିର୍ମାଣ ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟ୍ରମା କେୟାର ୟୁନିଟ୍ ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରଙ୍କ ସହିତ ଆଲୋଚନା କରିବେ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି। ଆଜି ଶ୍ରୀ ପରିଡ଼ାଙ୍କ ସହିତ ଡେରାବିଶ ଅଞ୍ଚଳର କ୍ଷୀରୋଦ ଚନ୍ଦ୍ର ବରାଳ, ଅଶ୍ୱିନୀ ପରିଡ଼ା, ଦେବାଶିଷ ଗିରିଜା ଭୂଷଣ ନାୟକ, ପୁଷ୍ପଲତା ସାହୁ, ଗତିକୃଷ୍ଣ ମହାନ୍ତି, ବିଶ୍ୱମୋହନ ଦାସ, ଶରତ ଚନ୍ଦ୍ର ପ୍ରଧାନ, ଦ୍ରୋଣାଚାର୍ଯ୍ୟ ପଣ୍ଡା, ସଂଜୟକୁମାର ସାହୁ, ଅଭିଜିତ ସିଂ, ବନମାଳି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଲାଇ ପହିଲାରୁ ଜନଅଭିଯୋଗ ଶୁଣାଣି

**କେନ୍ଦ୍ରାପଡା,୨୬।୬(ସମିସ):** ଆସନ୍ତା ଜୁଲାଇମାସ ପହିଲାରୁ ପ୍ରତ୍ୟେକ ସୋମବାର କେନ୍ଦ୍ରାପଡା ଜିଲ୍ଲାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବ ଭଳି ଚାଲିବ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏସମ୍ପର୍କରେ ନିର୍ଦ୍ଦେଶ ଦେବାପରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ ପ୍ରତ୍ୟକ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଜନଅଭିଯୋଗ ଶୁଣାଣି ଶିବିରକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗ ଜନ ଶୁଣାଣି ପୋର୍ଟାଲରେ ପଞ୍ଜିକୃତ କରାଯିବାକୁ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ୭୫% ଭିନ୍ନକ୍ଷମ ପ୍ରମାଣପତ୍ର ଥାଇ ମିଳୁନି ଭତ୍ତା

**କେନ୍ଦ୍ରାପଡ଼ା,୨୬।୬(ସମିସ):** ଭିନ୍ନକ୍ଷମ ମାନଙ୍କ ସଶକ୍ତିକରଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। କୌଣସି କାରଣରୁ ଯୋଗ୍ୟ ହିତାଧିକାରୀ ଭିନ୍ନକ୍ଷମ ବ୍ୟକ୍ତିଟି ଯେପରି ସରକାରଙ୍କ ଯୋଜନାରୁ ବଞ୍ଚିତ ନହୁଏ ସେଥିପାଇଁ ବିଭାଗ ତରଫରୁ ପ୍ରୟାସ ମଧ୍ୟ କରାଯାଉଥିବା ଦେଖିବାକୁ ମିଳିଛି। ହେଲେ ଆମେ ଆଜି ଏମିତି ଏକ ଘଟଣା ସାମ୍ନାକୁ ଆଣିଛୁ ଯାହା ସରକାରଙ୍କ ବ୍ୟବସ୍ଥାର ବ୍ୟତିକ୍ରମ ପରି ଅନୁଭବ ହେଉଛି। ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ରବୀନ୍ଦ୍ର ପାଇଟାଳଙ୍କ ଜ୍ୟେଷ୍ଠପୁତ୍ର ରାଜକିଶୋର ପାଇଟାଳଙ୍କ କଥା। ରାଜକିଶୋର ପାଇଟାଳ ଜଣେ ମାନସିକ ବିକାରଗ୍ରସ୍ତ। ମେଡିକାଲ୍ ପ୍ରମାଣପତ୍ରରେ ତାଙ୍କୁ ୭୫% ଭିନ୍ନକ୍ଷମ ଦର୍ଶାଇଛନ୍ତି ଡାକ୍ତରୀ ଟିମ୍। ୨ ଡିସେମ୍ବର ୨୦୦୩ ଜନ୍ମ ମସିହା ଅନୁଯାୟୀ ରାଜକିଶୋରଙ୍କୁ ୨୧ ବର୍ଷ। ହେଲେ ସରକାରଙ୍କ ପ୍ରଦତ୍ତ ଯୋଜନାରୁ ବଞ୍ଚିତ ଅଛନ୍ତି ରାଜକିଶୋର। ଦୀର୍ଘଦିନ ଧରି ଭତ୍ତା ପାଇବାରୁ ବଞ୍ଚିତ ଥିବା ରାଜକିଶୋରଙ୍କ ପରିବାର ନୂତନ ସରକାର ଓ ସରକାରୀ ବ୍ୟବସ୍ଥା ପାଖରୁ ଯୋଜନାର ଲାଭ ପାଇବାକୁ ଆଶା ରଖିଛନ୍ତି। ଜିଲ୍ଲା ପ୍ରଶାସନ ଏ ଘଟଣାରେ ଦୃଷ୍ଟି ଦେଇ ରାଜକିଶୋରଙ୍କୁ ଭତ୍ତା ଯୋଜନାରେ ସାମିଲ କରିବାକୁ ପରିବାର ତରଫରୁ ଦାବି କରାଯାଇଛି।



## ବିଶ୍ୱ ନିଶା ନିବାରଣ ଦିବସ ପାଳିତ




**କେନ୍ଦ୍ରାପଡା,୨୬।୬(ସମିସ):** ପୂର୍ବାହ୍ନରେ ବାରୁଅ ସ୍ଥିତ ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭାବଗ୍ରାହୀର ସରୋଜିନୀ ପରିଡା ଷ୍ଟୁଡିଓ ପରିସରରେ ବିଶ୍ୱ ନିଶା ନିବାରଣ ଦିବସ ଉପରେ ଆଧାରିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ପ୍ରାଣ ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ତଥା ସୁସଂଗଠକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ନିରଞ୍ଜନ ପରିଡା, ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଆର୍.ଡି.ସି.ୱା.ଇ.ଓ.ର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରଭାତ ବେହେରା, କଣ୍ଠଶିଳ୍ପୀ ସୌଭାଗିନୀ ମହାପାତ୍ର, ସୁଶୀଲ୍ ସୂତାର ପ୍ରମୁଖ ନିଶା ନିବାରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଭାବଗ୍ରାହୀ କଳାନିକେତନର ଛାତ୍ରୀ ରୂପାଲି ସୂତାର, ଅର୍ଚ୍ଚନା ପରିଡା, ଭାଗ୍ୟଲକ୍ଷ୍ମୀ ପରିଡା ଏବଂ ରାଜଲକ୍ଷ୍ମୀ ପରିଡା ନିଶା ନିବାରଣଉପରେ ଆଧାରିତ ସଚେତନତାଧର୍ମୀ ସଂଗୀତ ଗାଇଥିଲେ। ଆରମ୍ଭରେ ଜାତିର ଜନକ ମହାତ୍ମାଗାନ୍ଧୀ ଏବଂ ଆଦର୍ଶଶିକ୍ଷକ ତଥା ସ୍ୱାଧୀନତାସଂଗ୍ରାମୀ ଭାବଗ୍ରାହୀ ପରିଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ନିଶାମୁକ୍ତି ଅଭିଯାନକୁ ସଫଳ କରିବାକୁ ଶପଥପାଠ କରାଯାଇଥିଲା। ଆବାହକ ବିମଳ ପ୍ରସାଦ ପରିଡା ଆନ୍ତର୍ଜାତୀୟ ନିଶା ନିବାରଣ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।। ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ବିଶ୍ୱ ନିଶା ନିବାରଣ ଦିବସ ଅବସରରେ ଟିକିଏ ଚିନ୍ତାକରିବା ପାଇଁ ରେଡିଓଭାବଗ୍ରାହୀ ତରଫରୁ ପ୍ରତିଷ୍ଠାତା ବିମଳ ପରିଡା ସମସ୍ତଙ୍କୁ ଆହ୍ୱାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

■ ପଟ୍ଟାମୁଣ୍ଡାଇ ବ୍ଲକରେ ଦୁଇ ବିଧାୟକ ସମୀକ୍ଷା ବୈଠକ

## ପାନୀୟଜଳ ବ୍ୟବସ୍ଥାରେ ସୁଧାର ଓ ବିଭିନ୍ନ ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ





**ପଟ୍ଟାମୁଣ୍ଡାଇ,୨୬।୬(ସମିସ):** କେନ୍ଦ୍ରାପଡ଼ା ଓ ରାଜନଗର ବିଧାନସଭା ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତର ପାନୀୟଜଳ ସମସ୍ୟା ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡ଼ିଓ ଶୁଭ୍ରାଂଶୁ ସାହୁ ବୈଠକରେ ଯୋଗ ଦେଇ ବ୍ଲକର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପାନୀୟଜଳ ସମସ୍ୟା ଦୂର ପାଇଁ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ଦେଢ଼ ବର୍ଷ ସମୟ ଲାଗିବା ଆଶଙ୍କା କରାଯାଉଥିବାରୁ ପ୍ରକଳ୍ପ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତର ପାନୀୟଜଳ ସମସ୍ୟା ଦୂର ପାଇଁ ପଞ୍ଚାୟତ ଓ ବ୍ଲକ ପାଣ୍ଠିରୁ ଅତିରିକ୍ତ ନଳକୂପ ଖନନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ବିଧାୟକ ଶ୍ରୀ ବେହେରା ଓ ବିଧାୟକ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସମୀକ୍ଷାବେଳେ ପଟ୍ଟାମୁଣ୍ଡାଇ ବ୍ଲକର ୧୮୦୪ ନଳକୂପ ମଧ୍ୟରୁ ୧୯ ନଳକୂପ ଅଚଳ ଥିବା ଜଣାପଡିବାରୁ ଏ ଦିଗରେ ପଦକ୍ଷେପ ନେବାକୁ ବିଧାୟକ ଦ୍ୱୟ ପରାମର୍ଶ ଦେଇଥିଲେ। ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। 'ଆମ ଓଡିଶା ନବୀନ ଓଡିଶା' ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ୩୭୬ ପ୍ରକଳ୍ପ ମଧ୍ୟରୁ ୧୧୧ ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୬୫ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ବୋଲି ସୂଚନା ମିଳିବା ପରେ ବିଧାୟକଦ୍ୱୟ ତୁରନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରେ ସମ୍ପୂର୍ଣ୍ଣ ଓ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ସ୍ଥିତି ସମୀକ୍ଷା କରି ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଗତ ବର୍ଷର କେନ୍ଦ୍ରାପଡ଼ା ବିଧାୟକ ପାଣ୍ଠି ପ୍ରାୟତଃ ବିନିଯୋଗ ହୋଇ ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ରାଜନଗର ବିଧାୟକ ପାଣ୍ଠିରେ ମଧ୍ୟ ଅଧିକାଂଶ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ବିନିଯୋଗ ହୋଇନଥିବା ପାଣ୍ଠିକୁ ତୁରନ୍ତ ବିନିଯୋଗ କରି ବିଭିନ୍ନ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ରାଜନଗର ବିଧାୟକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। କ୍ରିଟିକାଲ ଗ୍ୟାପ ଅନୁଦାନ ରାଶି ବିନିଯୋଗ କରି ନିର୍ମାଣାଧୀନ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହିତ ନିର୍ମାଣାଧୀନ ବିଭିନ୍ନ ସ୍କୁଲ ଓ କଲେଜ ରୂପାନ୍ତକରଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବ୍ଲକ ଉପାଧାକ୍ଷା ଜୟନ୍ତୀ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ଓ ପ୍ରିୟଦର୍ଶନୀ ତରାଇ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା ଓ ରୋଜାଲିନ ମହାଳିକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଇଂ ରଞ୍ଜନ ଲେଙ୍କା, ସହକାରୀ ଯନ୍ତ୍ରୀ ଇଂ ବିଶ୍ୱଜିତ ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଇଂ ଶ୍ରବଣ ବିଶ୍ୱାଳ, ଇଂ. କାର୍ତ୍ତିକେଶ ବ୍ରହ୍ମା, ଇଂ ରାଉତ, ଇଂ ସ୍ନିଗ୍ଧା ସାହୁ, ଇଂ ସଂଘମିତ୍ରା ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂର୍ବତନ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇ ବିଭିନ୍ନ ପଞ୍ଚାୟତର ସମସ୍ୟା ଉପସ୍ଥାପନ କରି ସମାଧାନ ଦାବି କରିଥିଲେ।

**ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣମୁକ୍ତ ଦିବସ**

# 'ପରିବାରରୁ ଆରମ୍ଭ ହେଉ ସଚେତନତା ଆନ୍ଦୋଳନ'






**କେନ୍ଦ୍ରାପଡା,୨୬।୬(ସମିସ):** ନିଶା ଏକ ସାମାଜିକ ବ୍ୟାଧି। ଏହି ବ୍ୟାଧିରୁ ମୁକ୍ତ ହୋଇ ସୁସ୍ଥ ଓ ଆନନ୍ଦପ୍ରଦ ଜୀବନ ଜୀଇଁବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆହ୍ୱାନ ଦେଇଛନ୍ତି। 'ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ଦିବସ' ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାଧାରଣସଭାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଛନ୍ତି "ଜୀବନରେ ନିଶାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ହେବ। ଏଥିପାଇଁ ପରିବାରଠୁ ଆରମ୍ଭ କରିବାକୁ ହେବ ସଚେତନତା ଆନ୍ଦୋଳନ।" ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଏଡିଏମ୍‌ଓ ନୃପେନ୍ ଶତପଥି, ଅବକାରୀ ନିରୀକ୍ଷକ ବିପ୍ର ଚରଣ ମଣ୍ଡଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ପ୍ରୋଜେକ୍ଟ ସ୍ୱରାଜର ମ୍ୟାନେଜର ପୁଷ୍ପା ଜୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମସ୍ତଙ୍କୁ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ବୁଧବାର ସକାଳ ୮.୩୦ରେ ଜିଲ୍ଲା କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ, ବଡହାଟ, କାକଟଛକ, ବାଲାବାବା ମଠ ଦେଇ ପୁଣି ଥରେ ଜିଲ୍ଲା କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସଚେତନତା ରଥ ସହର ପରିକ୍ରମା କରି ଡାକବାଜି ଯନ୍ତ୍ର ଯୋଗେ ସଚେତନତା ବାର୍ତ୍ତା ଦେଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ବାରିମୂଳ ନିଶାମୁକ୍ତି କେନ୍ଦ୍ର, ବିଭିନ୍ନ ସାମାଜିକ ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ପ୍ରତ୍ୟେକବର୍ଷ ଜୁନ୍ ୨୬ ତାରିଖରେ ପାଳନ ହୋଇଆସୁଛି 'ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ଦିବସ।' ଚଳିତବର୍ଷର ଥିମ୍ ରହିଛି "ପ୍ରମାଣ ସ୍ୱଷ୍ଟ, ନିବାରଣରେ କର ନିବେଶ।" ଅର୍ଥାତ୍ ନିଶା ଯୋଗୁ ଶାରୀରିକ ଓ ମାନସିକ କ୍ଷତିର ଗଦାଗଦା ପ୍ରମାଣ ରହିଛି। ରୋଗ ପ୍ରତିରୋଧକ ଶକ୍ତି କମିବା ସହ ପରିବାରରେ ନାନା ଅଶାନ୍ତି ଓ ସମାଜରେ ହିଂସାର ପ୍ରମୁଖ କାରଣ ହେଉଛି ଏହି ନିଶା। ତେଣୁ ଏଥିରୁ ନିବୃତ ରହିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ନିମନ୍ତ୍ରିତ ଅତିଥିମାନେ ଆହ୍ୱାନ ଦେଇଥିଲେ।

## ଗଡ଼ୁ଼ା ଚାଲିଛି ତିନିରଥ...

# ଚନ୍ଦ୍ରଶାଳୀ ନିର୍ମାଣ ଶେଷ



**ପୁରୀ, ୨୬।୬(ସମିସ):** ସରିଆସୁଛି ରଥ ନିର୍ମାଣ। ରଥଯାତ୍ରାକୁ ଆଉ ମାତ୍ର ୧୦ ଦିନ ବାକି ଥିବାବେଳେ ବୁଧବାର ଅନୁଷ୍ଠିତ ହୋଇଯାଇଛି ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ। ଏପଟେ ରଥଖଳାରେ ମଧ୍ୟ କାମ ବେଶ୍ ଦ୍ରୁତଗତିରେ ଆଗେଇ ଚାଲିଛି। ବୁଧବାର ରଥଖଳାରେ ତିନିରଥର ଖପୁରୀ ସମେତ ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ନିର୍ମାଣ ସରିଛି। ଗୁରୁବାର ଏହାକୁ ରଥ ଉପରକୁ ଉଠାଯାଇ ସଂଯୋଗ କରାଯିବ। ସେହିପରି ପ୍ରତ୍ୟେକ ରଥ ଉପରେ ବାନ୍ଧେଧଣୀ କାମ ଶେଷ ହୋଇଛି। ଅର୍ଥାତ୍ କଇଁଚି ସେଟିଙ୍ଗ କରାଯାଇଥିବା ବେଳେ ଅନ୍ଧାରୀ ତାଗ ବାଡିଆ ଯାଇଛି। ଏହାପରେ ରଥରେ ପଟା ବାଡିଆଯିବ। ଗୁରୁବାରଠାରୁ ଦୁଆରବେଢ଼ା କାମ ଆରମ୍ଭ କରାଯିବ। ପ୍ରତ୍ୟେକ ରଥରେ ୪ଟି ଲେଖାଏ ଦୁଆର ବେଢ଼ା ନିର୍ମାଣ କରାଯିବ। ଏହା ସମ୍ପୂର୍ଣ୍ଣ ହେବା ପରେ ଏଥିରେ ରଙ୍ଗ ଦିଆଯାଇ ରଥ ଉପରକୁ ଉଠିବ। ସେହିପରି ପ୍ରତ୍ୟେକ ରଥର ୪ଟି ଲେଖାଏ ଚନ୍ଦ୍ରଶାଳୀ ନିର୍ମାଣ ସରିଛି। ରୂପକାର ସେବକମାନେ ନାଟ ଗୋଡ଼ଗୁଡିକରେ ରୂପ ଖୋଦେଇ କରୁଛନ୍ତି। ଚିତ୍ରକାର ସେବକମାନେ ପ୍ରତ୍ୟେକ ରଥରେ ପ୍ରାଇମର ଦେବା ସହ ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଏବଂ ଠେକେରା ବାଡ଼ରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ କଇଁଚି କଣ୍ଟା ନିର୍ମାଣ ସହ ପୋଟଳ ପାଇଁ ଗୋଡ଼ିଛାଲ କଣ୍ଟା ତିଆରି କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦରଜି ସେବକମାନେ ତିନିରଥର ବତା କନା କଟିଙ୍ଗ ପରେ ବିଳାଶ ପଟିରେ ଲେସ୍ ସିଲାଇ କରୁଛନ୍ତି। ସେହିପରି ଦୁଆର ବେଢ଼ା ପାଇଁ କନା କଟାଯାଇ ଲେସ୍ କାମ ଚାଲିଛି।

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

# ପୁରୀକୁ ଗଡ଼ିବ ୩୦୦ ସ୍ୱତନ୍ତ୍ର ଟ୍ରେନ୍, ଅଧିକ ବସ୍



**ପୁରୀ, ୨୬।୬(ସମିସ):** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଆଉ ମାତ୍ର ୧୦ଦିନ ଥିବା ବେଳେ ଆଜି ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସହରରେ ସ୍ୱାସ୍ଥ୍ୟ, ପରିମଳ, ପରିବହନ ଓ ବିଦ୍ୟୁତ୍ ସେବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀକୁ ୩୦୦ ସ୍ୱତନ୍ତ୍ର ଟ୍ରେନ୍ ଏବଂ ଅଧିକ ସଂଖ୍ୟାରେ ବସ୍ ଚଳାଚଳ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

ପୁରୀ ସହରରେ ସ୍ୱାସ୍ଥ୍ୟ, ପରିବହନ, ବିଦ୍ୟୁତ୍, ପୌରସଂସ୍କାର କାମକୁ ନେଇ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ବେଶ୍ ଉଦ୍‌ବେଗ ପ୍ରକାଶ ପାଇଛି। ରଥଯାତ୍ରାକୁ ନେଇ ବସିଥିବା ବୈଠକରେ ଖୋଦ୍ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଅନୁପସ୍ଥିତ ଥିଲେ। ଏହାକୁ ନେଇ ବୈଠକରେ ହୋ ହଲ୍ଲା କରିଥିଲେ ଉପସ୍ଥିତ ବୁଦ୍ଧିଜୀବୀ ଓ ସେବାୟତ। ସେହିପରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ସୁବିଧା ଥାଇ ବର୍ଣ୍ଣ ୟୁନିଟ୍ ଖୋଲିବାକୁ ଦାବି ହୋଇଥିବା ବେଳେ ସହରରେ ଅଟୋଚାଳକଙ୍କ ଉପରେ ପରିବହନ ବିଭାଗର ଲଗାମ ନ ଥିବା ନେଇ ଅଭିଯୋଗ ବାଢ଼ିଥିଲେ ସହରବାସୀ। ତେବେ ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଟାଉନ ହଲ୍ ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ। ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଏକ ସାମୂହିକ କାର୍ଯ୍ୟ। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥ ନିର୍ମାଣ, ରଥକପଡ଼ା ଓ ରଥ ଦଉଡ଼ି ଏବଂ ନୀତିକାନ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ରଥଯାତ୍ରା ପ୍ରସ୍ତୁତି

- **ଭକ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ, ସିସିଟିଭି ନଜରରେ ରହିବ ପୁରୀ ସହର**
- **ଅଂଶୁଘାତ ମୁକାବିଲା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ବ୍ୟବସ୍ଥା**
- **ବେଳାଭୂମିରେ ମୁତୟନ ହେବେ ଲାଇଫ୍‌ଗାର୍ଡ ଓ କୋଷ୍ଟଗାର୍ଡ**

ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଗୃହକୁ ଅବଗତ କରିବାକୁ ଆସିବାରୁ ହୋ ହଲ୍ଲା କରିଥିଲେ ସେବାୟତ ଓ ବୁଦ୍ଧିଜୀବୀ। ପୁରୀରେ ରଥଯାତ୍ରା ହେବ। ମାତ୍ର ରଥଯାତ୍ରାକୁ ନେଇ ହେଉଥିବା ବୈଠକକୁ ସିଡିଏମ୍‌ଓ କାହିଁକି ଆସିନାହାନ୍ତି ବୋଲି ସମସ୍ତେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବେଶ୍ କିଛି ସମୟ ହୋ ହଲ୍ଲା ଚାଲିଥିଲା। ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏଥିରେ ହସ୍ତକ୍ଷେପ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ରଥଯାତ୍ରା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥାୟୀ ଭାବେ ବର୍ଣ୍ଣ ୟୁନିଟ୍ କିପରି କାର୍ଯ୍ୟକ୍ଷମ କରିବ ସେ ନେଇ ବ୍ୟବସ୍ଥା କରାଯିବ। ପରବର୍ତ୍ତୀ ସମୟରେ ଏଠାରେ କିପରି ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବ ସେ ଦିଗରେ ପଦକ୍ଷେପ ନିଆଯିବ। ଅଂଶୁଘାତର ମୁକାବିଲା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ବ୍ୟବସ୍ଥା ହେବ ବୋଲି ଆଇନ ମନ୍ତ୍ରୀ କହିଥିଲେ।

ୱାଟ୍‌କୋ ପକ୍ଷରୁ ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ଜଳଯୋଗାଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବିନା ସୂଚନାରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଘେରିଥିଲେ ସେବାୟତ ଓ ବୁଦ୍ଧିଜୀବୀ। ମରାମତି ପାଇଁ କିଛିଟା ସମସ୍ୟା ହେଉଛି। ଆସନ୍ତା ୩୦ ତାରିଖ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହୋଇଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ରବିନ ପଟ୍ଟନାୟକ କହିଥିଲେ, ରଥଯାତ୍ରା ସମୟରେ ଅଧିକ ବସ୍ ଚଳାଚଳ କରାଯିବ। ଯାତ୍ରୀମାନେ ଯେପରି ଭଡ଼ାକୁ ନେଇ ଜୁଲମ୍‌ର ଶିକାର ନ ହେବେ ସେଥିପାଇଁ ବିଭାଗ ଯୋଜନା କରିଛି ବୋଲି କହିଥିଲେ। ତେବେ ପୁରୀ ସହରରେ ଅଟୋ ଚାଳକଙ୍କ ଉପରେ କୌଣସି ଲଗାମ ରହୁନାହିଁ। ସେମାନେ ମନଇଚ୍ଛା ଗଳିକନ୍ଦିରେ ଅଟୋ ପୂରାଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଯାଞ୍ଚ କରାଯାଉ ନ ଥିବାରୁ ନାବାଳକ ଇ-ଅଟୋ ଚଳାଉଛନ୍ତି। ଭକ୍ତ, ପର୍ଯ୍ୟଟକଙ୍କଠାରୁ ମନଇଚ୍ଛା ଭଡ଼ା ନେଉଥିବା ବୁଦ୍ଧିଜୀବୀ ଜଣାଇବା ପରେ ଏହା ଉପରେ ଦୃଷ୍ଟି ଦେବାକୁ ଆଇନମନ୍ତ୍ରୀ ଆର୍‌ଟିଓଙ୍କୁ କହିଥିଲେ।

ରେଳ ବିଭାଗ ପକ୍ଷରୁ ୩୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଅତିରିକ୍ତ ଟିକଟ୍ କାଉଣ୍ଟର୍ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ସୂଚନା ଦେବା ବେଳେ ସହରରେ ନାଳ ନର୍ଦ୍ଦମା ସଫେଇକୁ ନେଇ ଘେରିଥିବା ବୁଦ୍ଧିଜୀବୀ। ବିଭିନ୍ନ ୱାର୍ଡରେ ଠିକ୍ ଭାବେ ନାଳ ସଫା କରାଯାଉ ନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ନଳାପାଣି ଭାସୁଛି ବୋଲି ଅଭିଯୋଗ ବାଢିଥିଲେ। ପୌରପାଳିକା ପାଇଁ ଜଣେ ଅତିରିକ୍ତ ସଚିବ ସ୍ତରର ଅଧିକାରୀ କାର୍ଯ୍ୟ ଅନୁଧ୍ୟାନ କରିବେ ବୋଲି ଆଇନ ମନ୍ତ୍ରୀ କହିଥିଲେ।

ଏସ୍‌ପି ପିନାକ ମିଶ୍ର ପୁଲିସ ବ୍ୟବସ୍ଥା ସମ୍ପର୍କରେ କହିଥିଲେ ଯେ, ଭକ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ସମଗ୍ର ପୁରୀ ସହରର ସିସିଟିଭି ବଳୟରେ ରହିବ। ବେଳାଭୂମିରେ ଲାଇଫ୍‌ଗାର୍ଡ ଏବଂ କୋଷ୍ଟଗାର୍ଡ ମଧ୍ୟ ମୁତୟନ ହେବେ ବୋଲି ସୂଚନା ଦେଇଥିଲେ। ପରେ ଏନଏଚ୍‌ଏଆଇ, ପୂର୍ତ୍ତ ବିଭାଗ, ବିଏସ୍‌ଏନଏଲ୍, ସୂଚନା ଓ ପ୍ରସାରଣ ବିଭାଗର ଅଧିକାରୀ ପ୍ରମୁଖ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ସରକାରୀ ଅଧିକାରୀ ଯୋଗଦେଇଥିଲେ।

# ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଡ୍ରୋନ୍ ସର୍ଭେ ଶେଷ

**ଭୁବନେଶ୍ୱର, ୨୬।୬(ସମିସ):** ପୁରୀଠାରେ ନିର୍ମାଣ ହେବାକୁ ଥିବା ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ଡ୍ରୋନ୍ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଭାରତର ଅଗ୍ରଣୀ ଡ୍ରୋନ୍ ଟେକ୍ ଓ ଆନାଲିଟିକ୍ସ କମ୍ପାନୀ, ଆଇଜି ଡ୍ରୋନ୍‌ସ ପକ୍ଷରୁ ଏହି ସର୍ଭେ କାର୍ଯ୍ୟ ୨ ମାସରେ କରାଯାଇଛି। ହାଇଟେକ୍ ଡ୍ରୋନ୍‌ଗୁଡ଼ିକ ମାଧ୍ୟମରେ ପ୍ରକଳ୍ପର ସର୍ବେକ୍ଷଣ କରି ଏକ ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯିବ। ଏହି ଡ୍ରୋନଗୁଡ଼ିକରେ ହାଇ ରିଜୋଲ୍ୟୁସନ ଇମେଜ୍, ଭିଡିଓ ଓ ଅତିରିକ୍ତ ଡାଟା ହାସଲ କରିବା ପାଇଁ ଆଡଭାନ୍ସଡ ସେନ୍ସର ରହିଛି। ଏସମ୍ପର୍କରେ ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱା ସଂଘପ୍ରିୟା କହିଛନ୍ତି ଆମେ ଅତୀତରେ ମେଟ୍ରୋ ରେଲ୍, ବୁଲେଟ ଟ୍ରେନ ଓ ଖଣି ପ୍ରକଳ୍ପ ଭଳି ଅନେକ ପ୍ରକଳ୍ପର ସର୍ଭେ କରିଛୁ ଏବଂ ଏହି ପ୍ରକଳ୍ପ ଆମର ଆଉ ଏକ ସଫଳତା। ଓଡ଼ିଶାର ଏକ କମ୍ପାନୀ ଭାବେ ପ୍ରଭୁ ଜଗନ୍ନାଥଙ୍କ ଏହି ପ୍ରକଳ୍ପର ସର୍ଭେ କରିବା ଆମ ପାଇଁ ଏକ ଗର୍ବର ବିଷୟ। ଏହି କାର୍ଯ୍ୟ ପାଇଁ ୧୦ଟି ଡ୍ରୋନ୍ ନିୟୋଜିତ ହୋଇଥିଲା। ହାଇ ରିଜୋଲ୍ୟୁସନ କ୍ୟାମେରା ଓ ଆଡ୍‌ଭାନ୍ସଡ ସେନ୍ସରେ ସୁସଜ୍ଜିତ ଏହାର ମଜଭୁତ ଡିଜାଇନ ସଠିକ ଡାଟା ସଂଗ୍ରହ ଓ ବାସ୍ତବ ସମୟର ନିରୀକ୍ଷଣ ସୁନିଶ୍ଚିତ କରିଛି ବୋଲି ସେ କହିଛନ୍ତି।

# ୬ରୁ ୪ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୬।୬(ସମିସ):** ଚାରିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥର ପୁରୀ ଯାଇ ଶ୍ରୀଗୁଣ୍ଡିଚା ଯାତ୍ରାରେ ସାମିଲ ହେବେ। ଜୁଲାଇ ୬ ତାରିଖ ଅପରାହ୍ଣରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି। ସେଇଦିନ ସନ୍ଧ୍ୟାରେ ଜୟଦେବ ଭବନରେ ଉତ୍କଳମଣିଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀରେ



- **ପୁରୀ ଘୋଷଯାତ୍ରାରେ ହେବେ ସାମିଲ**
- **ବୁଲିବେ ଖଣ୍ଡଗିରି ଓ ଉଦୟଗିରି**

ଯୋଗଦେବେ। ରାତିରେ ରାଜଭବନ ଯାଇ ରାତ୍ରିଯାପନ କରିବେ। ଜୁଲାଇ ୭ ତାରିଖ ସକାଳୁ ଏକ ସ୍ୱତନ୍ତ୍ର ବିମାନରେ ପୁରୀ ଅଭିମୁଖେ ଯାଇ ଶ୍ରୀଜିଉଙ୍କ ଦର୍ଶନ କରିବା ସହ ଘୋଷଯାତ୍ରାରେ ସାମିଲ ହେବେ। ସେଇଦିନ ପୁରୀରେ ରାତ୍ରିଯାପନ କରିବେ। ୮ ତାରିଖରେ ପୁରୀରୁ ବାହାରି ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରି ଖଣ୍ଡଗିରି ଓ ଉଦୟଗିରି ପରିଦର୍ଶନ କରିବେ। ସେହିଦିନ ସନ୍ଧ୍ୟାରେ ଅନ୍ଧାରୁଆସ୍ଥିତ ପ୍ରଜାପତି ବ୍ରହ୍ମାକୁମାରୀଙ୍କ ଡିଭାଇନ୍ ରିଟ୍ରିଟ୍ ସେଣ୍ଟରର ଉଦ୍‌ଘାଟନ କରିବେ। ୯ ତାରିଖରେ ଜଟଣୀର ନାଇଜର୍‌ରେ ଏକ କାର୍ଯ୍ୟକ୍ରମ ରହିଛି। ସେଇଦିନ ଅପରାହ୍ଣରେ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତକୁ ନେଇ ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ରୁଟ୍ ଲାଇନ୍ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ପୁଲିସ କମିସନର୍ ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସଡ଼କ ପଥରେ ଯିବେ। ତେଣୁ ରୁଟ୍‌ଲାଇନ୍, ସୁରକ୍ଷା, ସାନିଟାଇଜେସନ୍ ଓ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏଥିଲାଗି ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସୁରକ୍ଷା ସଂକ୍ରାନ୍ତ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇଛି। ସେପରି ରାଷ୍ଟ୍ରପତି ଖଣ୍ଡଗିରି ଓ ଉଦୟଗିରି ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ସେଇ ସମୟରେ ଉଭୟ ଖଣ୍ଡଗିରି ଓ ଉଦୟଗିର ସର୍ବସାଧାରଣଙ୍କ ଲାଗି ବନ୍ଦରହିବ। ରାଷ୍ଟ୍ରପତିଙ୍କ ଭୁବନେଶ୍ୱରରେ ଥିବା କାର୍ଯ୍ୟସୂଚୀ ଅନୁଯାୟୀ କମିସନରେଟ୍ ପୁଲିସ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରିବା ପରେ ଆବଶ୍ୟକତା ଅନୁସାରେ ସୁରକ୍ଷାକର୍ମୀ ମୁତୟନ କରାଯିବ। ରଥଯାତ୍ରା ସମୟରେ ରାଷ୍ଟ୍ରପତି ଭୁବନେଶ୍ୱର ଆସୁଥିବାରୁ ସୁରକ୍ଷା ଯୋଗାଇବା କମିସନରେଟ୍ ପୁଲିସ ଲାଗି ଆହ୍ୱାନ ରହିଛି।

## ପୁରୀ ରଥଯାତ୍ରା ପାଇଁ ଉଚ୍ଚସ୍ତରୀୟ ପୁଲିସ ସମୀକ୍ଷା

# ଟ୍ରାଫିକ ପରିଚାଳନା ଓ ସୁରକ୍ଷାକୁ ଡିଜିପିଙ୍କ ଗୁରୁତ୍ୱ

**କଟକ, ୨୬।୬(ସମିସ):** ଆସନ୍ତା ଜୁଲାଇ ୭ ତାରିଖ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁପରିଚାଳନା କରିବା ନିମନ୍ତେ ବୁଧବାର ସନ୍ଧ୍ୟାରେ କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନେତ୍ର ଉତ୍ସବ, ନବଯୌବନ ଦର୍ଶନ, ରଥଯାତ୍ରା, ୧୫ରେ ବାହୁଡ଼ା ଯାତ୍ରା, ୧୭ରେ ସୁନାବେଶ ଓ ୧୯ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବେ ଓ ଏହାସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ବିଭିନ୍ନ କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗମନ କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବାକୁ ଡିଜିପି ଶ୍ରୀ ଷଡଙ୍ଗୀ ବରିଷ୍ଠ ପୁଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆବଶ୍ୟକତା ଦୃଷ୍ଟିରୁ ବୋମା ନିଷ୍କ୍ରିୟକାରୀ ଦଳ, ଏଚ୍‌ଏଚ୍‌ଏମଡି, ଡିଏମ୍‌ଏଫଡି, ମେଟାଲ ଡିଟେକ୍ଟର ଓ କାଉଣ୍ଟର ଗୁଇନ୍ଦା ସ୍କ୍ୱାଡ୍‌କୁ ନିୟୋଜିତ କରାଯିବ। ସହରର ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ କରାଯିବ। ଟ୍ରାଫିକ ସୁପରିଚାଳନା ନିମନ୍ତେ ବିଭିନ୍ନ ପଦକ୍ଷେପ ସହ ସମୁଦ୍ର କୂଳରେ ପାଟ୍ରୋଲିଂ କଡାକଡି କରିବାକୁ ଦୃଷ୍ଟି ଦିଆଯିବ। ଅସ୍ଥାୟୀ ପୁଲିସ ଆଉଟପୋଷ୍ଟ




ଖୋଲାଯିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

ବୈଠକରେ ନିର୍ଦ୍ଦେଶକ (ଏସସିଆରବି) ବିନୟତୋଷ ମିଶ୍ର, ଏଡିଜିପି (ଏସଏପି) ଆର.ପି. କୋଚେ, ପୁଲିସ କମିଶନର (କଟକଭୁବନେଶ୍ୱର) ସଞ୍ଜୀବ ପଣ୍ଡା, ଏଡିଜିପି (ମୁଖ୍ୟାଳୟ) ଆର.କେ. ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଏଡିଜିପି (ଅପରେସନ) ଏସ. ଦେବଦତ୍ତ ସିଂ, ଏଡିଜିପି (ରେଳବାଇ ଓ ଉପକୂଳ ସୁରକ୍ଷା) ରାଜେଶ କୁମାର, ଏଡିଜିପି (ଆଧୁନିକୀକରଣ) ଦୟାଲ ଗଙ୍ଗୱାର, ଆଇ.ଜି. (ପ୍ରୋଭିଜନିଂ) ଯତିନ୍ଦ୍ର କୋୟଲ, ଆଇ.ଜି. (କାର୍ମିକ) ଏସ. ପ୍ରବୀଣ କୁମାର, ଆଇ.ଜି. (ଯୋଗାଯୋଗ) ଗଜଭିୟେ ସତିଶ ଈଶ୍ୱରଦାସ, ଆଇ.ଜି. (କେନ୍ଦ୍ରାଞ୍ଚଳ) ସଞ୍ଜୟ କୌଶଲ, ଆଇ.ଜି. (ମୁଖ୍ୟମନ୍ତ୍ରୀ ସୁରକ୍ଷା) ଆଶିଷ ସିଂ, ଆଇ.ଜି. (ଗୁଇନ୍ଦା) ଅନୁପ କୁମାର ସାହୁ, ଏସ.ପି. (ପୁରୀ) ପିନାକ ମିଶ୍ର, ଏ.ଆଇ.ଜି (ମୁଖ୍ୟାଳୟ) ବିବେକାନନ୍ଦ ଶର୍ମା, ଏ.ଆଇ.ଜି (ପ୍ରୋଭିଜନିଂ) ପ୍ରଶାନ୍ତ ନାୟକ, ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

- **ତାଲିମ ବେଳେ ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ**

# ଆଇଏଫ୍‌ଏସ୍ ଭି କାର୍ତ୍ତିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ଭୁବନେଶ୍ୱର, ୨୬।୬(ସମିସ):** ଜଣେ ମହିଳା ଟ୍ରେନିଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗରେ ଆଭ୍ୟନ୍ତରୀଣ କମିଟିର ତଦନ୍ତ ଆଧାରରେ ଓଡ଼ିଶା କ୍ୟାଡର୍ ଆଇଏଫଏସ୍ ଭି. କାର୍ତ୍ତିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟକୁ ସୁପାରିସ କରାଯାଇଛି। ପୂର୍ବରୁ ଅନୁଗୁଳର ଡିଏଫଓ ଥିବା ଭି. କାର୍ତ୍ତିକ ଏବେ କୋଏମ୍ବାଟୁର ସିଏଏସ୍‌ଏଫ୍‌ଓରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ମହାରାଷ୍ଟ୍ରର ଜଣେ ମହିଳା ଫରେଷ୍ଟ ରେଞ୍ଜ ଅଫିସର କୋଏମ୍ବାଟୁରରେ ୫ଦିନିଆ ପ୍ରଶିକ୍ଷଣ ନେବାକୁ ଯାଇଥିବା ବେଳେ ଭି କାର୍ତ୍ତିକଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ନେଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପରେ ଭି କାର୍ତ୍ତିକ ଯୁବତୀ ଜଣଙ୍କୁ ହ୍ୱାଟସଆପରେ ଅଶ୍ଳୀଳ ମେସେଜ ପଠାଇବା ସହ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିବା ଜଣାପଡ଼ିଥିଲା। ଏପରିକି ନିଜ ଅଧୀନରେ କାମ କରୁଥିବା କର୍ମଚାରୀ ଓ ସହଯୋଗୀଙ୍କୁ ବି ଭି କାର୍ତ୍ତିକ ମାନସିକ ନିର୍ଯାତନା ଦେଉଥିବା ତଦନ୍ତ ପରେ ଜଣାପଡ଼ିଛି।

ତାଙ୍କୁ ଜୁନ୍ ୩୦ ପୂର୍ବରୁ ତାଙ୍କ ଗୃହ କ୍ୟାଡର ଓଡ଼ିଶା ଫେରାଇ ନେବାକୁ ସୁପାରିସ କରାଯାଇଛି। ନିଜ ପଦ ଓ କ୍ଷମତାର ଅପବ୍ୟବହାର କରି ସେ ଯୌନ ଉତ୍ପୀଡନ କରୁଥିବା ତଦନ୍ତକାରୀ କମିଟି ଉଲ୍ଲେଖ କରିଛି। ଲିଙ୍ଗଗତ ସମ୍ବେଦନଶୀଳତା ନ ଥିବାରୁ ଭବିଷ୍ୟତରେ ମଧ୍ୟ ଭି କାର୍ତ୍ତିକଙ୍କୁ କୌଣସି ପ୍ରଶିକ୍ଷଣ ପ୍ରତିଷ୍ଠାନ ବା ମହିଳା ଭିତ୍ତିକ ସଂସ୍ଥାରେ ନିଯୁକ୍ତ ନ କରିବାକୁ କମିଟି ସୁପାରିସ କରିଛି। ତାଙ୍କ ଆଚରଣ ସହକର୍ମୀ ତଥା ଅଧସ୍ତନ କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇପାରେ ବୋଲି କମିଟି କହିଛି। ଯୌନ ଉତ୍ପୀଡ଼ନ ଅଭିଯୋଗ ଉପରେ ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟି କହିଛି।

# ଜୁଲାଇ ୯ରେ ମିଳିବ ମାଟ୍ରିକ ପ୍ରମାଣପତ୍ର

**ଭୁବନେଶ୍ୱର, ୨୬।୬(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଜୁଲାଇ ୨ ଏବଂ ୩ ତାରିଖରେ ମାଟ୍ରିକ ପ୍ରମାଣପତ୍ର ପ୍ରଦାନ କରାଯିବ। ସମସ୍ତ ଜିଲ୍ଲାର ସଦର ମହକୁମାରେ ପ୍ରମାଣପତ୍ର ବିତରଣ କେନ୍ଦ୍ର କରାଯାଇଛି। ପ୍ରଧାନଶିକ୍ଷକମାନେ ପ୍ରମାଣପତ୍ର ନେଇ ବିଦ୍ୟାଳୟରେ ଜୁଲାଇ ୯ ତାରିଖ ଦିନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ। ପ୍ରମାଣପତ୍ରରେ କୌଣସି ତ୍ରୁଟି ଥିଲେ କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ଜୁଲାଇ ୧୨ ରୁ ୨୨ ତାରିଖ ମଧ୍ୟରେ ସଂଶୋଧନ କରିପାରିବେ।

**ଜୁଲାଇ ୧୨ ରୁ ୨୨ ତାରିଖ ପର୍ଯ୍ୟନ୍ତ ସଂଶୋଧନ**

ପ୍ରମାଣପତ୍ର ମୁଦ୍ରଣ ପାଇଁ ନିର୍ଦ୍ଧାରିତ ଫି' ଦେଇ ସଂଶୋଧନ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନେ ପ୍ରମାଣପତ୍ର ବଣ୍ଟନ ପ୍ରକ୍ରିୟାର ତଦାରଖ କରିବେ।

ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ, ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା(ପ୍ରଥମ), ମଧ୍ୟମା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ୩୦ଟି କେନ୍ଦ୍ର କରାଯାଇଛି। କଟକ ଜିଲା ପାଇଁ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଏହି ପ୍ରମାଣପତ୍ର ପ୍ରଦାନ କରାଯିବ।

ସେହିପରି ଖୋର୍ଦ୍ଧାରେ ଭୁବନେଶ୍ୱରସ୍ଥିତ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱରରେ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ଗଞ୍ଜାମରେ ବ୍ରହ୍ମପୁର ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁରରେ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ କୋରାପୁଟରେ ଜୟପୁରସ୍ଥିତ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟରେ ପ୍ରମାଣପତ୍ର ବିତରଣ କେନ୍ଦ୍ର କରାଯାଇଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେଲା ୭୯ ମାଧ୍ୟମିକ ବିଦ୍ୟାଳୟ

**ଭୁବନେଶ୍ୱର, ୨୬।୬(ସମିସ):** ରାଜ୍ୟର ୭୯ ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଛି। ତନ୍ମଧ୍ୟରେ କଳାହାଣ୍ଡି ଜିଲ୍ଲାର ସର୍ବାଧିକ ୧୭ଟି ମାଧ୍ୟମିକ ବିଦ୍ୟାଳୟ ରହିଛି। ଏହି ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗ ଖୋଲିବ। ଚଳିତ ୨୦୨୪-୨୫ ଶିକ୍ଷାବର୍ଷରୁ ଏହା କାର୍ଯ୍ୟକ୍ଷମ ହେବ। ଏନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ପ୍ରକଳ୍ପ ଅନୁମୋଦନ ବୋର୍ଡ(ପିଏବି) ସୁପାରିସକ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା କୁହାଯାଇଛି। ବିଭିନ୍ନ ସ୍ଥାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ଥିବାରୁ ପିଲାମାନେ ପାଠପଢ଼ିବା ପାଇଁ ବହୁ ଦୂରକୁ ଯାଉଥିଲେ। ଦୂର ବାଟ ପାଇଁ ଅନେକ ପିଲା ମାଟ୍ରିକ ପରେ ପାଠ ଛାଡ଼ି ଦେଉଥିଲେ। ଏଣିକି ମାଟ୍ରିକ୍ ପରେ

**କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୧୭, ଗଞ୍ଜାମରେ ୧୪**

ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାର ୩ଟି ବିଦ୍ୟାଳୟକୁ ଉନ୍ନୀତ କରାଯାଇଥିବାବେଳେ ବଲାଙ୍ଗିର ଜିଲ୍ଲାର ୮, ବୌଦ୍ଧର ୨, ଗଞ୍ଜାମର ୧୪, ଝାରସୁଗୁଡ଼ାର ୪, କଳାହାଣ୍ଡିର ୧୭, କେନ୍ଦୁଝରର ୫, କୋରାପୁଟର ୬, ମାଲକାନଗିରିର ୨, ମୟୂରଭଞ୍ଜର ୧, ନବରଙ୍ଗପୁରର ୨, ନୂଆପଡ଼ାର ୧, ସମ୍ବଲପୁରର ୩ ଏବଂ ସୁନ୍ଦରଗଡ଼ର ଜିଲ୍ଲାର ୧୦ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି।

## ଜୁଲାଇ ୧ରୁ ଲାଗୁହେବ ନୂତନ ଫୌଜଦାରୀ ଆଇନ

# ୨୯ରେ ରାଜ୍ୟର ୧୮୩ ବାର୍ ପାଳିବେ ସଚେତନତା ଦିବସ

**କଟକ, ୨୬।୬(ସମିସ):** ଆସନ୍ତା ଜୁଲାଇ ୧ରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେବାକୁ ଯାଉଛି ନୂତନ ଫୌଜଦାରୀ ଆଇନ। ବ୍ରିଟିଶ ଅମଳର ଭାରତୀୟ ପିଙ୍ଗଳ କୋଡ୍ ବଦଳରେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତା-୨୦୨୩, କ୍ରିମିନାଲ ପ୍ରୋସିଡିଓର କୋଡ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା -୨୦୨୩ ଓ ଭାରତୀୟ ସାକ୍ଷ୍ୟବିଧି ଆଇନ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ଲାଗୁ ହେବ। ନୂଆ ଆଇନ ଲାଗୁ ପରିପ୍ରେକ୍ଷୀରେ ରାଜ୍ୟ ବାର କାଉନସିଲ ଆଡଭୋକେଟ ଏକାଡେମି ପକ୍ଷରୁ ରାଜ୍ୟବ୍ୟାପି ନୂତନ ଫୌଜଦାରୀ ଆଇନ ସଚେତନତା ଦିବସ ଆସନ୍ତା ଜୁନ ୨୯ରେ ପାଳନ କରାଯିବ। ହାଇକୋର୍ଟ ବାର ସମେତ ରାଜ୍ୟର ସମସ୍ତ ୧୮୩ଟି ବାର ଆସୋସିଏସନରେ ଏହି ସଚେତନତା ଦିବସ ପାଳିତ ହେବ ବୋଲି ଆଜି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସଚେତନ୍ତା ଦିବସରେ ସମ୍ପର୍କରେ ଆଇନଜୀବୀମାନେ ସେମାନଙ୍କର ବାର ଆସୋସିଏସନଗୁଡିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିବେ। ରାଜ୍ୟ ବାର କାଉନସିଲ ଏବଂ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ସହିତ ମିଳିତ ଭାବେ ଏହି ସଚେତନତା ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଅନ୍ୟ ବିଚାରପତି ଓ ବରିଷ୍ଠ ଆଇନଜୀବୀମାନେ ଯୋଗ ଦେବେ। ନୂତନ ପିଢିର ଆଇନଜୀବୀ ମାନଙ୍କ ପାଇଁ



ଭବିଷ୍ୟତରେ ଏହି ଆଇନ ସମ୍ପର୍କରେ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ। ସାଧାରଣ ଲୋକଙ୍କୁ ନ୍ୟାୟ ଯୋଗାଇବା କ୍ଷେତ୍ରରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ଥିବାରୁ ନୂତନ ଆଇନ ସମ୍ପର୍କରେ ବିଭିନ୍ନ ଦିଗରୁ ବିତର୍କର ଆବଶ୍ୟକତା ରହିଛି। ସାଧାରଣ ଜନତାକୁ ତୁରିତ ନ୍ୟାୟ ଓ ପୁଲିସକୁ ଉତ୍ତରଦାୟୀ କରିବାରେ ଏହି ଆଇନ ସହାୟକ ହେବ ବୋଲି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ଦ୍ୱିବେଦୀଙ୍କୁ ମୋସନ ତ୍ରିବେଦୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି ଓ ସଦସ୍ୟ ଭକ୍ତଭୂଷଣ ବାରିକ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପିତବାସ ପଣ୍ଡା, ଦେବୀ ପ୍ରସାଦ ଧଳ, ବିଭୂ ପ୍ରସାଦ ଦାସ, ଅକ୍ଷୟ କୁମାର ପତି, ସୌର ଚନ୍ଦ୍ର ମହାପାତ୍ର, ବିଭୁପ୍ରସାଦ ତ୍ରିପାଠୀ, ଅରୂପାନନ୍ଦ ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ରାଜନଗରରେ ଝାଡ଼ାବାନ୍ତି; ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ରାଜନଗର, ୨୬।୬(ସମିସ):** ରଜ ସଂକ୍ରାନ୍ତି ପରଠାରୁ ରାଜନଗର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ପ୍ରବଳ ଗୁଳୁଗୁଳି, ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଝାଡାବାନ୍ତି ଚିନ୍ତାର ବିଷୟ ହୋଇଛି। ଆଜି ଗୋଟିଏ ଦିନରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫୦ଜଣ ଝାଡ଼ାବାନ୍ତି ରୋଗୀ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଆଡ୍‌ମିସନ କରାଯାଇ ଚିକିତ୍ସା ଚାଲିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡ଼ିଛି। ଅତ୍ୟଧିକ ଗରମ ସାଙ୍ଗକୁ ପାଚିଲା ଆମ୍ବ, ପଣସ ଓ ବାହାଘର ଭୋଜି ଯୋଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ରଜ ପରଠାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଝାଡାବାନ୍ତି ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ଏକ ସପ୍ତାହ ହେଲା ଏହି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏବେ ପ୍ରତିଦିନ ୧୦ରୁ ୧୫ଜଣ ରୋଗୀ ଆଡମିଟ ହୋଇ ଚିକିତ୍ସିତ ହେଉଥିବାବେଳେ ଅନ୍ୟମାନେ ମେଡିସିନ ନେଇ ଘରକୁ ଫେରିଯାଉଛନ୍ତି। ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଡିଆମାଳର ବିମଳି ପ୍ରଧାନ (୫୯), ମହୁଲିଆର ଚଞ୍ଚଳା ସ୍ୱାଇଁ (୫୨), କଏଥାର ରିତାଞ୍ଜଳୀ ପଢ଼ିହାରୀ, ଝିଙ୍କିରିଆର ପ୍ରମୋଦିନୀ ପାତ୍ର, ଦାରୁଓରାର ଦୀପକ କୁମାର ବିଶ୍ୱାଳ, କୁରିଣ୍ଟିର ଶୁକ କଅଁର, କଣିର କଳ୍ପନା ସାମଲ, ହାତିନାର ସବିତା ରାଉତ ପ୍ରମୁଖ ଚିକିତ୍ସିତ ହେଉଛନ୍ତି।

ସକାଳ
THE SAKALA

## ଓମ୍ ବିର୍ଲା ଦ୍ୱିତୀୟ ଥର ଲୋକସଭା ବାଚସ୍ପତି ନିର୍ବାଚିତ

# ବିରୋଧୀ ଦଳଙ୍କ ସାଙ୍କେତିକ ବଳକଷା ପ୍ରଭାବଶୂନ୍ୟ

ଅଷ୍ଟାଦଶ ଲୋକସଭା ଗଠନ ପରେ ପ୍ରଥମ ଥର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ତଥା ପ୍ରତୀକାତ୍ମକ ଲଢ଼େଇରେ ଗଣତନ୍ତ୍ରର ବିଜୟ ହେଲା ଏବଂ ଅଧିକସଂଖ୍ୟକ ସାଂସଦଙ୍କ ସମର୍ଥନ ଥିବାରୁ ବିଜେପି ନେତୃତ୍ୱରେ ପରିଚାଳିତ ଏନ୍‌ଡିଏର ବାଚସ୍ପତି ପ୍ରାର୍ଥୀ ଓମ୍ ବିର୍ଲା କ୍ରମାଗତ ଭାବେ ବୁଧବାର ଦ୍ୱିତୀୟଥର ପାଇଁ ଲୋକସଭାର ବାଚସ୍ପତି ନିର୍ବାଚିତ ହୋଇଛନ୍ତି। ବାଚସ୍ପତି ନିର୍ବାଚନ ସର୍ବସମ୍ମତିକ୍ରମେ କରିବାକୁ ବିଜେପି ଯେଉଁ ଉଦ୍ୟମ କରିଥିଲା ତାହାକୁ ବିରୋଧୀ କଂଗ୍ରେସ ଓ ତାହାର କେତେକ ମିତ୍ର ଦଳ ସମର୍ଥନ କରିବା ପାଇଁ ଉପବାଚସ୍ପତି ପଦ ପ୍ରତିବଦଳରେ ଦାବି କରିଥିଲେ। ତେବେ ପରମ୍ପରା ଅନୁସାରେ ଶାସକ ଦଳ ଓ ମେଣ୍ଟର ସଦସ୍ୟ ଉଭୟ ବାଚସ୍ପତି ଓ ଉପବାଚସ୍ପତି ପଦ ନିଜ ହାତରେ ରଖୁଥିବାରୁ ବିଜେପି କଂଗ୍ରେସର ପ୍ରସ୍ତାବକୁ ଗ୍ରହଣ କରି ନ ଥିଲା। ନିଜ ପାଖରେ ଥିବା ଭୋଟ ଆଧାରରେ ବିଜୟ ସୁନିଶ୍ଚିତ ଥିବାରୁ ବିଜେପି ଓ ଏନ୍‌ଡିଏ ଓମ୍ ବିର୍ଲାଙ୍କୁ ପ୍ରାର୍ଥୀ କରିଥିଲା। ଅପରପକ୍ଷରେ ଜିଦ୍‌ରେ ଅଟଳ କଂଗ୍ରେସ ଓ 'ଇଣ୍ଡି'ମେଣ୍ଟ ହାରିବା ସୁନିଶ୍ଚିତ ଜାଣି ମଧ୍ୟ ଆଠ ଥରର କେରଳ ସାଂସଦ କେ ସୁରେଶଙ୍କୁ ପ୍ରାର୍ଥୀ କରି ଏକ ପ୍ରତୀକାତ୍ମକ ଓ ଜିଦିଖୋର ଲଢ଼େଇ ଲଢ଼ିଥିଲା। ସଂସଦୀୟ ଇତିହାସରେ ଚତୁର୍ଥଥର ପାଇଁ ଏବଂ ୧୯୫୨, ୧୯୬୭ ଓ ୧୯୭୬ ପରେ ପ୍ରଥମ ଥର ନିମନ୍ତେ ଏହି ମର୍ଯ୍ୟାଦାପୂର୍ଣ୍ଣ ନିର୍ବାଚନ ଲାଗି ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲେ ମଧ୍ୟ ଗୁପ୍ତ ଭୋଟର ଆବଶ୍ୟକତା ପଡ଼ି ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଚସ୍ପତି ନିର୍ବାଚନ ସଂକ୍ରାନ୍ତ ପ୍ରସ୍ତାବ ଲୋକସଭାରେ ଉପସ୍ଥାପନ କରିବା ପରେ ପୀଠାସୀନ ଅସ୍ଥାୟୀ ବାଚସ୍ପତି ଏ ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କ ଧ୍ୱନିଭିତ୍ତିକ ଭୋଟ ଲୋଡ଼ିଥିଲେ। ଧ୍ୱନି ମତରେ ଶ୍ରୀ ବିର୍ଲାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଯେ ୫୪୩ ସଦସ୍ୟ ବିଶିଷ୍ଟ ଲୋକସଭାରେ ଏନ୍‌ଡିଏର ସଦସ୍ୟ ସଂଖ୍ୟା ୨୯୩ ହୋଇଥିବା ବେଳେ 'ଇଣ୍ଡି'ମେଣ୍ଟର ମୋଟ ସଭ୍ୟ ସଂଖ୍ୟା ୨୪୯। ଅଷ୍ଟାଦଶ ଲୋକସଭାର ବାଚସ୍ପତି ନିର୍ବାଚନରୁ ସ୍ପଷ୍ଟ ହୋଇଗଲା ଯେ ଏନ୍‌ଡିଏ ମେଣ୍ଟ ମଧ୍ୟ ଉପବାଚସ୍ପତି ପଦ ଜିତିବ ଏବଂ ବିରୋଧୀଙ୍କୁ ପୁନର୍ବାର ନିରାଶ ହେବାକୁ ପଡ଼ିବ।

ତେବେ ସେ ଯାହା ହେଉ ଶ୍ରୀ ବିର୍ଲା ବାଚସ୍ପତି ନିର୍ବାଚିତ ଘୋଷିତ ହେବା ପରେ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ, ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ, ସଂସଦୀୟ ମନ୍ତ୍ରୀ କିରଣ ରିଜ୍‌ଜୁ ତାଙ୍କୁ ବାଚସ୍ପତି ଆସନକୁ ପାଛୋଟି ନେଇଥିଲେ। ଗୃହର ପ୍ରାୟ ସବୁ ସଦସ୍ୟ ଶପଥ ନେଇ ସାରିଥିବାରୁ ଗୁରୁବାର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନରେ ଔପଚାରିକ ଅଭିଭାଷଣ ରଖିବେ ଓ ତା' ଉପରେ ପ୍ରଧାନମନ୍ତ୍ରୀ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିବେ। ଏଥିସହିତ ଅଷ୍ଟାଦଶ ଲୋକସଭାର ଆଦ୍ୟ ପର୍ବର ପରିସମାପ୍ତି ଘଟିବ।

ଓମ୍ ବିର୍ଲା ରାଜସ୍ଥାନର କୋଟା ଆସନରୁ ତୃତୀୟ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିବା ବେଳେ ଦ୍ୱିତୀୟ ଥର ପାଇଁ କ୍ରମାଗତ ଭାବେ ବାଚସ୍ପତି ପଦ ଅଳଂକୃତ କରିଛନ୍ତି। ସପ୍ତଦଶ ଲୋକସଭାରେ ସେ ଗୃହକାର୍ଯ୍ୟକୁ ଅତ୍ୟନ୍ତ ସୁଚାରୁ ରୂପେ ପରିଚାଳନା କରି ସବୁପକ୍ଷଙ୍କର ଶ୍ରଦ୍ଧା ଓ ବିଶ୍ୱାସଭାଜନ ହୋଇପାରିଛନ୍ତି। ବାଚସ୍ପତି ଦଳୀୟ ହେଲେ ହେଁ ତାଙ୍କ କାମ ବାସ୍ତବରେ ନିର୍ଦ୍ଦଳୀୟ ଓ ନିରପେକ୍ଷ। ସମ୍ବିଧାନ ତାଙ୍କୁ ଗୃହ ପରିଚାଳନାରେ ଦଳୀୟ ବିଚାରରୁ ଊର୍ଦ୍ଧ୍ୱରେ ରଖିଛି। ପ୍ରଦର୍ଶନ ଓ ବ୍ୟବହାର ଦୃଷ୍ଟିରୁ ଦେଖିଲେ ଓମ୍ ବିର୍ଲା ତାଙ୍କର ଏଥର ପାଳିକୁ ନିର୍ଭୁଲ୍ ଭାବେ ନିର୍ବାହ କରିବେ ଏହା ସମସ୍ତଙ୍କ ବିଶ୍ୱାସ। ତେବେ ସପ୍ତଦଶ ଓ ଅଷ୍ଟାଦଶ ଲୋକସଭା ଭିତରେ ଏକ ବଡ଼ ଫରକ ରହିଛି। ଗତ ଥର ଗୃହ ଏକପ୍ରକାର ବିରୋଧୀଶୂନ୍ୟ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। କଂଗ୍ରେସ ସମେତ ସବୁ ପ୍ରମୁଖ ଅଣଏନ୍‌ଡିଏ ଦଳର ପ୍ରତିନିଧିତ୍ୱ ଏତେ କମ୍ ଥିଲା ଯେ ସମ୍ବିଧାନ ଅନୁସାରେ କୌଣସି ଦଳକୁ ବିରୋଧୀ ଦଳର ମାନ୍ୟତା ମଧ୍ୟ ମିଳି ନଥିଲା। ଅପରପକ୍ଷରେ ବିଜେପି ବିପୁଳ ଜନମତ ସହିତ ଏନ୍‌ଡିଏ ମେଣ୍ଟର ଅପ୍ରତିଦ୍ୱନ୍ଦ୍ୱୀ ସଂଖ୍ୟାଗରିଷ୍ଠତାକୁ ଜାହିର କରୁଥିଲା। ଅଷ୍ଟାଦଶ ଲୋକସଭାରେ କିନ୍ତୁ ନୂଆ ସମୀକରଣ ଦେଖିବାକୁ ମିଳିଛି। ଏନ୍‌ଡିଏ ମେଣ୍ଟର ସଂଖ୍ୟା ପ୍ରଥମ ଥର ପାଇଁ ୩୦୦ ତଳକୁ ଖସିଛି ଓ କଂଗ୍ରେସ ଭଲ ପ୍ରଦର୍ଶନ କରି ବିରୋଧୀ ଦଳର ମାନ୍ୟତା ପାଇଥିବା ବେଳେ 'ଇଣ୍ଡି'ମେଣ୍ଟର ପ୍ରଦର୍ଶନ ଉଲ୍ଲେଖନୀୟ ହୋଇଛି। ଲୋକସଭାରେ ଏବେ ଏନ୍‌ଡିଏର ମୋଟ ସଭ୍ୟ ସଂଖ୍ୟା ୨୯୩ ଥିବା ବେଳେ କଂଗ୍ରେସ ନେତୃତ୍ୱରେ ଗଠିତ 'ଇଣ୍ଡି'ମେଣ୍ଟର ସଦସ୍ୟ ସଂଖ୍ୟା ୨୪୯। ଏହାଛଡ଼ା ସ୍ୱାଧୀନ ଓ କ୍ଷୁଦ୍ର ଦଳର ୧୨ ଜଣ ସାଂସଦ ଅଛନ୍ତି, ଯେଉଁମାନେ ବିରୋଧୀ ଆସନରେ ବସିବା ପ୍ରାୟ ନିଶ୍ଚିତ। ଏମାନଙ୍କୁ ମିଶାଇଲେ ବିରୋଧୀ ଦଳର ସଭ୍ୟ ସଂଖ୍ୟା ୨୬୧ରେ ପହଞ୍ଚିଛି। ରାହୁଲ୍ ଗାନ୍ଧୀ କେରଳରୁ ନିର୍ବାଚିତ ହୋଇଥିବା ଆସନ ଛାଡ଼ିବା ପରେ ବିରୋଧୀଙ୍କ ସଂଖ୍ୟା ୨୬୦ରେ ସୀମିତ ରହିଲେ ମଧ୍ୟ ଶାସକ ଏନ୍‌ଡିଏ ମେଣ୍ଟଠାରୁ ମାତ୍ର ୩୩ କମ୍। ସୁତରାଂ ଏଥର ଲୋକସଭାରେ ବିତର୍କ, ବଳ କଷାକଷି ଓ ହଟ୍ଟଗୋଳ ସମ୍ଭାବନା ଅଧିକ। ବିଜେପିର ଏକକ ସଂଖ୍ୟା ଗରିଷ୍ଠତାର ଅଭାବ ତାହାକୁ ପ୍ରତିରକ୍ଷାତ୍ମକ ସ୍ଥିତିରେ ରହିବାକୁ ବାଧ୍ୟ କରିପାରେ। ଏଭଳି ସ୍ଥଳେ ଗୃହ ପରିଚାଳନାରେ ବାଚସ୍ପତିଙ୍କୁ ଅଧିକ ପରିଶ୍ରମ କରିବାକୁ ହେବ।

ବାଚସ୍ପତିଙ୍କ ପ୍ରଥମ ଦିନର କାର୍ଯ୍ୟକ୍ରମରେ ଗୋଟିଏ ଉଲ୍ଲେଖନୀୟ ଘଟଣା ଥିଲା ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ହେବାର ଗତକାଲି ଥିଲା ପଚାଶତମ ବାର୍ଷିକ ଦିବସ। ସେଥିପାଇଁ ବାଚସ୍ପତି ଲୋକସଭାରେ ସମସ୍ତଙ୍କୁ ଦୁଇମିନିଟ୍ ପାଇଁ ନିରବ ପ୍ରାର୍ଥନା କରିବାକୁ କହିଥିଲେ, ଯେଉଁଥିରେ ବିରୋଧୀ ଦଳ ହୋ ହାଲ୍ଲା କରି ବିଶୃଙ୍ଖଳା ପ୍ରଦର୍ଶନ କରିଥିଲେ। ଶାସକ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀ ବାଚସ୍ପତିଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ।

ଲୋକସଭାରେ କଂଗ୍ରେସ ଓ ତାହାର ମେଣ୍ଟ ନିଜର ଶକ୍ତି ଓ ସାମର୍ଥ୍ୟର ପରିଚୟ ପାଇଛି। ଆହୁରି ମଧ୍ୟ ରାଜୀବ ଓ ସୋନିଆଙ୍କ ପରେ ରାହୁଲ ଗାନ୍ଧୀ ନେହେରୁ ପରିବାରର ତୃତୀୟ ସଦସ୍ୟ ଭାବେ ବିରୋଧୀ ଦଳ ନେତା ପଦ ପାଇଛନ୍ତି। ଏ ସବୁ ଭାରତୀୟ ଲୋକତନ୍ତ୍ର ଓ ଜନାଦେଶର ଚମତ୍କାରିତା। ବିଜେପି କଂଗ୍ରେସମୁକ୍ତ ଭାରତ ଆହ୍ୱାନ ଦେଉଥିବା ବେଳେ ଜନତା ଦେଶକୁ କଂଗ୍ରେସଯୁକ୍ତ କରିବା ପଛରେ ଏନ୍‌ଡିଏ ସରକାରର ତ୍ରୁଟି କେଉଁଠି ରହିଲା ବିଜେପି ତାହାର ସମୀକ୍ଷା କରି ନିଜର ଯୋଜନା ଓ କାର୍ଯ୍ୟକ୍ରମର ସଂଶୋଧନ କରିବ ବୋଲି ଆଶା। ଭାରତୀୟ ଗଣତନ୍ତ୍ରରେ ଲୋକେ ବା ଭୋଟର ନେତାଙ୍କ ଅହଂକାର ଓ ସ୍ୱେଚ୍ଛାଚାରକୁ ଭାଙ୍ଗି ଦେଇପାରନ୍ତି। ତାହାର ଅନେକ ଦୃଷ୍ଟାନ୍ତ ରହିଛି। ଅଷ୍ଟାଦଶ ଲୋକସଭା ଓ ନିର୍ବାଚନରେ ତାହାର ମଧ୍ୟ କିଛି ପ୍ରତିଫଳନ ଘଟିଛି। ଗଣତନ୍ତ୍ରର ବିଜୟ ଓ ଗରିମା ରକ୍ଷା ଆମ ଲୋକତନ୍ତ୍ରର ସବୁଠୁ ବଡ଼ ବିଶେଷତ୍ୱ। ସେ ଧାରା ଅବ୍ୟାହତ ରହୁ।

# ନୂଆ ଫୌଜଦାରୀ ଆଇନର ଆହ୍ୱାନ



ବିଭୁ ପ୍ରସାଦ ତ୍ରିପାଠୀ
କଟକ, ମୋ: ୯୪୩୭୦୧୨୪୬୦

ଆଗାମୀ ସପ୍ତାହରୁ ସ୍ୱାଧୀନ ଭାରତର ଫୌଜଦାରୀ ଆଇନ ବ୍ୟବସ୍ଥାରେ ଗୋଟିଏ ଐତିହାସିକ ପରିବର୍ତ୍ତନ ଆରମ୍ଭ ହେବାକୁ ଯାଉଛି। ବ୍ରିଟିଶ ଅମଳରୁ ପ୍ରଚଳିତ ହୋଇଆସୁଥିବା 'ଭାରତୀୟ ପିଙ୍ଗଳ କୋଡ୍' ବଦଳରେ 'ଭାରତୀୟ ନାଗରିକ ସଂହିତା', 'ଫୌଜଦାରୀ କାର୍ଯ୍ୟବିଧି ଆଇନ' ବଦଳରେ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ଓ 'ଭାରତୀୟ ସାକ୍ଷ୍ୟ ଆଇନ' ବଦଳରେ 'ଭାରତୀୟ ସାକ୍ଷ୍ୟ ଅଧିନିୟମ' କାର୍ଯ୍ୟକାରୀ ହେବ। ଫୌଜଦାରୀ ଆଇନ ବ୍ୟବସ୍ଥାର ମୂଳ ଆଧାର ଉପରୋକ୍ତ ତିନୋଟି ଆଇନରେ ଯେଉଁ ବ୍ୟାପକ ପରିବର୍ତ୍ତନ ଆସିଛି ସେ ସମ୍ପର୍କରେ ଏହି ଆଇନକୁ ବ୍ୟବହାର କରିବା ଲାଗି ଦକ୍ଷତା, ସାମର୍ଥ୍ୟ ଏବଂ ପ୍ରସ୍ତୁତି କିନ୍ତୁ ବିଭିନ୍ନ ମହଲରେ ଏ ଯାଏଁ ଉପଲବ୍ଧ ହୋଇପାରି ନାହିଁ।

ଗୋଟିଏ ସଭ୍ୟ ସମାଜରେ ଓ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ରାଷ୍ଟ୍ରର ଦାୟିତ୍ୱ ହେଉଛି ଏହାର ନାଗରିକମାନଙ୍କର ଜୀବନର ସୁରକ୍ଷା ଓ ସ୍ୱାଧୀନତା। ଏଥିପାଇଁ ନ୍ୟାୟିକ ବ୍ୟବସ୍ଥାରେ ଦ୍ରୁତ ବିଚାର ପ୍ରକ୍ରିୟାଟି ଯେତିକି ଗୁରୁତ୍ୱପୂର୍ଣ୍ଣ, ନ୍ୟାୟପାଳିକାକୁ ବ୍ୟବହାର କରିବା ଲାଗି ସାଧାରଣ ମଣିଷଟିକୁ ବ୍ୟବହାରିକ ସାମର୍ଥ୍ୟ ଯୋଗାଇଦେବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ କୌଣସି ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ପାଏ କିମ୍ବା ଦୋଷୀ ବ୍ୟକ୍ତିଟିଏ ଦଣ୍ଡମୁକ୍ତ ହୋଇଥାଏ ତାହା ନ୍ୟାୟର ଗୁଣାତ୍ମକତାକୁ ଗଭୀର ଭାବେ ପ୍ରଭାବିତ କରେ। ଦୀର୍ଘବର୍ଷ ଧରି ନ୍ୟାୟପାଳିକାରେ ମକଦ୍ଦମାର ବିଚାର ନହେଲେ ମଧ୍ୟ ସାଧାରଣ ଜନତା କିମ୍ବା ସାଧାରଣ ମଣିଷଟିଏ ଆଇନର ଜାଲକୁ ଡରି ନିଜ ଭାଗ୍ୟକୁ ଆଦରି ନିରବତା ଅବଲମ୍ବନ କରେ।

କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ପ୍ରଣୀତ ଏହି ନୂଆ ଫୌଜଦାରୀ ଆଇନ ସଂପର୍କରେ ନିଜକୁ ଅବଗତ କରାଇବା ଲାଗି ଏହି ଆଇନର ମୂଳ ବ୍ୟବହାରକାରୀ ପୁଲିସ୍, ନ୍ୟାୟପାଳିକା, ଆଇନଜୀବୀ ଓ ନାଗରିକମାନେ ଏବେ ଏହି ଆଇନରେ ଥିବା ବିଷୟବସ୍ତୁଗୁଡ଼ିକର ତର୍ଜମା କରିବାର ଆବଶ୍ୟକତା ରହିଛି। ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ହିଂସାକୁ ଏହି ଆଇନରେ ଗୋଟିଏ ସ୍ୱତନ୍ତ୍ର ବିଭାଗରେ ରଖାଯାଇଛି। ଷୋହଳ ବର୍ଷରୁ କମ୍ ବୟସର ଯୁବତୀଙ୍କୁ ବଳାତ୍କାର କରିଥିବା ଦୋଷୀକୁ ସର୍ବନିମ୍ନ କୋଡ଼ିଏ ବର୍ଷ ଜେଲଦଣ୍ଡରୁ ଆଜୀବନ କାରାଦଣ୍ଡ ଆଦେଶର ପ୍ରାବଧାନ ରହିଛି। ଠିକ୍ ସେହିପରି ବାରବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ ବଳାତ୍କାର କ୍ଷେତ୍ରରେ ଆଜୀବନ କାରାଦଣ୍ଡରୁ ଫାଶୀ ଦଣ୍ଡାଦେଶ ପର୍ଯ୍ୟନ୍ତ ଏହି ଆଇନରେ ଉଲ୍ଲେଖ ରହିଛି। କୌଣସି ମହିଳାଙ୍କୁ ପ୍ରତାରଣା କିମ୍ବା ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବା କ୍ଷେତ୍ରରେ ଦଶବର୍ଷରୁ ଅଧିକ ଜେଲଦଣ୍ଡ ହେବ ବୋଲି ନୂଆ ଆପରାଧିକ ଆଇନରେ ପ୍ରାବଧାନ ରହିଛି। 'ପ୍ରତାରଣା' ଶବ୍ଦର ସଂଜ୍ଞା ନିରୂପଣ କରି କୌଣସି ମହିଳାଙ୍କୁ ଚାକିରି, ପଦୋନ୍ନତି କିମ୍ବା ନିଜର ପ୍ରକୃତ ପରିଚୟକୁ ଗୁପ୍ତ ରଖି ଶାରୀରିକ ସମ୍ପର୍କ ରଖିବା ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏହି ନୂତନ ଆଇନରେ ଗଣବଳାତ୍କାର ପରି ଅପରାଧ ପାଇଁ କୋଡ଼ିଏ ବର୍ଷ ଜେଲଦଣ୍ଡ ଓ ଅଠରବର୍ଷରୁ କମ୍ ମହିଳାଙ୍କୁ ଗଣବଳାତ୍କାର ଅପରାଧ ପାଇଁ ଦୋଷୀମାନଙ୍କୁ ସର୍ବନିମ୍ନ ୨୦ ବର୍ଷରୁ ଜେଲଦଣ୍ଡ ଆରମ୍ଭ କରି ଫାଶୀଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ଜଣେ ମହିଳା ମଧ୍ୟ କୌଣସି ମହିଳାଙ୍କୁ ଅସଦାଚରଣ କରିବା କିମ୍ବା ଯୌନ ଉଦ୍ଦୀପକ କାର୍ଯ୍ୟରେ ନିୟୋଜିତ କରିବା ଏହି ଆଇନରେ ଅପରାଧ ଭାବେ ପରିଗଣନା କରାଯାଇଛି। ଏହି ଆଇନ କ୍ଷେତ୍ରରେ କେବଳ ପୁରୁଷ ନୁହେଁ ମହିଳାମାନଙ୍କୁ ଅପରାଧୀ ଭାବେ ବିବେଚନା କରିବା ନୂଆ ଆଇନର ପ୍ରଗତିଶୀଳ ଦିଗକୁ ଉନ୍ମୋଚିତ କରିଛି।

ସମାଜରେ ନ୍ୟାୟ ପ୍ରତିଷ୍ଠା ପାଇଁ ଏହି ଆଇନରେ ଦଣ୍ଡାଦେଶ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟାଟିକୁ ନୂତନ ଭାବେ ସଂଯୋଗ କରାଯାଇଛି। ବିଚାରପତିମାନେ ଗୋଷ୍ଠୀଗତ ସେବାକୁ ମଧ୍ୟ ଦଣ୍ଡାଦେଶ ଭାବେ ବିବେଚନା କରି ସେହି ଅନୁଯାୟୀ ନିର୍ଦ୍ଦେଶ ଦେଇପାରିବେ। ଛୋଟ ଛୋଟ ଅପରାଧ କ୍ଷେତ୍ରରେ ଯଥା ମଦପିଇ ସର୍ବସାଧାରଣଙ୍କ ସହ ଦୁର୍ବ୍ୟବହାର କରିବା, ମାନହାନି, ଛୋଟ ଚୋରି କିମ୍ବା ସରକାରୀ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଏଭଳି ଦଣ୍ଡାଦେଶ ଦେବାର ବ୍ୟବସ୍ଥା ଏହି ନୂଆ ଆଇନରେ ସୃଷ୍ଟି କରାଯାଇଛି। ପୂର୍ବ ଫୌଜଦାରୀ ଆଇନରେ ସୁନାଗହଣା ଛିଣ୍ଡାଇ ନେଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଯେଉଁ ମକଦ୍ଦମା ହେଉଥିଲା ଏବେ ନୂଆ ଆଇନରେ ଏହାକୁ ଏକ ଭିନ୍ନ ଅପରାଧ ଭାବେ ଗ୍ରହଣ କରାଯାଇଛି। ଏହି ଆଇନରେ ଶିଶୁ ଓ ତୃତୀୟ ଲିଙ୍ଗର ମଧ୍ୟ ସଂଜ୍ଞା ନିରୂପଣ କରାଯାଇଛି।

ସଂଗଠିତ ଅପରାଧ ଓ ସନ୍ତ୍ରାସବାଦକୁ ଏହି ଆଇନରେ ନୂତନ ରୂପ ଦିଆଯାଇଛି। ଯଦିଓ ଦେଶଦ୍ରୋହ ଦଫାଟିକୁ ଏହି ଆଇନରେ ବାଦ୍ ଦିଆଯାଇଛି, କିନ୍ତୁ ଦେଶର ସାର୍ବଭୌମତ୍ୱ, ସଂହତି ଓ ଏକତା ପ୍ରତି ବିପଦ ସୃଷ୍ଟି କରିବା ଭଳି କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ସନ୍ତ୍ରାସବାଦୀର ସଂଜ୍ଞା ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇଛି। ଏହି ସଂଜ୍ଞାକୁ ବେଆଇନ କାର୍ଯ୍ୟ ପ୍ରତିରୋଧ ଆଇନ ୧୯୬୭ରୁ ବ୍ୟବହାର କରାଯାଇଛି। ନୂଆ ଆଇନରେ କୌଣସି ବ୍ୟକ୍ତିକୁ ସନ୍ତ୍ରାସବାଦ ଅଭିଯୋଗରେ ଅଭିଯୁକ୍ତ ଭାବେ ନ୍ୟାୟାଳୟରେ ବିଚାର ବେଳେ ସରକାରଙ୍କଠାରୁ ଅନୁମୋଦନର ଆବଶ୍ୟକତା ନାହିଁ। ଏହି ଆଇନକୁ ରାଷ୍ଟ୍ର ବିରୁଦ୍ଧରେ ଅପରାଧ ଭାବେ ପରିଗଣିତ କରିବା ବଦଳରେ ମଣିଷ ଶରୀର ବିରୋଧରେ ଅପରାଧ ବିଭାଗରେ ପରିଗଣନା କରାଯାଇଛି। ଜଣେ ଆରକ୍ଷୀ ନିରୀକ୍ଷକଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ନିଷ୍ପତ୍ତି ଛାଡ଼ି ଦିଆଯାଇଛି ଯେ ସେ କୌଣସି ସନ୍ତ୍ରାସବାଦ ମାମଲାରେ ଅଭିଯୁକ୍ତକୁ ଭାରତୀୟ ନାଗରିକ ସଂହିତା କିମ୍ବା ବେଆଇନ୍ କାର୍ଯ୍ୟ ପ୍ରତିରୋଧ ଆଇନରେ ଅଭିଯୁକ୍ତ କରିବେ।

ଏହି ଆଇନରେ ଜିରୋ ପ୍ରାଥମିକ ଏତାଲାର ବିଷୟଟି ପୁଲିସ୍‌ମାନଙ୍କ ମଧ୍ୟରେ ଉତ୍ତରଦାୟିତ୍ୱର ଭାବନାକୁ ସକ୍ରିୟ କରିବ। କୌଣସି ଅପରାଧର ଶିକାର ହେଉଥିବା ବ୍ୟକ୍ତି ଏବେ ନିଜ ଅଞ୍ଚଳର ଥାନାରେ ମଧ୍ୟ ପ୍ରାଥମିକ ଏତଲା ଦେଇପାରିବେ। କୌଣସି ଥାନାର ପଦାଧିକାରୀ ଘଟିଥିବା ଅପରାଧଟି ତାଙ୍କ ଅଞ୍ଚଳରେ ଘଟିନଥିବାରୁ ପ୍ରାଥମିକ ଏତଲାଟିକୁ ଗ୍ରହଣ କରିପାରିବେ ନାହିଁ ବୋଲି କହିପାରିବେ ନାହିଁ କିମ୍ବା ଏବେ କୌଣସି ଥାନାକୁ ପ୍ରାଥମିକ ଏତଲା ନେଇ ଯାଉଥିବା ବ୍ୟକ୍ତିକୁ ଏଥିପାଇଁ ବାରଣ କରିପାରିବେ ନାହିଁ। ଠିକ୍ ସେହିଭଳି ଜଣେ ବ୍ୟକ୍ତି ମଧ୍ୟ ଇ-ପ୍ରାଥମିକ ଏତଲା ଦାଖଲ କରିପାରିବେ। ନିଜେ ଘରେ ବସି କମ୍ପ୍ୟୁଟର ବା ଇଣ୍ଟରନେଟ୍ ଜରିଆରେ ଇ-ପ୍ରାଥମିକ ଏତଲା ଦେଉଥିବା ବ୍ୟକ୍ତି କିନ୍ତୁ ତିନିଦିନ ମଧ୍ୟରେ ଥାନାରେ ଯାଇ ପ୍ରାଥମିକ ଏତଲାରେ ସ୍ୱାକ୍ଷର କରିବାର ଆବଶ୍ୟକତା ରହିଛି। କେତେକ ଅପରାଧ କ୍ଷେତ୍ରରେ ପୁଲିସ୍‌କୁ ପ୍ରାଥମିକ ଏତଲା ପଞ୍ଜୀକୃତ କରିବା ପୂର୍ବରୁ ପ୍ରାଥମିକ ଅନୁସନ୍ଧାନ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି। ଯଦି କୌଣସି କ୍ଷେତ୍ରରେ ପୁଲିସ ପ୍ରାଥମିକ ଏତଲା ପଞ୍ଜୀକୃତ ନକରେ ତେବେ ସେ କ୍ଷେତ୍ରରେ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କୁ ଏ ସମ୍ପର୍କରେ ରେଜେଷ୍ଟ୍ରି ପୋଷ୍ଟରେ ଜଣାଇବା ପରେ କୋର୍ଟରେ ମକଦ୍ଦମା କରିପାରିବେ।

ପୁଲିସ୍ ରିମାଣ୍ଡ କ୍ଷେତ୍ରରେ ମଧ୍ୟ ନୂଆ ଆଇନରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଯଦିଓ ପୁଲିସ୍ ରିମାଣ୍ଡର ଅବଧି ପନ୍ଦରଦିନ ମଧ୍ୟରେ ସୀମିତ ରଖାଯାଇଛି, କିନ୍ତୁ ପୁଲିସ୍ ଅନୁସନ୍ଧାନର ଷାଠିଏ ଦିନ କିମ୍ବା ନବେ ଦିନ ମଧ୍ୟରେ ଯେକୌଣସି ସମୟରେ ରିମାଣ୍ଡ ପାଇଁ ଆବେଦନ କରିପାରିବେ। ଏଭଳି କ୍ଷମତାର ଅନେକ କ୍ଷେତ୍ରରେ ଦୁରୁପଯୋଗ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ବିଚାର ଚାଲିଥିବା ବେଳେ ମଧ୍ୟ ପୁଲିସ୍‌କୁ ଅଧିକ ଅନୁସନ୍ଧାନ କରିବାର କ୍ଷମତା ଦିଆଯାଇଛି, କିନ୍ତୁ ଏଭଳି କ୍ଷେତ୍ରରେ ମାଜିଷ୍ଟ୍ରେଟଙ୍କର ଅନୁମତି ନେବାର ଆବଶ୍ୟକତା ରହିଛି।

ନୂତନ ଆଇନରେ ସରକାରୀ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦିଆଯାଇଛି। କୌଣସି ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ସେମାନଙ୍କ ସରକାରୀ କାର୍ଯ୍ୟ କରୁଥିବା ବେଳେ ଯଦି କୌଣସି ଅପରାଧିକ ମାମଲା କୌଣସି ବ୍ୟକ୍ତିବିଶେଷ ଘରୋଇ ଭାବେ ମାଜିଷ୍ଟ୍ରେଟଙ୍କ ନିକଟରେ ମକଦ୍ଦମା ଦାଖଲ କରନ୍ତି ତେବେ ସେହି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମକଦ୍ଦମାଟିକୁ ବିଚାର ପାଇଁ ଗ୍ରହଣ କରିବା ପୂର୍ବରୁ ସେହି ସରକାରୀ କର୍ମଚାରୀଙ୍କୁ ତାଙ୍କର ମନ୍ତବ୍ୟ ରଖିବା ପାଇଁ ସୁଯୋଗ ଦେବା ଓ ତାଙ୍କ ଉପରିସ୍ଥ ଅଫିସରଙ୍କଠାରୁ ଏହି ଘଟଣା ସମ୍ପର୍କରେ ଗୋଟିଏ ରିପୋର୍ଟ ମାଗିବା ନିମନ୍ତେ ଏହି ଆଇନରେ ବନ୍ଦୋବସ୍ତ କରାଯାଇଛି। ଏହି ନୂତନ ଆଇନରେ ଅଭିଯୋଗ ଫର୍ଦ୍ଦ ୯୦ଦିନ ମଧ୍ୟରେ କିମ୍ବା ଅତି ବେଶୀରେ ୧୮୦ ଦିନ ମଧ୍ୟରେ କୋର୍ଟରେ ଦେବାର ନିୟମ ରହିଥିବା ବେଳେ ସାକ୍ଷ୍ୟ ଗ୍ରହଣ ଓ ଅଭିଯୁକ୍ତର ବୟାନର ବିଚାରର ତିରିଶଦିନ ମଧ୍ୟରେ ରାୟ ପ୍ରଦାନ କରିବାର ବନ୍ଦୋବସ୍ତ ରହିଛି।

ପୁଲିସ୍ କେଉଁ ଅପରାଧିମାନଙ୍କ କ୍ଷେତ୍ରରେ ହାତକଡ଼ା ପକାଇବ ସେଥିପାଇଁ ମଧ୍ୟ ଏହି ଆଇନରେ ସବିଶେଷ ତଥ୍ୟ ଦିଆଯାଇଛି। ନୂଆ ଆଇନରେ ଜାମିନ୍ ବ୍ୟବସ୍ଥାକୁ ସରଳ କରିବା ଲାଗି ପ୍ରଚେଷ୍ଟା କରାଯାଇଛି। କୌଣସି ଅଭିଯୁକ୍ତ କୋର୍ଟରେ ଉପସ୍ଥିତ ନଥିଲେ ମଧ୍ୟ ବିଚାର ଏବଂ ଦଣ୍ଡାଦେଶ ପ୍ରକ୍ରିୟାଟି ମଧ୍ୟ ଚାଲିପାରିବ। ଜନସାଧାରଣଙ୍କୁ ସଠିକ୍ ସମୟ ମଧ୍ୟରେ ନ୍ୟାୟ ଯୋଗାଇ ଦେବା ଲାଗି ସାକ୍ଷୀମାନଙ୍କର ସୁରକ୍ଷା ପ୍ରସଙ୍ଗ ଉପରେ ଗୁରୁତ୍ୱ ଆରୋପ କରାଯିବା ସହିତ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ନ୍ୟାୟପାଳିକାରେ ଅଧିକ ଲୋକପ୍ରିୟ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ପୁଲିସ କୌଣସି ସମୟରେ ଅନୁସନ୍ଧାନ କିମ୍ବା କୌଣସି ବସ୍ତୁକୁ ଜବତ କରିବା ସମୟରେ ଦୃଶ୍ୟଶ୍ରାବ୍ୟ ରେକର୍ଡିଂ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ଫାଶୀ ଦଣ୍ଡାଦେଶ ଓ ଅନ୍ୟାନ୍ୟ ଦଣ୍ଡାଦେଶ କ୍ଷେତ୍ରରେ ପଡ଼ି ରହୁଥିବା ଦୟା ଅନୁରୋଧପତ୍ରକୁ ସଠିକ୍ ସମୟ ମଧ୍ୟରେ ସମାଧାନ କରିବା ପାଇଁ ନୂଆ ଆଇନରେ ସମୟ ନିର୍ଘଣ୍ଟ କରାଯାଇଛି।

ଆମ ରାଜ୍ୟରେ ଏହି ଆଇନଗୁଡ଼ିକର ବ୍ୟବହାର ଲାଗି ରାଜ୍ୟ ସରକାର ପୁଲିସମାନଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଛନ୍ତି। ଠିକ୍ ସେହିପରି ବିଚାର ବିଭାଗୀୟ ଅଫିସରମାନଙ୍କୁ ମଧ୍ୟ ଜୁଡିସିଆଲ ଏକାଡ଼େମୀରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ୍ କରାଯାଉଛି। କିନ୍ତୁ ଆଇନଜୀବୀମାନେ ଯେଉଁମାନଙ୍କ ହାତରେ ବିଚାର ବ୍ୟବସ୍ଥାଟିର ମଙ୍ଗ ରହିଛି, ବିଶେଷକରି ଫୌଜଦାରୀ ଆଇନର ସଠିକ୍ କାର୍ଯ୍ୟକାରିତା ଯାହା ଉପରେ ନିର୍ଭର କରେ, ସେମାନଙ୍କ ପାଇଁ ଆମ ରାଜ୍ୟରେ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ନାହିଁ। ଆଇନଜୀବୀମାନେ ନିଜେ ନିଜକୁ ସଚେତନ କରିବା ପାଇଁ ଓ ଏହି ଆଇନ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କଲେ ହିଁ ସେମାନେ ମହକିଲର ସ୍ୱାର୍ଥ ସୁରକ୍ଷା କରିପାରିବେ। ଆପରାଧିକ ମାମଲାରେ ସାକ୍ଷ୍ୟ ପ୍ରମାଣ ଦିଗଟି ଉପରେ ଗୁରୁତ୍ୱ ଆରୋପ କରାଯାଉଥିବାରୁ ସରକାରୀ ଆଇନଜୀବୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ନୂତନ ରାଜ୍ୟ ସରକାର ପ୍ରାକ୍ ବଜେଟ ଆଲୋଚନା ମଧ୍ୟରେ ଆଇନଜୀବୀଙ୍କ ପାଇଁ ଆଡଭୋକେଟ ଏକାଡେମୀ, ଆଇନଜୀବୀଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟକାର୍ଡ ଦିଗଟିକୁ ଗୁରୁତ୍ୱ ଦେବା ସହିତ ବୌଦ୍ଧିକ ବିକାଶ ଲାଗି ପ୍ରତ୍ୟେକ ବର୍ଷ ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ଯୋଗାଇବାର ବ୍ୟବସ୍ଥା କଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନୂଆ ଆଇନଗୁଡ଼ିକୁ ସଫଳ ଭାବେ ସାଧାରଣ ଲୋକଟି ନିକଟରେ ପହଞ୍ଚାଇ ପାରିବେ।

# ନିରବତାର ଭାଷା



ସଂଗ୍ରାମ କେଶରୀ ପୃଷ୍ଟି
ରାଜ କିଶୋରନଗର, ମୋ : ୯୪୩୭୫୪୭୧୪୬

ଅନେକ ସମୟରେ, ଅନେକ କ୍ଷେତ୍ରରେ କଥା କହୁଥିବା ଲୋକଟି ହଠାତ୍ ଚୁପ୍ ପଡ଼ିବାର ଦେଖି ଆମେ ଆଶ୍ଚର୍ଯ୍ୟ ଅନୁଭବ କରୁ। ଭାବିନେଉ କି ବୋଧହୁଏ ସେ କିଛି ଗୁରୁତର ଭୁଲ୍ କରିଦେଇଛି, ଯେଉଁଥିପାଇଁ ସେ ଲୋକଲଜ୍ଜା ଭୟରେ ଚୁପ୍ ରହିବାକୁ ବାଧ୍ୟ ହେଉଛି। ଏମିତି ବି ହୋଇପାରେ, ଭୁଲ୍‌ର କାରଣ ବା କୈଫିୟତ ଦେବାପାଇଁ ହୁଏତ ତା' ପାଖରେ ପ୍ରମାଣର ଘୋର ଅଭାବ ଥାଏ। ସୁତରାଂ ସେ ଚୁପ୍ ରହିବାକୁ ବାଧ୍ୟ ହୁଏ। ତେବେ ସୂକ୍ଷ୍ମ ଦୃଷ୍ଟିରେ ଦେଖିବାକୁ ଗଲେ, ଲୋକଟି ପ୍ରକୃତରେ ଠିକ୍ ଥାଏ, ମାତ୍ର ଅନେକ ତା' କୁତ୍ସାରଟନା କରିବାରେ ଏମିତି ଲାଗିପଡ଼ିଥା'ନ୍ତି ଯେ ସେ ନିଜ ସମ୍ମାନକୁ ଜଗି ଚୁପ୍ ରହିବାକୁ ବାଧ୍ୟ ହୋଇଥାଏ। କାରଣ ସେ ଭଲଭାବରେ ଜାଣେ, ସମାଲୋଚନା କରୁଥିବା ଲୋକେ ସର୍ବଦା ତା' ପଛରେ ହିଁ ଥାଆନ୍ତି, ଆଗରେ ନୁହେଁ। ତେଣୁ ସେମାନଙ୍କ ସହିତ ଅଯଥା ଯୁକ୍ତି ନକରି ଅଗତ୍ୟା ଦୂରେଇ ଯିବାକୁ ଉଚିତ୍ ମନେ କରିଥାଏ।

ଚୁପ୍ ରହୁଥିବା ଲୋକର ଭାଷା ହେଉଛି ନିରବତା, ଯାହା ଦୁନିଆର ସର୍ବଶ୍ରେଷ୍ଠ ଭାଷା ବୋଲି କୁହାଯାଇପାରେ। କାରଣ ନିରବତା ଯେତେକିଛି ଓ ଯାହାକିଛି କୁହାଯାଇପାରେ, ସେତେ କଥା ଓଠ କହିପାରେ ନାହିଁ। ନିରବତାକୁ ଜୀବନର ଶ୍ରେଷ୍ଠ ପନ୍ଥା ଭାବରେ ଗ୍ରହଣ କରିଥିବା ଲୋକର ବିଚାରଧାରା ଏୟା ଯେ, ଯେଉଁ ଲୋକ ତୁମେ କହିଥିବା ଠିକ୍ କଥାର ମଧ୍ୟ ଭୁଲ୍ ଅର୍ଥ ବାହାର କରିଥାଏ, ତା'କୁ ସଫେଇ ଦେଇ ନିଜର ସମୟ ନଷ୍ଟ କରିବା ଅପେକ୍ଷା ଚୁପ୍ ରହିଯିବା ଭଲ। କାରଣ ଏଠି କଥା ବୁଝିବା ବାଲା ପ୍ରାୟତଃ କେହି ନଥା'ନ୍ତି, ଆଉ ଯେଉଁ କେତେଜଣ ବୁଝିବା ବାଲା ଅଛନ୍ତି, ସେମାନେ କଥାର ଅଲଗା ଅର୍ଥ ବାହାର କରନ୍ତି। ସକାରାତ୍ମକ ଦିଗ ଅପେକ୍ଷା ନକାରାତ୍ମକ ଦିଗକୁ ବିଶେଷ ପ୍ରାଧାନ୍ୟ ଦିଅନ୍ତି। ଯେଉଁଠି ଏପରି ଆଶଙ୍କା ରହିଥାଏ ସେଇଠୁ ଦୂରେଇ ଯିବା ହିଁ ଶ୍ରେୟସ୍କର।

ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଅନେକ ସମୟରେ ପ୍ରାୟତଃ ଠିକ୍ ଥାଆନ୍ତି। କିନ୍ତୁ ସେମାନେ ସମାଲୋଚନା କରୁଥିବା ବ୍ୟକ୍ତିଟି ସହିତ ତର୍କ କରି ଜିତି ପାରନ୍ତି ନାହିଁ। କାରଣ ତାଙ୍କ ଓଠରେ ଯୁକ୍ତି ଆସିବା ଆଗରୁ ଆଖିରେ ଲୁହ ଆସିଯାଏ। ଏ କଥାର ମର୍ମ ଉପଲବ୍ଧି କରି ନ ପାରି ଅନେକ ଏହା ତାଙ୍କର ଦୁର୍ବଳତା ବୋଲି ହେୟଜ୍ଞାନ ମନେ କରନ୍ତି। ତେବେ ସେମାନେ ବୁଝିପାରନ୍ତି ନାହିଁ ଯେ ଚୁପ୍ ରହୁଥିବା ବ୍ୟକ୍ତି ବି କେତେ ଭୟଙ୍କର ହୋଇପାରେ। ନେଲସନ ମଣ୍ଡେଲାଙ୍କ ମତରେ, 'ଦୂରତା ଲୋକଙ୍କଠାରୁ ସମ୍ପର୍କ ଅଲଗା କରେ ନାହିଁ, ନିରବତା ହିଁ କରେ।'

ସତରେ ଏଇ ନିରବତାର ଅଙ୍କ ଖୁବ୍ ଜଟିଳ। ମନରେ ଖୁବ୍ କଷ୍ଟ ଆସିଲେ ଯାଇ କେହି ମୁହଁ ଖୋଲେ ତ କିଏ ପୁଣି ଆଖିର ଲୁହ ଆଖିରେ ମାରି ନିରବ ରୁହେ। ଚୁପ୍ ରହୁଥିବା ଲୋକମାନଙ୍କୁ କେବେ ବି ଦୁର୍ବଳ ଭାବିବା ଉଚିତ ନୁହେଁ। କାରଣ ସେମାନେ ଭଦ୍ରାମୀ ଜାଣନ୍ତି ବୋଲି ଚୁପ୍ ରହନ୍ତି ଆଉ ତାହା ହେଉଛି ସେମାନଙ୍କ ପାରିବାରିକ ସଂସ୍କାର। ଅଥଚ ଏହାକୁ ବୁଝି ନ ପାରି ଅନେକ ତାଙ୍କୁ ସମାଲୋଚନାରେ ପୋତି ଦିଅନ୍ତି। ସାଧାରଣରେ ଅସ୍ତବ୍ୟସ୍ତ କରିପକାନ୍ତି, ତାହା ଅବଶ୍ୟ ନେପଥ୍ୟରେ। କାରଣ ସାମ୍ନାକୁ ଯିବାର ସତ୍‌ସାହସ ସେମାନଙ୍କର ନଥାଏ।

ଏକଥା ସତ ଯେ ହୃଦୟର ସବୁ କଷ୍ଟକୁ ପ୍ରକାଶ କରିବା ପାଇଁ ଶବ୍ଦର ଆବଶ୍ୟକତା ପଡ଼େ ନାହିଁ। କିଛି କଷ୍ଟ ପାଇଁ ନିରବତା ହିଁ ଯଥେଷ୍ଟ ହୋଇଥାଏ। ଏହା ବ୍ୟକ୍ତିକୁ ସଂଯମୀ କରାଏ। ବ୍ୟକ୍ତିତ୍ୱର ବିକାଶ ଘଟାଏ। ଆତ୍ମସମ୍ମାନ ବୃଦ୍ଧି କରେ। କାର୍ଯ୍ୟଧାରାକୁ ସୁଗମ କରାଏ। ଯୁଦ୍ଧରେ ବିଜୟୀ ହେବା ପାଇଁ ଯେମିତି କେବେ କେବେ ପଛେଇ ଯିବାକୁ ହୁଏ, ସମ୍ପର୍କ ବଞ୍ଚାଇବାକୁ ଯେମିତି ବେଳେ ବେଳେ ଦୂରତ୍ୱ ରକ୍ଷା କରିବାକୁ ପଡ଼ିଥାଏ, ଠିକ୍ ସେମିତି ସମ୍ମାନ ବଞ୍ଚାଇବାକୁ ଯାଇ ବେଳେ ବେଳେ ନିରବତା ଅବଲମ୍ବନ କରିବାକୁ ପଡ଼ିଥାଏ। ତେଣୁ ଅନ୍ୟର ସବୁ ପ୍ରଶ୍ନର ଜବାବ ଦେବାକୁ ସେ ଉଚିତ୍ ମଣେ ନାହିଁ। ଏଥିରେ ସମ୍ମାନ ତ ହାନି ହୋଇନଥାଏ ବରଂ ବଢ଼ିଥାଏ।

ଲୋକେ କ'ଣ କହିବେ, ଏହି କଥାଟି ପାଇଁ ବହୁତ ଲୋକଙ୍କ ସ୍ୱପ୍ନ ଭାଙ୍ଗିଯାଏ। ଲୋକଙ୍କ ସବୁକଥାକୁ ଧରିବସିଲେ କେହି ଆଗକୁ ଯାଇପାରିବେ ନାହିଁ। କେହି ବି ଆପଣଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଆଗେଇ ଆସିବେ ନାହିଁ। ନିଜ ସ୍ୱପ୍ନ ନିଜକୁ ହିଁ ପୂରଣ କରିବାକୁ ପଡ଼ିବ। ଯଦି ଏହା ସତ, ତା'ହେଲେ ସବୁଠୁ ଭଲ ହେବ ଆଧୁନିକ ଯୁଗରେ ସ୍ୱାର୍ଥ ଖୋଜୁଥିବା ଲୋକଠାରୁ ଦୂରେଇ ରହିବା। ଦେଖିବେ, ଦିନେ ନା ଦିନେ ଆପଣଙ୍କ ସ୍ୱପ୍ନ ନିଶ୍ଚୟ ପୂରଣ ହେବ। ନୀଚମନା ଲୋକଙ୍କ ପ୍ରବୃତ୍ତି ହେଉଛି, ସେମାନେ ଈର୍ଷା ପରାୟଣ ହେବେ ହିଁ ହେବେ। ନିନ୍ଦା, ଅପବାଦ, କୁତ୍ସାରଟନା କରିବେ ହିଁ କରିବେ। ଅପମାନିତ କରିବାକୁ ତିଳେ ହେଁ ଭ୍ରୁକ୍ଷେପ କରିବେ ନାହିଁ। ଏ କ୍ଷେତ୍ରରେ ବୁଦ୍ଧିମାନ ଲୋକଟି ଜାଣିଶୁଣି ଅସ୍ୱାଭାବିକ ନିରବ ରହେ। ଏହି ନିରବତା ହିଁ ତା'ର ଭୂଷଣ ଓ ମନଃଶକ୍ତିର ପରିଚାୟକ।

ମିଛ କହୁଥିବା ଲୋକ ଅନବରତ କହିଚାଲିଥାଏ, କିନ୍ତୁ ସତ କହୁଥିବା ଲୋକଟି ନିରବ ଥାଏ। ସେ ଏଇଥିପାଇଁ ନିରବ ଥାଏ ଯେ, ସେ ଜାଣିଥାଏ କିଛି ପ୍ରଶ୍ନର ଉତ୍ତର ସମୟ ହିଁ ଦେଇଥାଏ। ଏଣୁ ସେ ଚୁପ୍ ହୋଇ ଅପେକ୍ଷା କରି ରହିଥାଏ ସମୟକୁ। ସମୟ ହିଁ କହିଦିଏ କେଉଁଟା ଭୁଲ୍ ଆଉ କେଉଁଟା ଠିକ୍। ଆଉ ସମୟ ଯେତେବେଳେ ସମାଜକୁ ସତ ଜଣାଇଦିଏ, ସେତେବେଳେ କହୁଥିବା ଲୋକଟିର ମୁହଁ କଳା ପଡ଼ିଯାଏ। ଅଗତ୍ୟା ସେ ଚୁପ୍ ରହିବାକୁ ବାଧ୍ୟ ହୁଏ। ନିରବତା ଏମିତି ଏକ ଅସ୍ତ୍ର, ଯାହା ଶତ୍ରୁର ମନରେ ବି ଆଣିଦିଏ ଝଡ଼। ହୃଦୟରେ ସୃଷ୍ଟି କରେ କମ୍ପନ। କେବେ କେବେ ଶତ୍ରୁର ହୃଦୟକୁ ବି ତରଳାଇ ଦେଇପାରେ ସେ। ପରିସ୍ଥିତି ତାକୁ ମିତ୍ରତାର ହାତ ବଢ଼ାଇବାକୁ ବାଧ୍ୟ କରେ।

ଜୀବନର ଦୁଇଟି ପରିସ୍ଥିତିରେ ନିରବ ରହିବା ଆବଶ୍ୟକ। ଗୋଟିଏ ହେଲା, ବାରମ୍ବାର କହିବା ପରେ ଯଦି କେହି ଆପଣଙ୍କ ଭାବନାକୁ ବୁଝି ମଧ୍ୟ ନବୁଝିବାର ଅଭିନୟ କରୁଛନ୍ତି। ଅନ୍ୟଟି ହେଲା, କିଛି କହିବା ପୂର୍ବରୁ ଯଦି କେହି ଆପଣଙ୍କ ମନକଥା ବୁଝି ପାରୁଛନ୍ତି। ଶେଷରେ ଏତିକି କହିବା ଯଥେଷ୍ଟ ହେବ ଯେ ସଂଯମର ନାଁ ହେଉଛି ନିରବତା, ଯାହା ସମ୍ପର୍କ ଗଢ଼େ ପୁଣି ଭାଙ୍ଗେ। ଏହାକୁ ହୁଏତ କେହି ଆପଣଙ୍କ ଅହଙ୍କାର ଭାବିପାରନ୍ତି, କିନ୍ତୁ ଏହା ଆପଣଙ୍କ ଜୀବନକୁ ମଜବୁତ୍ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରେ। ସୁତରାଂ ସବୁ ଶବ୍ଦଠାରୁ ଶକ୍ତିଶାଳୀ ଏହି ନିରବତାର ଭାଷାକୁ ବୁଝିପାରିଲେ ଆମ ମଣିଷପଣିଆ ପ୍ରତିପାଦିତ ହୋଇପାରିବ।



ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ ଚାଲାଣ ମୁକ୍ତ ଦିବସ**

# ଜିଲ୍ଲାକୁ ନିଶାମୁକ୍ତ କରି ଅଭିବୃଦ୍ଧି ପଥରେ ନେବାକୁ ଆହ୍ୱାନ

## ନିଶା ନିବାରଣରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଅବକାରୀ ବିଭାଗର ଗୁରୁଦାୟିତ୍ୱ ରହିଛି

ଜଗତସିଂହପୁର,୨୬।୬(ସମିସ)

ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାରେ ନିଶାଦ୍ରବ୍ୟ କାରବାର ବ୍ୟାପକ ଭାବେ କାୟା ବିସ୍ତାର କରିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ଅବାଧରେ ନିଶାଦ୍ରବ୍ୟ ବିକ୍ରି ହେଉଛି। ସବୁଠି ସହଜରେ ବ୍ରାଉନସୁଗର ମିଳୁଥିବାରୁ ଏହାର ବେଶୀ ଶିକାର ହେଉଛନ୍ତି ଜିଲ୍ଲାର ଯୁବପିଢ଼ି। ତେଣୁ ବେଆଇନ ନିଶାଦ୍ରବ୍ୟ ବିକ୍ରି ଓ ଚାଲାଣ ରୋକିବାରେ ପ୍ରଶାସନ, ପୁଲିସ୍ ଓ ଅବକାରୀ ବିଭାଗର ଗୁରୁଦାୟିତ୍ୱ ରହିଛି ବୋଲି ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ ଏବଂ ଆଶ୍ରା ସ୍ୱତନ୍ତ୍ର ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତର୍ଜାତୀୟ ନିଶା ନିବାରଣ ଓ ଅବୈଧ ଚାଲାଣ ମୁକ୍ତ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଛନ୍ତି। ନିଶାଦ୍ରବ୍ୟ ଚୋରା ଚାଲାଣ କୁ ନରୋକିଲେ ଦିବସ ପାଳନର କିଛି ମୂଲ୍ୟ ନାହିଁ ବୋଲି କହିବା ସହିତ ପ୍ରଶାସନକୁ ତାର କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଥିଲେ। ବିଧାୟକ ଶ୍ରୀ ଦାସ ଆହୁରି କହିଲେ ଯେ, ସରକାରଙ୍କ ତରଫରୁ ଖୋଲାଯାଇଥିବା ନିଶାମୁକ୍ତି କେନ୍ଦ୍ରରେ ନିଶା କବଳରୁ ମୁକ୍ତ ହୋଇ ଲୋକ ଘରକୁ ଫେରୁଛନ୍ତି। ତେବେ ଫେରିବା ପରେ ଯେଉଁ ପରିବେଶରେ ପୁନର୍ବାର ବ୍ୟକ୍ତିଟି ପାଦ ରଖୁଛି, ସେହି ପରିବେଶକୁ ନସୁଧାରିଲେ ଆଜି ଦିବସର ମହତ୍ୱ କେବଳ ବାକ୍ୟରେ ସୀମିତ ହୋଇ




ରହିଯିବ ବୋଲି ଶ୍ରୀ ଦାସ କହିଥିଲେ। ଜଗତସିଂହପୁର ଜିଲ୍ଲାକୁ ନିଶାମୁକ୍ତ କରି ଜିଲ୍ଲାର ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସଂକଳ୍ପ ନେବାକୁ ବିଧାୟକ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ନିଶା ମୁକ୍ତ ସମାଜ ସୁସ୍ଥ ଓ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ବୋଲି କହିଥିଲେ। ଆଶ୍ରା ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟର ସମ୍ପାଦକ ଅଜୟ କୁମାର ଖୁଣ୍ଟିଆ ନିଜ ବକ୍ତବ୍ୟରେ, ଆଜିର ପିଲା କାଲିର ଭବିଷ୍ୟତ, ତେଣୁ ସେମାନଙ୍କୁ ନିଶା ପରି ଶତ୍ରୁ କବଳରୁ ରକ୍ଷା କରିବା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ମଧ୍ୟ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଏହି ନିଶା ରୂପକ ରାକ୍ଷସକୁ ଦୂର କରିହେବ ବୋଲି କହିଥିଲେ। ଏହି ସମାରୋହରେ ଯୋଗଦେଇ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଶିକ୍ଷା, ସଚେତନତା ଓ ସଠିକ୍ ଦିଗଦର୍ଶନ ହିଁ ଏକ ନିଶାମୁକ୍ତ ସମାଜ ଗଠନ କରିବା ସହ ରାଷ୍ଟ୍ର ତଥା ରାଜ୍ୟର ଅଭିବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଉଦର ସୁନ୍ଦର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିଶା ନିବାରଣ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏବଂ ଅନ୍ୟ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। ଜଗତ୍‌ସିଂହପୁର ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ ରୂପରେଖା ସାହୁ ସଭା କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ତିର୍ତ୍ତୋଲ କାଜଲ କୁମାର ସାହୁ, କୁଜଙ୍ଗ ସଂଗ୍ରାମ କିଶୋର ମହାନ୍ତି, ଏରସମା ପ୍ରିତମ କୁମାର ନାୟକ, ଜିଲ୍ଲା ସମାଜିକ ସୁରକ୍ଷା କାର୍ଯ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ସାଗର କୁମାର ବେହେରା ଏବଂ ଆଶ୍ରା ସ୍ୱତନ୍ତ୍ର ବିଦ୍ୟାଳୟର କର୍ମକର୍ତ୍ତାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ନିଶା ନିବାରଣ ଓ ଅବୈଧ ଚାଲାଣ ରୋକିବା ନିମନ୍ତେ ବିଦ୍ୟାଳୟର ଅନ୍ତେବାସୀମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ନିଶା ନିବାରଣ ସଚେତନତା ରଥ ଉଦ୍‌ଘାଟିତ




**ଜଗତସିଂହପୁର,୨୬।୬(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପ ବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆଠାରେ ଏକ ସଚେତନତା ରଥ ଓ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ୍ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବାକୁ ଏହି ରଥ ୨ଟି ମ୍ୟୁନିସିପାଲଟି ଓ ୮ଟି ବ୍ଲକ ପରିକ୍ରମା କରିବ। ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷେ ହାନୀକାରକ ଅଟେ। ଜୀବନ ହେଉଛି ମୂଲ୍ୟବାନ ଏଣୁ ନିଶା ସେବନରୁ ଦୂରେଇ ରହିବା ଉଚିତ୍। ନିଶା ରୂପକ ରାକ୍ଷସ ଜୀବନକୁ ସର୍ବନାଶ କରାଏ। ମଦ, ହେରୋଇନ୍, ଚରସ୍, ମାରିଜୁଆନା, ଗଞ୍ଜାପାଉଡର ମଣିଷ ଜୀବନକୁ ଛାରଖାର କରିଦିଏ। ଚୋରା ନିଶା ସେବନ ଅପମୃତ୍ୟୁର କାରଣ ହୋଇଥାଏ। ଏହି କାର୍ଯ୍ୟକ୍ରମକୁ ଅବକାରୀ ଅଧିକ୍ଷକ ଶ୍ରୀ ଦିଲ୍ଲୀପ କୁମାର ପଲେଇ



ପରିଚାଳନା କରିଥିଲେ। ଏହି ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆରୁ ବାହାରି କଲେଜ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଏକ୍ସାଇଜ୍ ଇନ୍ସପେକ୍ଟର, ଅବକାରୀ କର୍ମଚାରୀ, ମହାବିଦ୍ୟାଳୟର ଛାତ୍ର, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପାରାଦୀପରେ ବୁଲିଲା ନିଶା ନିବାରଣ ସଚେତନତା ରଥ

**ପାରାଦୀପ,୨୬।୬(ସମିସ):** ଆଜି ହେଉଛି ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ। ଏନେଇ ଜଗତସିଂହପୁର ଜିଲ୍ଲା ଅବକାରୀ ବିଭାଗ ତତ୍ପର ହୋଇ ଉଠିଛି। ଜିଲ୍ଲା ହେଡ କ୍ୱାର୍ଟର ସମେତ ଜିଲ୍ଲାର ସମସ୍ତ ବ୍ଲକ ଓ ମୁନିସିପାଲିଟି ଅଞ୍ଚଳରେ ଏକ ସଚେତନତା ରଥ ବୁଲାଇବା ସହ ସଚେତନତାର ବାର୍ତ୍ତା ବାଣ୍ଟୁଛି। ଏହି ଅବସରରେ ପାରାଦୀପଠାରେ ରଥ ପହଞ୍ଚିବା ପରେ ଅବକାରୀ ବିଭାଗ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଜିର ଦିନର ଆଭିମୁଖ୍ୟ ହେଉଛି "ନିଶା କୁ ନାଁ କରିବା, ନିଶା ଠାରୁ ଦୂରେଇ ରହିବା'। ସମାଜ ପାଇଁ ଆଜି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିନ, ନିଶାର କିଭଳି ଅବୈଧ ଚାଲାଣ ଓ କାରବାର ଉପରେ ରୋକ ଲଗାଯାଇ ପାରିବ ଏନେଇ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିଛି। ସମାଜର କୋଣ ଅନୁକୋଣରେ ଲୋକଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହା ଆୟୋଜନ କରାଯାଇଛି। ଲୋକଙ୍କ ନିକଟରେ ଏହି ବାର୍ତ୍ତା କିଭଳି ପହଞ୍ଚିବା ସହିତ



ସଚେତନତା କରାଇବ ଏନେଇ ଅବକାରୀ ବିଭାଗର ପ୍ରୟାସ ଜାରି ରହିଛି। ନିଶା ସେବନ ଦ୍ୱାରା ପରିବାର ନଷ୍ଟଭ୍ରଷ୍ଟ ହେଉଛି। ଅଶାନ୍ତି ସବୁବେଳେ ଲାଗି ରହୁଛି। ନିଶା ବନ୍ଦ ହେବା ଦ୍ୱାରା ପରିବାରରେ ଖୁସି ଆସିବ ବୋଲି ପାରାଦୀପ ଅବକାରୀ ବିଭାଗ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ଭଡ଼ାରେ ଗାଡ଼ି ନେଇ ଡ୍ରାଇଭରକୁ ହତ୍ୟା ଘଟଣା**

# ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**କୁଜଙ୍ଗ,୨୬।୬(ସମିସ):** ଭଡ଼ାରେ ଗାଡ଼ି ନେଇ ବାଟରେ ଡ୍ରାଇଭରକୁ ହତ୍ୟା କରି ଫିଙ୍ଗି ଗାଡି ନେଇ ଫେରାର ହୋଇଯିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି କୁଜଙ୍ଗ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରାର୍ଥ ସାରଥୀ ପଟ୍ଟନାୟକ।

ପ୍ରକାଶ ଯେ, ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନିମିଢି ଗ୍ରାମର ଭାସ୍କର ସାହୁ (ଓଆର୦୫ଏଭି-୫୪୭୨) ନମ୍ବର ସ୍କର୍ପିଓ ଗାଡିକୁ ଭଡ଼ାରେ ଲଗାନ୍ତି। ତାଙ୍କ ଗାଡ଼ି ପାରାଦୀପଗଡ ଷ୍ଟାଣ୍ଡରେ ରୁହେ। ଡ୍ରାଇଭର ଭାବେ ପାରାଦୀପଗଡ ଗ୍ରାମର ବିଜୟ ଓରଫ ହରେନ୍ଦ୍ର ସାହୁ ଏହି ଗାଡି ଚଳାନ୍ତି। ଗତ ୨୦୧୪ ଅଗଷ୍ଟ ୩୦ ସନ୍ଧ୍ୟାରେ କିଛି ଲୋକ ପୁରୀ ଯିବାକୁ ଡ୍ରାଇଭରକୁ କହିଥିଲେ। ଏକଥା ମଧ୍ୟ ଡ୍ରାଇଭର ହରେନ୍ଦ୍ର ମାଲିକ ଭାସ୍କରକୁ ଜଣାଇଥିଲେ। ହେଲେ ଭଡ଼ା ନେଇ ଯିବାର କିଛି ସମୟ ପରେ ଗାଡି ମାଲିକ ଭାସ୍କର ଡ୍ରାଇଭର ହରେନ୍ଦ୍ରକୁ ଟେଲିଫୋନ କରିବାରୁ ଆଉ ଲାଗି ନଥିଲା। ଖୋଜା ଖୋଜି କରି ଗାଡ଼ିର ସନ୍ଧାନ ନପାଇବାରୁ ଭାସ୍କର ସେପ୍ଟେମ୍ବର ୨ତାରିଖରେ ଏନେଇ ଲକ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲକ୍ ଥାନା ପୁଲିସ ତଦନ୍ତ କରି ଜାଣିବାକୁ ପାଇଲେ ଯେ, ବିହାରର କିଛି ଲୋକ ଏଭଳି କାଣ୍ଡ ଭିଆଇଛନ୍ତି। ଲକ୍ ପୁଲିସ ବିହାରର ମୋତିହାରି ଜିଲ୍ଲା ମହେଶି ଥାନା ଅନ୍ତର୍ଗତ ମାମରବରଜି ଗାଁର ବଳିନ୍ଦର ସାହାଣୀ ଓ ମୁଜାଫରପୁର ଜିଲ୍ଲା ଭାହୁରଜ ଥାନା କାଠୁରିଆ ଗ୍ରାମର ପ୍ରମୋଦ ଭଗତକୁ ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେରାବେଳେ ସେମାନେ ଚାଳକକୁ ହତ୍ୟା କରି ଗାଡି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲା।

ଉକ୍ତ ମୋକଦ୍ଦମାର ବିଚାର କୁଜଙ୍ଗ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଚାଲିଥିଲା। ସମସ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରାର୍ଥ ସାରଥୀ ପଟ୍ଟନାୟକ ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ହତ୍ୟାକାଣ୍ଡ ପାଇଁ ୧୦ ହଜାର ଟଙ୍କା ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ନିମନ୍ତେ ୧୦ ହଜାର ଟଙ୍କା ଓ ଘଟଣାର ପ୍ରମାଣ ନଷ୍ଟ ଉଦ୍ୟମ ପାଇଁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ପ୍ରତ୍ୟେକ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜୋନାଲିନି ରାଉତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ କର୍ଣ୍ଣ ମୋକଦ୍ଦମା ପରିଚାଳନା କରୁଥିଲେ।

# ଡିଜେଲ ଚୋରି ଅଭିଯୋଗରେ ୪ ଗିରଫ

**ପାରାଦୀପ,୨୬।୬(ସମିସ):** ପାରାଦୀପ ଅଭୟଚାନ୍ଦପୁର ଥାନା ଅଧିନ ଢ଼ିଙ୍କିଆର ଜେଏସଡବ୍ଲୁ ପ୍ରକଳ୍ପ ବାଉଣ୍ଡରୀ ମଧ୍ୟରେ କାମ କରୁଥିବା ପ୍ରୋକଲିଂରୁ ୧୦୦ ଲିଟର ଡିଜେଲ ଚୋରି କରି ଦୁଇ ଯୁବକ ନେଇ ଯାଉଥିବା ବେଳେ ଜେଏସଡବ୍ଲୁ ସୁରକ୍ଷାକର୍ମୀଙ୍କ ନଜରକୁ ଆସିଥିଲା। ସୁରକ୍ଷାକର୍ମୀ ଏ ସମ୍ପର୍କରେ କମ୍ପାନୀକୁ ଜଣାଇବା ପରେ କମ୍ପାନୀ ପକ୍ଷରୁ ସୁଜିତ ଚୌଧୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୁଲିସ ୨ଅଭିଯୁକ୍ତଙ୍କୁ ପଚରା ଉଚରା କରିବା ପରେ ସେ ଦୁଇ ପ୍ରୋକଲିନ୍ ଡ୍ରାଇଭରଙ୍କ ଠାରୁ ଆଣୁଥିବା କହିଥିଲେ। ତେବେ ପୁଲିସ ତଦନ୍ତ କରି ସେଥିରେ ସଂଶ୍ଳିଷ୍ଟ ୪ ଜଣକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୌମ୍ୟ ରଞ୍ଜନ ନାଥ (୨୫), ସାଗର ନାଥ (୨୦), ସୌମ୍ୟ ରଞ୍ଜନ ଭୂୟାଁ (୩୨) ଓ ପିଣ୍ଟୁ ମହନ୍ତ (୩୦)।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ତିର୍ତ୍ତୋଲ,୨୬।୬(ସମିସ):** ତିର୍ତ୍ତୋଲ ବ୍ଲକ ବୋଧେଇ ଗ୍ରାମର ସମାଜସେବୀ ତଥା ଅବସରପ୍ରାପ୍ତ ସରକାରୀ ଅଧିକାରୀ କ୍ଷୀରୋଦ ମହାନ୍ତିଙ୍କ ପତ୍ନୀ ପ୍ରତିମା ମହାନ୍ତି(ଡଲି)ଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। ସେ ଶିଶୁ ଅନନ୍ତ ଆଶ୍ରମର ପ୍ରତିଷ୍ଠାତା ପଦ୍ମଶ୍ରୀ ବାବା ବଳିଆଙ୍କ ଅନୁଗାମୀ ଥିଲେ। ତାଙ୍କ ବିୟୋଗରେ ବୋଧେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦଲାଲମୁକ୍ତ ହେଉ ପାରାଦୀପ ରାଜରାସ୍ତା

**ତିନି ଟ୍ରକ ମାଲିକ ସଂଘ ସମନ୍ୱୟ କମିଟି ଜେସିସି ପକ୍ଷରୁ ରାସ୍ତାରୋକ**



**ପାରାଦୀପ, ୨୬।୬(ସମିସ):** ଧାଡିଭଙ୍ଗା ଆଇରନ ଟ୍ରକ କବଳରେ କବଳିତ ପାରାଦୀପ ରାଜରାସ୍ତା। ଏଥିରେ ଅତିଷ୍ଠ ହୋଇପଡିଲେଣି ସାଧାରଣ ଜନତା। ଯାହାକୁ ନେଇ ଆଜି ସ୍ୱର ଉଠାଇଛନ୍ତି ପାରାଦୀପର ତିନିଗୋଟି ଟ୍ରକ ମାଲିକ ସଂଘର ମିଳିତ ସମନ୍ୱୟ କମିଟି ଜେସିସି। ଗୋଟିଏ ପଟେ କିଛି ବାହୁବଳୀ ଟ୍ରକ ମାଲିକ ନିର୍ବିଘ୍ନରେ ଧାଡିଭାଙ୍ଗି ନିଜର ବ୍ୟବସାୟ ଚଳାଇଥିବାବେଳେ ଅନ୍ୟପଟେ ସାଧାରଣ ମାଲିକମାନେ ବଳି ପଡୁଛନ୍ତି। ବିଭିନ୍ନ ସମୟରେ ଏହି ଧାଡିଭଙ୍ଗା ଟ୍ରକ ଦ୍ୱାରା ଦୁର୍ଘଟଣା ଘଟି ଅନେକ ଧନ, ଜୀବନ ଚାଲିଯାଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ଆଣିଛି ଜେସିସି। ସମସ୍ତ ଦୋଷକୁ ପୁଲିସ ପ୍ରଶାସନ ଉପରେ ଲଦି ଦେଇଛନ୍ତି ଜେସିସି କର୍ମକର୍ତ୍ତା ମାନେ। ଏଭଳି ସମସ୍ୟା ଆଜି ନୁହେଁ, ଦୀର୍ଘଦିନ ହେବ ରୀତିମତ ହୋଇଗଲାଣି। ପୁଲିସ ଆଇନଶୃଙ୍ଖଳା ରକ୍ଷା କରିବା ପରିବର୍ତ୍ତେ ବିଶୃଙ୍ଖଳା ସୃଷ୍ଟି କରୁଛି। ପୁଲିସ ସାମ୍ନାରେ ଟ୍ରକଗୁଡିକ ଧାଡି ଭାଙ୍ଗି ଡାହାଣ ପଟେ କାଟିକି ଯାଉଛନ୍ତି। ଫଳରେ ରାସ୍ତା ସବୁବେଳେ ଜାମ ରହୁଛି। ସ୍କୁଲ ପିଲା, ରୋଗୀ ଓ ଯାତ୍ରୀବାହୀ ବସ ଠିକ ସମୟରେ ପହଞ୍ଚି ପାରୁନାହାନ୍ତି। ଏହା ସବୁ ପୁଲିସ ଜାଣତରେ ହେଉଛି ବୋଲି ଜଗନ୍ନାଥ ଟ୍ରକ ମାଲିକ ସଂଘର ସଭାପତି ରାକେଶ ଜେନା ଅଭିଯୋଗ କରିଛନ୍ତି। ଆଜି ସକାଳଠାରୁ ଦିନ ୯ ଟା ପର୍ଯ୍ୟନ୍ତ ପାରାଦୀପ ଦୋଛକି ଠାରୁ ଅଠରବାଙ୍କୀ ରାସ୍ତାଜାମ ହୋଇପଡିବା ଦ୍ୱାରା ପଥଚାରୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରିଛନ୍ତି। ଯାହାକୁ ନେଇ ତିନିଗୋଟି ଟ୍ରକ ମାଲିକ ସଂଘ ପକ୍ଷରୁ ଅଠରବାଙ୍କୀଠାରେ ଟ୍ରକ ଗୁଡିକୁ ଅଟକାଇ ଦେଇଥିଲେ। ଫଳରେ ଦୀର୍ଘ ୨/୩ ଘଣ୍ଟା ଯାତାୟତ ଠପ ହୋଇଯାଇଥିଲା। ପାରାଦୀପ ଡ଼ିଏସପି ଓ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ପାଇଁ ଥାନାକୁ ଡାକିଥିଲେ। ଜେସିସି ପକ୍ଷରୁ ହୋଇଥିବା ଦାବିକୁ ଏସ୍‌ପି ଓ କଲେକ୍ଟରଙ୍କ ନିକଟରେ ଜଣାଯିବ। ସେମାନଙ୍କର ଯାହା ନିର୍ଦ୍ଦେଶ ରହିବ ତାହା ହିଁ କରାଯିବ ବୋଲି କୁହାଯାଇଥିଲା। ତାପରେ ଆସନ୍ତାକାଲି ଦିନ ୧୦ ଟାରେ ଜେସିସି, ପାରାଦୀପ ଡ଼ିଏସପି, ଆଦର୍ଶ ଥାନା ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଆଲୋଚନା ନେଇ ସ୍ଥିର କରାଯାଇଛି। ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଆଲୋଚନା ଯଦି ସଫଳ ନ ହୁଏ ତେବେ ଆଗାମୀ ଦିନରେ ତିନିଗୋଟି ଟ୍ରକ ମାଲିକ ସଂଘ ତରଫରୁ ଏହି ବେଆଇନ ଧାଡିଭଙ୍ଗା ଆଇରନ ଟ୍ରକ ଉପରେ ପଦକ୍ଷେପ ନେବା ସହିତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଜେସିସିର କର୍ମକର୍ତ୍ତା।

# ବିଭିନ୍ନ ପ୍ରସଙ୍ଗ ନେଇ ବିଡିଓଙ୍କ ସହ ବିଜେପି ପ୍ରତିନିଧି ଦଳର ଆଲୋଚନା

**ବିରିଡି,୨୬।୬(ସମିସ):** ବୁଧବାରଦିନ ପୂର୍ବାହ୍ନରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଜେପି ନେତା ତଥା ଆଇନଜୀବୀ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ବିରିଡି ବିଡିଓ ବିଜୟ କୁମାର ବେହେରାଙ୍କୁ ଭେଟି ବ୍ଲକର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶ୍ରୀ ବେହେରା ପ୍ରଥମେ ବ୍ଲକର ୨୧ ପଞ୍ଚାୟତରେ ବସୁଧା ଯୋଜନା ମାଧ୍ୟମରେ ହରଘର ନଳ ସାହାଯ୍ୟରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଜାଣିବାକୁ ଚାହିଁଥିଲେ। ଯାହା ଜଣାପଡିଛିକି ବିରିଡି ବ୍ଲକର ଗୋଟିଏ ହେଲେ ପଞ୍ଚାୟତରେ ଏ ପର୍ଯ୍ୟନ୍ତ ପାନୀୟଜଳ ଠିକ ଢଙ୍ଗରେ ପହଞ୍ଚି ପାରିନାହିଁ ଯାହା ଫଳରେ ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେହିପରି ବର୍ତ୍ତମାନ ରାଜ୍ୟରେ ଆରମ୍ଭ ହୋଇଥିବା ବିଜେପି ସରକାର ର ଆଭିମୁଖ୍ୟ ତଥା ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା, କ୍ଷେତ୍ର କର୍ମଚାରୀ ବିଶେଷ କରି ଯନ୍ତ୍ରୀମାନେ ପଞ୍ଚାୟତରେ ରହି ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରି ତୁରନ୍ତ ବିଲ ପଇଠ କରିବା କରିବା। ପିଇଓ ମାନେ ପଞ୍ଚାୟତ କାର୍ଯ୍ୟାଳୟରେ ରହୁ ନଥିବାର ମଧ୍ୟ କୁହାଯାଇଥିଲା। ଅନ୍ୟପଟେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟର ଅଗ୍ରଗତି



ଉପରେ ଆଲୋଚନା କରିବାସହ ବଗଲପୁର ଓ ଶିବପୁର ପଞ୍ଚାୟତରେ ବିଜେପି ସମର୍ଥିତ ସରପଞ୍ଚ ଥିଲେ ମଧ୍ୟ ଅଣଦେଖା କରାଯାଇଛି ତେଣୁ ସେଥିପ୍ରତି ଦୃଷ୍ଟି ଦେବାକୁ ପ୍ରତିନିଧି ଦଳ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ପୂରଣ ମଣ୍ଡଳ ସଭାପତି ତରୁଣ କୁମାର ଦାସ, ହଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, କୃଷକମୋର୍ଚ୍ଚା ନେତା ରାମକୃଷ୍ଣ ପରିଜା, ଏସ୍‌ସି ମୋର୍ଚ୍ଚା ଜିଲ୍ଲା ସଭାପତି ବାମଦେବ ମଲ୍ଲିକ, ପୂର୍ବତନ ଉପାଧକ୍ଷା ଗୀତାଞ୍ଜଳି ସାହୁ, ସାଧାରଣ ସମ୍ପାଦକ ଟୁଟୁ ମଲ୍ଲିକ, ବିଭୁପ୍ରସାଦ ଦାଶ, ଆଲୋକ ପଣ୍ଡା, ଶୁଭ୍ରଜ୍ୟୋତି ସାହୁ, ଅଭିମନ୍ୟୁ ସାହୁ, ଅଶ୍ୱିନୀ ରାଉତ, ସତ୍ୟଭାମା ବେହେରା, ସୁଦର୍ଶନ ବଡ଼ିଆ, ବିଶ୍ୱଭୂଷଣ ମଲ୍ଲିକ, ଆଶୁତୋଷ ପଟନାୟକ, ଅଶୋକ ସାହୁ, ବିଜୟ ସାହୁ, ରଜତ ଲେଙ୍କା, ରଶ୍ମୀ ରଞ୍ଜନ ମିଶ୍ର, ଅଭୟ ଜେନା ପ୍ରମୁଖ ସାମିଲ ହୋଇଥିଲେ।

**ବ୍ୟାଙ୍କ୍ ସମୂହ ଜିଲ୍ଲା ପରାମର୍ଶଦାତା କମିଟି ଓ ସମୀକ୍ଷା ବୈଠକ**

# କ୍ରେଡିଟ ଡେବିଟ୍ ଅନୁପାତ ବୃଦ୍ଧି କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ଜଗତସିଂହପୁର,୨୬।୬(ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ବ୍ୟାଙ୍କ୍ ସମୂହ ଜିଲ୍ଲା ପରାମର୍ଶଦାତା କମିଟି ଓ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଅନୁପମ ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ କହିଲେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ଆବଶ୍ୟକୀୟ ଋଣ ଓ ସବସିଡି ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ବ୍ୟାଙ୍କରମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଯୁବ ଉଦ୍ୟୋଗୀ, ଛାତ୍ର ଛାତ୍ରୀଙ୍କ ଉଚ୍ଚଶିକ୍ଷା, ଗୃହ ନିର୍ମାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଖଦୀ ଏବଂ କୁଟୀରଶିଳ୍ପ ଇତ୍ୟାଦିର ହିତାଧିକାରିମାନଙ୍କୁ ବ୍ୟାଙ୍କ୍ ଲିଙ୍କେଜ ମାଧ୍ୟମରେ ଋଣ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସରକାରୀ ଅଧିକାରୀ ମାନେ ବ୍ୟାଙ୍କ୍ ସହିତ ସମନ୍ୱୟ ରଖି ହିତାଧିକାରୀଙ୍କୁ ଋଣ ପ୍ରଦାନରେ



କ'ଣ ସମସ୍ୟା ରହିଛି ତାହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କରମାନେ ଚଳିତ ଆର୍ଥିକ ବର୍ଷର ଶେଷସୁଦ୍ଧା ଅଧିକରୁ ଅଧିକ ଋଣ ପ୍ରଦାନ କରି କ୍ରେଡିଟ ଡେବିଟ୍ ଅନୁପାତ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର କ୍ରେଡିଟ ଡେବିଟ୍ ଅନୁପାତ ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ୫୭.୫୨ପ୍ରତିଶତ ରହିଥିବା ଅଗ୍ରଣୀ ବ୍ୟାଙ୍କ୍ ମ୍ୟାନେଜର ଅନୀଲ କୁମାର ପ୍ରଧାନ ସୂଚନା ଦେଇଥିଲେ। ଜିଲ୍ଲାରେ ମାର୍ଚ୍ଚ ୨୦୨୪ ସୁଦ୍ଧା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ୧୦୧.୯୦ ପ୍ରତିଶତ ସଫଳତା ହାସଲ ହୋଇପାରିଛି। ଜିଲ୍ଲାର ବାଲିକୁଦା, ନାଉଗାଁ, ଏରସମା ଅଞ୍ଚଳରେ ନୂତନ ବ୍ୟାଙ୍କ୍ ଶାଖା ଖୋଲିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ଋଣ ପ୍ରଦାନ କ୍ଷେତ୍ରରେ ୟୁକୋ ବ୍ୟାଙ୍କ୍ ୯୦.୨୪%, କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ୍ ୭୭.୮୦ ଏବଂ ପଞ୍ଜାବ ନେସନାଲ ବ୍ୟାଙ୍କ୍ ୭୩.୮୮ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସେହିପରି ପ୍ରାଇଭେଟ୍ ବ୍ୟାଙ୍କ୍ ମାନଙ୍କ ମଧ୍ୟରୁ ଏଚ.ଡି.ଏଫ୍.ସି ୨୩୭.୨୧, ବନ୍ଧନ ବ୍ୟାଙ୍କ୍ ୨୧୩.୯୦ ଏବଂ ଆଇ.ଡି.ଏଫ୍.ସି ୧୯୮.୭୯ ପ୍ରତିଶତ ଅନୁପାତରେ ଋଣ ପ୍ରଦାନ କରିଛନ୍ତି। ଏହି ବୈଠକରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଖଦୀ ଓ କୁଟୀର ଶିଳ୍ପ, କୃଷି ବିଭାଗର ବଳରାମ ଯୋଜନା, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟ, କୁକୁଡ଼ା, ଛତୁ ଚାଷ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ , ପି.ଏମ.ଇ.ଜି.ପି, ଶିଳ୍ପ ଉନ୍ନତି ଯୋଜନା, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ସୁରକ୍ଷା ବିମା, ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା, ଆର୍.ସେ.ଟି, ମୋ ଘର, ମିଶନ ଶକ୍ତି ସ୍କୁଟର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅଗ୍ରଣୀ ବ୍ୟାଙ୍କ୍ ମ୍ୟାନେଜର ୟୁକୋ ଅନୀଲ କୁମାର ପ୍ରଧାନ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକରେ ଡି.ଡି.ଏମ, ନାବାର୍ଡ ବିଶ୍ୱଭୁଷଣ ମହାନ୍ତି, ଏଲଡିଓ ରିଜର୍ଭ ବ୍ୟାଙ୍କ ଶ୍ରଦ୍ଧା ଟପ୍ପୋ, ଆଞ୍ଚଳିକ ପରିଚାଳକ ଷ୍ଟେଟ ବ୍ୟାଙ୍କ ଦେବାଶିଷ ରଥ, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ମତ୍ସ୍ୟ ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ଜେନେରାଲ ମ୍ୟାନେଜର ଜିଲ୍ଲା ଶିଳ୍ପକେନ୍ଦ୍ର, ଜିଲ୍ଲା ମିଶନ ଶକ୍ତି କୋର୍ଡିନେଟର, କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଚାଲିଛି ଅବାଧ ଗଛକଟା, ବୃକ୍ଷଶୂନ୍ୟ ହେଉଛି କେନ୍ଦ୍ରାପଡ଼ା**

# ତାପମାତ୍ରା ବୃଦ୍ଧିରେ ସହାୟକ ହେଉଛି କରତକଳ

ଡେରାବିଶ, ୨୬।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ କେନ୍ଦ୍ରାପଡ଼ା ସହରଠାରୁ ମାତ୍ର ୨୦ କିଲୋମିଟର ଦୂରରେ ସମୁଦ୍ରର ତଟ ଅବସ୍ଥିତ। ୮୦ କିଲୋମିଟର ବ୍ୟାପୀ ସମୁଦ୍ର କୂଳ ଓ ଘନ ହେନ୍ତାଳବଣ ଥିବାବେଳେ ପୁରୀର ତାପମାତ୍ରା ୩୦ରୁ ୩୫ ଡିଗ୍ରୀ ରହୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ତାପମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଇ ୪୦ରୁ ୪୫ ଡିଗ୍ରୀରେ ପହଞ୍ଚିଛି। ଏଥିରେ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାର ଜନସାଧାରଣ, ଗୃହପାଳିତ ପଶୁଙ୍କ ସମେତ ବନ୍ୟପଶୁମାନେ ଡହଳ ବିକଳ ହେଉଛନ୍ତି। ଅଧିକାଂଶ ପଶୁପକ୍ଷୀ ବିଲୁପ୍ତପ୍ରାୟ ହେବାକୁ ବସିଲେଣି। ପରିବେଶବିତ୍‌ମାନଙ୍କ ମତ ଅନୁସାରେ ପ୍ରତିବର୍ଷ କେନ୍ଦ୍ରାପଡ଼ା ଜିଲ୍ଲାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ବନମହୋତ୍ସବ, ବିଶ୍ୱ ପରିବେଶ ଦିବସ ପାଳନ ସମୟରେ ସାଧାରଣ ଜନତା ଓ ସରକାର ବ୍ୟାପକ ଗଛ ଲଗାଉଛନ୍ତି। ହେଲେ ବାସ୍ତବ ପକ୍ଷେ ଗଛଲଗାଇବା ପରଦିନ ଗଛଗୁଡ଼ିକ ରକ୍ଷଣାବେକ୍ଷଣ, ବାଡ଼ବନ୍ଦୀ ଅଭାବରୁ ଗୋରୁ ଗାଈଙ୍କ ଦାଉରୁ ରକ୍ଷା ପାଇପାରେନାହିଁ। ଯେଉଁଥିପାଇଁ ଜଙ୍ଗଲ ହେବା ପରିବର୍ତ୍ତେ ବୃକ୍ଷଶୂନ୍ୟ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା।

ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେବି ବହୁ ସ୍ଥାନରେ ଲୁଚାଛପାରେ ବେଆଇନ କରତକଳ ଚାଲୁ ରହିଛି। ତେବେ ବେଆଇନ କରତ କଳକୁ ବନ୍ଦ ଉଦ୍ଦେଶ୍ୟରେ ସରକାର ସମସ୍ତ ବେଆଇନ କରତ କଳକୁ ହଟାଇ ଏକ କ୍ଲଷ୍ଟର କରି ଜିଲ୍ଲା ଶିଳ୍ପକେନ୍ଦ୍ର, ଜିଲ୍ଲା ବନବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ଅନୁମୋଦନରେ ମାତ୍ର ୭ଟି କରତ କଳ ପକାଇବାପାଇଁ ଅନୁମତି ଦିଆଯାଇ ଡେରାବିଶ ବ୍ଲକର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧିନସ୍ଥ ବଳଭଦ୍ରପୁର ଗ୍ରାମରେ ଇଡ୍‌କୋ ଦ୍ୱାରା ଜମି ଅଧିଗ୍ରହଣ କରାଯାଇ ସେ ସମୟରେ ୭ଟି କରତ କଳ ଚଲାଇବା ପାଇଁ ନିଷ୍ପତି ନିଆଯାଇ ତଦନୁସାରେ ୭ଟି କରତକଳ ମାଲିକଙ୍କ ଅନୁମତି ଦିଆଯାଇଥିଲା। ହେଲେ କିଛି ଧୂର୍ତ୍ତ କରତକଳ ମାଲିକ ଓ ଅର୍ଥଲୋଭୀ ପ୍ରଶାସନିକ ଅଧିକାରୀଙ୍କ ସଲାସୁତୁରାରେ ଇତିମଧ୍ୟରେ ତିନୋଟି ଲେଖାଏ ଅତିରିକ୍ତ କରତ କଳକୁ ପର୍ଯ୍ୟାୟ କ୍ରମେ ଅନୁମତି ଦିଆଯାଇ ଏହି କ୍ଲଷ୍ଟରରେ ମୋଟ ୨୫ଟି କରତ ନିର୍ମାଣ ସରିଛି। ଏହି ୨୫ଟି କରତକଳ ଦିନରାତି ୨୪ ଘଣ୍ଟା ଘର ଘର ନାଦ କରି ଅନବରତ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର, ଜଗତସିଂହପୁର, କଟକ ଜିଲ୍ଲା ସମେତ ଗଞ୍ଜାମ, ଗଜପତି ଓ ନୟାଗଡ଼ ଜିଲ୍ଲାରୁ ଜଙ୍ଗଲ ବିଭାଗର ଅନୁମତି ପ୍ରାପ୍ତ କାଠ ଆସି କଟାଯାଉଛି। ଯଦି ଗୋଟିଏ କରତ କଳ ୨୪ ଘଣ୍ଟା କାଠ କାଟେ ତେବେ ଗୋଟିଏ ପଞ୍ଚାୟତର ସମସ୍ତ ବଡ଼ ଓ ଛୋଟ ଗଛକୁ କାଟି ପଟା ଓ ଜାଳେଣିରେ ପରିଣତ କରିବା ପାଇଁ ମାତ୍ର ୨ ଦିନ ସମୟ ଲାଗିବ। ଏଥିରୁ କେନ୍ଦ୍ରାପଡ଼ା ଜିଲ୍ଲାରୁ ସମ୍ପୂର୍ଣ୍ଣ ଗଛ ଶୂନ୍ୟ ହେବା ପାଇଁ କେତେ ସମୟ ଲାଗିବ ତାହା ସ୍ପଷ୍ଟ ଅନୁମେୟ। କେନ୍ଦ୍ରାପଡ଼ା ଜିଲ୍ଲା କରତକଳ କ୍ଲଷ୍ଟରକୁ ସର୍ବାଧିକ ୭ଟି କରତ କଳରେ ସୀମିତ ରଖିବା ପାଇଁ ବହୁ ପରିବେଶବିତ୍ ସମେତ ମାଟି, ବାଲି, ପାଣି ସୁରକ୍ଷା ମଞ୍ଚର ଆବାହକ ଜିଲ୍ଲା ପ୍ରଶାସନକୁ ବହୁବାର ଜଣାଇଥିଲେ ବି ଜିଲ୍ଲା ପ୍ରଶାସନ ନୀରବ ରହିବା ପରିବେଶବିତ୍ ମହଲ ଓ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ତେବେ ପରିବେଶବିତ୍ ଓ ଜନସାଧାରଣଙ୍କ ପରିବେଶ ସୁରକ୍ଷା ପ୍ରତି ଏହି ଆବେଦନ କେନ୍ଦ୍ରାପଡ଼ା ଜିଲ୍ଲାର ତାପମାତ୍ରକୁ ବୃଦ୍ଧିରେ ସହାୟକ ହେଉଥିବା କରତକଳ ମାଲିକମାନଙ୍କ ଚାପରେ ଚାପି ହୋଇଯାଇଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ତେବେ ତୁରନ୍ତ ଡେରାବିଶ ବ୍ଲକ ଅନ୍ତର୍ଗତ କରତ କଳ କ୍ଲଷ୍ଟରରୁ କରତ କଳ ସଂଖ୍ୟା ହ୍ରାସ କରିବାକୁ ଜିଲ୍ଲା ପ୍ରଶାସନ ତଥା ପରିବେଶ ମନ୍ତ୍ରଣାଳୟ ନିକଟରେ ଅଞ୍ଚଳବାସୀ ନିବେଦନ କରିଛନ୍ତି।



# ମିଶନ ଶକ୍ତି କାଫେରେ ତାଲା






ରାଜକନିକା, ୨୬।୬(ସମିସ): ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦରେ ମିଶନ ଶକ୍ତି କାଫେ ଖୋଲାଗଲା। ପ୍ରାୟ ଦେଢ଼ ବର୍ଷ ପୂର୍ବରୁ କେନ୍ଦ୍ରାପଡ଼ାର ତତ୍କାଳୀନ ଜିଲ୍ଲାପାଳଙ୍କ ଦ୍ୱାରା ଏହି କାଫେ ଉଦ୍‌ଘାଟିତ ହୋଇଥିଲା। ମାତ୍ର ଏବେ ଏଠାରେ ତାଲା ପଡ଼ିଛି। ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବାକୁ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଥଣ୍ଡା ପାନୀୟ ଓ ଲସି ବିକ୍ରିରେ ସୀମିତ ଥିବାବେଳେ କେବେ ବ୍ଲକରେ କିଛି ମିଟିଂ କିମ୍ବା ଟ୍ରେନିଂ ହେଲେ ୩୦ରୁ ୫୦ ମିଲ ତିଆରି ହେଉଥିଲା। ମାତ୍ର ଦୀର୍ଘ ୪ମାସ ହେବ ଏହି କାଫେରେ ତାଲା ଝୁଲିବା ଦ୍ୱାରା ଏହା ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଜଣାପଡ଼ୁଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ରାଜକନିକା ଭଳି ଗୋଟେ ଗ୍ରାମାଞ୍ଚଳରେ କେତେ ଲୋକ ଦ୍ୱିପ୍ରହରରେ ହୋଟେଲରେ ଖାଇବାକୁ ଆସୁଛନ୍ତି ଏବଂ ବଜାରରେ ଥିବା ହୋଟେଲ ଓ ଜଳଖିଆ ଦୋକାନଠାରୁ ବ୍ଲକ ଭିତରେ କେତେ ଲୋକ ଖାଉଛନ୍ତି ତାହାର କୌଣସି ସଠିକ ହିସାବ ନକରି କାଫେ ତିଆରି ନାଁରେ ଅର୍ଥ ହଡ଼ପ ହୋଇଥିବା ଆଲୋଚନା ହେଉଛି। ଏତେ ଟଙ୍କାରେ ନିର୍ମାଣ ହୋଇଥିବା କାଫେରେ କ'ଣ ପାଇଁ ଏବେ ତାଲା ପଡ଼ିଛି ଏହି ପ୍ରଶ୍ନର କୌଣସି ସଠିକ ଉତ୍ତର ବିଡ଼ିଓ କିମ୍ବା ବିପିସି ଦେଇ ନପାରିବା ସରକାରୀ ବ୍ୟବସ୍ଥାର ଅସଲ ରୂପକୁ ପଦାରେ ପକାଇଛି। ବ୍ଲକ ଫେଡେରେସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଫେଡେରେସନର ସମ୍ପାଦିକା ଏହି କାଫେ ଚଲାଇଥିବାବେଳେ କଣ ପାଇଁ ତାହା ଅଚଳ ହୋଇଗଲା ତାର ସଠିକ କାରଣ ଜଣାପଡୁନାହିଁ।

# କେରେଡ଼ାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ରାଜନଗର, ୨୬।୬(ସମିସ): ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଶାନ୍ତି ଶୃଙ୍ଖଳା ମଧ୍ୟରେ କିପରି ରଥଯାତ୍ରା ଅନୁଷ୍ଠିତ ହେବ ସେ ନେଇ ମତ ରଖିଥିଲେ। ବୈଠକରେ ରଥ ନିର୍ମାଣ, ଭକ୍ତମାନଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ରଥଦାଣ୍ଡକୁ ଅବରୋଧମୁକ୍ତ କରିବା, ଟ୍ରାଫିକ ପରିଚାଳନା, ଭକ୍ତଙ୍କ ଭିଡ ସମୟରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମନ୍ଦିରର ବିଶୋଇ ପୀତାମ୍ବର ଦାଶ, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ରଶ୍ମୀ ରଞ୍ଜନ ମହାନ୍ତି, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ସ୍ୱାଇଁ, ବିଦ୍ୟୁତ ବିଭାଗର ଜୁନିୟର ମ୍ୟାନେଜର କୁମାର ଜିତେନ୍ଦ୍ର ବିଶ୍ୱାଳ, କୈବଲ୍ୟ ସାହୁ, ଅଗ୍ନିଶମ ବିଭାଗର ଅଧିକାରୀ, ଏଏସ୍‌ଆଇ ନରେନ୍ଦ୍ର କୁମାର ସିଂ, କେରେଡାଗଡ଼ ରାଜସ୍ୱ ନିରୀକ୍ଷକ ଦୀପକ କୁମାର ବେହେରା, ବେଲପାଳ ରାଜସ୍ୱ ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ବେହେରା, କେରେଡାଗଡ଼ ସରପଞ୍ଚ ତାପସ କୁମାର ସାହୁ, ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ପୂର୍ବତନ ସରପଞ୍ଚ ଅଶୋକ କୁମାର ବଳ, କାହ୍ନୁ ଚରଣ ପରିଡ଼ା, ବିଭୂତି ଭୂଷଣ ଜେନା, ଶ୍ରୀମଦ୍ ବାୟାବାବା ଆଶ୍ରମର ସମ୍ପାଦକ କପିଳ ଚନ୍ଦ୍ର ଦାସ, ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନମୋହନ ବେହେରା, ରଥ ନିର୍ମାଣ ବଶ୍ୱକର୍ମା ଅନ୍ତର୍ଯ୍ୟାମୀ ସୂତାର, ଘନଶ୍ୟାମ ରାଉତ, ଅମର କୁମାର ଭୂୟାଁ, ବଡପଣ୍ଡା ମଦନମୋହନ ରଥ, ରାଧାଚରଣ ମାଝି ପ୍ରମୁଖ ଯୋଗ ଦେଇଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ ନାହିଁ ମୌଳିକ ସୁବିଧା; ଶିଶୁ ହନ୍ତସନ୍ତ

**କାଗଜପତ୍ରରେ ଆସିଛି ବିଜୁଳି; ବାସ୍ତବରେ ତାରଟଣା ହୋଇନି**

ରାଜକନିକା, ୨୬।୬(ସମିସ): ନିର୍ମାଣ ସରିଛି ଅଙ୍ଗନବାଡି କେନ୍ଦ୍ର, ନାଁ ଅଛି ପିଇବା ପାଣିର ବ୍ୟବସ୍ଥା, ନାଁ ଅଛି ଲାଇନ, ନାଁ ଶୌଚାଳୟ। ଘର ଛିଡା କରି ଆଗପଟ ଗ୍ରୀଲ ଲଗାଇ ଦେଇ କାମ ସାରିଦେଇଛନ୍ତି ଠିକାଦାର। ଆଉ ସେହି ଅଧାଗଢା ଘର ଭିତରେ ଗରମରେ ହନ୍ତସନ୍ତ ହୋଇ ପାଠ ପଢୁଛନ୍ତି କୋମଳମତି ଶିଶୁ। ଭବିଷ୍ୟତର ମୂଳଦୁଆ ପକାଇବାକୁ ସମସ୍ତ ସୁବିଧା କରି ଅଙ୍ଗନବାଡି ଘର ନିର୍ମାଣକୁ ସରକାର ଗୁରୁତ୍ୱ ଦେଉଥିବାବେଳେ ତିଆରି ହୋଇଥିବା ଗୁହାଳସାହି ଅଙ୍ଗନବାଡି କେନ୍ଦ୍ରର ଏ ହେଉଛି ଦୂରାବସ୍ଥା। ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତର ଗୁହାଳସାହି ଅଙ୍ଗନବାଡି କେନ୍ଦ୍ର ନିର୍ମିତ ହୋଇ ସେଥିରେ ପାଠ ପଢ଼ା ଚାଲୁଥିବା ବେଳେ ଖରା, ଗରମ, ଗୁଳୁଗୁଳିରେ ସଢୁଛନ୍ତି ଛୋଟ ଛୁଆ। ଆଉ ଏ ସମ୍ପର୍କରେ ଗାଁ ଲୋକେ ଘର ତିଆରି କରିଥିବା ଗାଁର ଜଣେ ବ୍ୟକ୍ତିଙ୍କୁ ପଚାରିବାରୁ ସବୁ ବ୍ୟବସ୍ଥା ହୋଇଛି କହିବାରୁ ଘଟଣାଟି ପଦାକୁ ଆସିଛି। ଏହି ନୂଆ ଘରେ ସିଲିଂ ରୋଜ ନଥିବା ବେଳେ ପଙ୍ଖା ଟଙ୍ଗାଯିବାର କୌଣସି ବ୍ୟବସ୍ଥା ନାହିଁ। ଲାଇନ ଖୁଣ୍ଟରୁ ତାର ବି ଟଣାହୋଇନି, ମାତ୍ର ରେକର୍ଡପତ୍ରରେ ଏଠାରେ କରେଣ୍ଟ ଯାଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ରାଜକନିକା ବ୍ଲକର ତମାମ ଉନ୍ନୟନ କାମରେ କିଛି ଚତୁର ଧୂର୍ତ୍ତ ପ୍ରକୃତିର ବ୍ୟକ୍ତି ସବୁ ବିଭାଗର କାମକୁ ନିଜ ଅକ୍ତିଆରରେ ରଖି ବିଭାଗୀୟ କାମକୁ ନିଜେ କରୁଥିବାର ଏଭଳି ଘଟଣା ଘଟିଥିବା ଦେଖିବାକୁ ମିଳିଛି। କୋରନ୍ଦ ପଞ୍ଚାୟତର ଏଭଳି ଘଟଣା ସମ୍ପର୍କରେ ବିଭାଗକୁ ପଚାରିବାରୁ ଆମେ କିଛି ଜାଣିନାହୁଁ ବୋଲି ଉତ୍ତର ଆସିଛି। ତେଣୁ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହେଉଛି।




**● ପ୍ରଧାନଶିକ୍ଷକଙ୍କ ବଦଳି ଦାବି**

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ପଟ୍ଟମୁଣ୍ଡାଇ, ୨୬।୬(ସମିସ): ପଟ୍ଟମୁଣ୍ଡାଇ ବ୍ଲକ ଅଳପୁଆ ହାଇସ୍କୁଲରେ ଚାଲିଥିବା ଅନିୟମିତତା ଓ ପ୍ରଧାନଶିକ୍ଷକଙ୍କ ମନମାନିକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଅଭିଭାବକମାନେ ଆଜି ସକାଳେ ହାଇସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ।



ପ୍ରକାଶ ଯେ ୨୦୧୯-୨୦ ଶିକ୍ଷାବର୍ଷରେ ପ୍ରଧାନଶିକ୍ଷକ ଭାବେ ଏସ୍ କେ ନାୟକ ଅଳପୁଆ ହାଇସ୍କୁଲରେ ଯୋଗଦେବା ପରଠାରୁ ସ୍କୁଲରେ ବହୁ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏପରିକି ବିଦ୍ୟାଳୟ ଉନ୍ନତୀକରଣ ପାଇଁ ଆସୁଥିବା ଅର୍ଥ ଠିକ୍ ଭାବେ ବିନିଯୋଗ ନହୋଇ ଟଙ୍କା ଫେରିଯିବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ସ୍କୁଲ ଉନ୍ନତି ପାଇଁ ହୋଇଥିବା ବ୍ୟୟ ବରାଦର ହିସାବ ପ୍ରଧାନଶିକ୍ଷକ ଦେଇପାରୁନାହାନ୍ତି। ସ୍କୁଲର ସାଇକେଲ ଷ୍ଟାଣ୍ଡ, ରୋଷେଇ ଘର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଉନ୍ନତିକରଣ ଟଙ୍କା ଫେରିଯିବା ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରଧାନଶିକ୍ଷକ ନିୟମିତ ଠିକ୍ ସମୟରେ ବିଦ୍ୟାଳୟକୁ ଆସୁନଥିବାରୁ ଅନ୍ୟ ସହକାରୀ ଶିକ୍ଷକମାନେ ମଧ୍ୟ ମନଇଚ୍ଛାରେ ବିଦ୍ୟାଳୟ ଆସୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଅଳପୁଆ ଉଚ୍ଚ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡ଼ିଛି। ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରିବା ସହିତ ଆଜି ଅଭିଭାବକମାନେ ସ୍କୁଲରେ ତାଲା ପକାଇଥିଲେ। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ବ୍ୟବସ୍ଥାରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବା ସହିତ ଏହି ହାଇସ୍କୁଲକୁ ସମ୍ପୂର୍ଣ୍ଣ ଭାବେ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# ୩୫ ଗ୍ରାମ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



ପାରାଦୀପ, ୨୬।୬(ସମିସ): ପାରାଦୀପ ଅବକାରୀ ପୁଲିସ ଜଣେ ବେପାରିଙ୍କ ଠାରୁ ୩୫ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଏରସମା ଥାନା ଅଧିନ ଆମ୍ବିକିର ଭରତ ଖଡା (୩୬)। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପାରାଦୀପ ଅବକାରୀ ବିଭାଗ ଥାନା ଓଆଇସି ଜ୍ୟୋତିରଞ୍ଜନ ସେନାପତି କହିଛନ୍ତି। ଏହା ସହ ତାର ସ୍କୁଟିକୁ ମଧ୍ୟ ଜବତ କରାଯାଇଛି। ଅବକାରୀ ଥାନା ପୁଲିସ ସୂଚନା ମୁତାବକ ବୁଧବାର ଦିନ ପାଖାପାଖି ୨ଟାବେଳେ ଜଣେ ବ୍ରାଉନ୍‌ସୁଗାର ବ୍ୟବସାୟୀ ଗରାଖ ଅପେକ୍ଷାରେ ଅଠରବାଙ୍କୀ ନିକଟରେ ଜଗି ରହିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ଏକ ଟିମ୍ ଅଠରବାଙ୍କୀରେ ପହଞ୍ଚି ସେହି ବ୍ରାଉନ୍‌ସୁଗର ବେପାରିକୁ କାବୁ କରିଥିଲେ। ଭରତ ବଉରିଆ ପାଳନ୍ଦା ଅଞ୍ଚଳରେ ରହି ଏହି ବ୍ରାଉନ୍‌ସୁଗର ବ୍ୟବସାୟ କରୁଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଛି।

**● ଜାତୀୟ ରାଜପଥ କଡ଼ରୁ ଜବରଦଖଲ ହଟାଇବାକୁ ନୋଟିସ**

# ପାରାଦୀପରୁ ହଟିବ ବଡ଼ବଡ଼ିଆଙ୍କ ଜବରଦଖଲ

ପାରାଦୀପ, ୨୬।୬(ସମିସ): ଜାତୀୟ ରାଜପଥ କଡରୁ ଜବର ଦଖଲ ହଟିବ। ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲର ପ୍ରକଳ୍ପ ନିର୍ଦ୍ଦେଶକ ନୋଟିସ ଜାରି କରିଛନ୍ତି। ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବରଦଖଲ କରିଥିବା ଲୋକଙ୍କୁ ଏହି ଜବରଦଖଲ ହଟାଇବା ନେଇ ମଙ୍ଗଳବାର ନୋଟିସ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ରାଜପଥ ପାର୍ଶ୍ୱରେ ଥିବା ସମସ୍ତ ଘର, ଅନୁଷ୍ଠାନ, ଦୋକାନ ଆଦି ହଟାଇବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ଯେଉଁମାନେ ଜବରଦଖଲ କରିଛନ୍ତି ସେମାନଙ୍କୁ ବ୍ୟକ୍ତିଗତ ଭାବେ ନୋଟିସ ଜାରି କରାଯାଇଛି। ଏହି ନୋଟିସ ମିଳିବା ପରେ ପାରାଦୀପ ଅଞ୍ଚଳରେ ହଟଚମଟ ଆରମ୍ଭ ହୋଇଯାଇଛି। କାରଣ ବହୁ ବଡ ବଡିଆ ତଥା ପ୍ରଭାବଶାଳୀ ବ୍ୟକ୍ତି ରାଜପଥ ପାର୍ଶ୍ୱରେ ଘର, ମଲ, ହୋଟେଲ, ତେଲ ଟାଙ୍କି ଓ ସୋରୁମ ଆଦି କରିଛନ୍ତି। ସେସବୁ ଜବରଦଖଲ ହୋଇଛି ବୋଲି ନୋଟିସରେ ଉଲ୍ଲେଖ ରହିଛି। ଗତ ମାର୍ଚ୍ଚ ୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଚଣ୍ଡିଖୋଲଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାବେଳେ ଉକ୍ତ ରାଜପଥ ସମ୍ପ୍ରସାରଣ କରିବାକୁ ଘୋଷଣା କରିଥିଲେ। ଅର୍ଥାତ ୪ ଲେନ୍ ଥିବା ଉକ୍ତ ରାଜପଥକୁ ୮ ଲେନ କରାଯିବ। ଏହି ଘୋଷଣା ପରେ ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ ପକ୍ଷରୁ ମାପଚୁପ ଆରମ୍ଭ ହୋଇଥିଲା। ତେବେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମଙ୍ଗଳବାର ନୋଟିସ ମିଳିବା ପରେ ଜବରଦଖଲକାରୀଙ୍କ ମଧ୍ୟରେ ଛନକା ପଶିଛି। ଏନେଇ ଗତକାଲି ଠାରୁ ଅଠରବାଙ୍କୀ, ବିଜୟଚନ୍ଦ୍ରପୁର, ଉଦୟବିହାର, ଦୋଛକି, ପାରାଦୀପଗଡ଼, ବିଶ୍ୱାଳି, ଭୁତମୁଣ୍ଡାଇ ଅଞ୍ଚଳରେ ରହିଥିବା ଜବରଦଖଲକାରୀଙ୍କ ମଧ୍ୟରେ ଏହା ଆଲୋଚନାର ବିଷୟ ପାଲଟିଛି।

**କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟ**

# ଚୋରି ପରେ ବି ଏତଲା ଦେଉନାହାନ୍ତି ପ୍ରଧାନଶିକ୍ଷୟିତ୍ରୀ

ମାର୍ଶାଘାଇ, ୨୬।୬(ସମିସ): ମାର୍ଶାଘାଇ ବ୍ଲକ ପିକରାଳି କପିଳମୁନି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ପରିଡ଼ାଙ୍କ ମନମାନୀ କାର୍ଯ୍ୟକଳାପକୁ ବିରୋଧ କରି ମୋ' ସ୍କୁଲ ଅଭିଯାନ କମିଟ୍ ଓ ବିଦ୍ୟାଳୟ ପରିଚାଳନା କମିଟ୍ ତରଫରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ମୋ'ସ୍କୁଲ ଅଭିଯାନ କମିଟି ସଭାପତି ଗନ୍ଧର୍ବ ଚରଣ ମହାପାତ୍ରଙ୍କ ନେତୃତ୍ୱରେ ସାମ୍ବାଦିକ ସମ୍ମିଳନୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ଜେନା ତରୁଣ କୁମାର ରାଉତରାୟ, ପ୍ରମୋଦ କୁମାର ଦାସ, ପ୍ରଦୀପ କୁମାର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ରସେନ ସେଠୀ, ପ୍ରଦୀପ୍ତ ପଣ୍ଡା, ସୁଶାନ୍ତ ଦାସ, ରାଜୀବ ବଲ୍ଲଭ ସାମଲ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଆଷ୍ଟ୍ରୋଲାବ ଓ ବୈଦ୍ୟୁତିକ ଉପକରଣ ଚୋରି ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଚାଳନା କମିଟି ଓ ମୋ'ସ୍କୁଲ କମିଟି ସଦସ୍ୟମାନଙ୍କ ଏକ ଜରୁରୀ ବୈଠକ ଡକାଇ ଆବଶ୍ୟକ ପରାମର୍ଶ ଲୋଡିଥିଲେ। ଜୁନ ୨୦ତାରିଖ ବିଦ୍ୟାଳୟ ପରିଚାଳନା ଓ ମୋ'ସ୍କୁଲ ଅଭିଯାନ କମିଟ୍ ବୈଠକରେ ସର୍ବସମ୍ମତି କ୍ରମେ ବିଦ୍ୟାଳୟ ଚୋରି ସମ୍ପର୍କରେ ପାଟକୁରା ପୁଲିସ ନିକଟରେ ଅଭିଯୋଗ ପାଇଁ ନିଷ୍ପତି ହୋଇଥିଲା। ଏହା ମଧ୍ୟରେ ୬ଦିନ ବିତିଯାଇଥିବା ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ଏସ୍‌ଏମ୍‌ସି କମିଟ୍ ନିଷ୍ପତିକୁ ବେଖାତିର କରି ଚୋରି ସମ୍ପର୍କରେ ଅଭିଯୋଗ କରୁନଥିବାରୁ ଏହା ଚର୍ଚ୍ଚାର ବିଷୟ ହୋଇଛି। ରାତ୍ର ଜଗୁଆଳି ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କୌଣସି ଗୁପ୍ତ ବୁଝାମଣା ହେତୁ ପ୍ରଧାନ ଶିକ୍ଷୟତ୍ରୀ ଏପରି କରୁଥିବା ପରିଚଳାନା କମିଟ୍ ଅଭିଯୋଗ କରୁଛି। ସେହିପରି ବିଦ୍ୟାଳୟ ଗ୍ରୀଷ୍ମଛୁଟି ପରେ ବିଦ୍ୟାଳୟ ଖୋଲାଯିବା ପୂର୍ବରୁ ବିଦ୍ୟାଳୟ ପରିବେଶ ସଫା, ପାନୀୟଜଳ ପ୍ରସ୍ତୁତି ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ବିଦ୍ୟାଳୟ ପରିବେଶ ବର୍ତ୍ତମାନ ସୁଦ୍ଧା ସଫା କରାଯାଉନଥିବା ପରିଚାଳନା କମିଟ୍ ଅଭିଯୋଗ କରୁଛି। ଏତଦ୍‌ବ୍ୟତିତ ବିଦ୍ୟାଳୟ ଉନ୍ନୟନମୂଳକ ଯୋଜନାରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିବନ୍ଧକ ସାଜୁଥିବା ମୋ'ସ୍କୁଲ କମିଟି ସଭାପତି ଅଭିଯୋଗ କରିଛନ୍ତି। ଏଥିସହ ବିଦ୍ୟାଳୟରେ ଶିକ୍ଷାଦାନ ନିମ୍ନମାନର ଯୋଗୁ ଚଳିତବର୍ଷ 'ଏ-୧' କିମ୍ବା 'ଏ-୨'ରେ ଛାତ୍ରଛାତ୍ରୀମାନଙ୍କୁ ସଫଳତା ମିଳିନଥିବାରୁ ପରିଚାଳାନ କମିଟି ଓ ଅଭିଭାବକ ପ୍ରଧାନଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରୁଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ଅଭିଯୋଗର ତଦନ୍ତ କରି ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମାନେ ଦାବି କରିଛନ୍ତି। ମାତ୍ର ଏନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



**■ ସାମ୍ବାଦିକ ସମ୍ମିଳନୀ କରି ବର୍ଷିଲା 'ମୋ ସ୍କୁଲ' ଓ ଏସ୍‌ଏମ୍‌ସି**

# ୨ ବୃହତ୍ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ଆଠମଲ୍ଲିକ, ୨୬।୬(ସମିସ)**



ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଟି ବ୍ଲକ ଆଠମଲ୍ଲିକ ଓ କିଶୋରନଗରର ବିଭିନ୍ନ ପଞ୍ଚାୟତକୁ ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଇବା ପାଇଁ ହେଉଥିବା ପ୍ରକଳ୍ପ କାର୍ଯ୍ୟକୁ ବୁଧବାର ଆଠମଲ୍ଲିକର ନବନିର୍ବାଚିତ ବିଧାୟକ ନଳିନୀକାନ୍ତ ପ୍ରଧାନ ସମୀକ୍ଷା କରିଥିବା ଜଣାଯାଇଛି। ବିଧାୟକ ଶ୍ରୀ ପ୍ରଧାନଙ୍କ ଆଠମଲ୍ଲିକକୁ ପ୍ରଥମ ଗସ୍ତ ହୋଇଥିବା ବେଳେ ସହରରେ ଥିବା ଜାତୀୟ ପିତା ମହାତ୍ମା ଗାନ୍ଧୀ, ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, କୁଳବୃଦ୍ଧ ମଧୁସୂଦନ ଦାସ, ରାଜା କିଶୋର ଚନ୍ଦ୍ର ଦେଓ, ଗୋପବନ୍ଧୁ ଦାସ ଓ ଅନ୍ୟ ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାୟକ ଶ୍ରୀ ପ୍ରଧାନ ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ଓଲଥ ଠାରେ ନିର୍ମାଣାଧୀନ ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପକୁ ପ୍ରଥମେ ଗସ୍ତ କରି ମହାନଦୀରେ ନିର୍ମାଣ ହେଉଥିବା ଇଣ୍ଟେକ ୱେଲ କାର୍ଯ୍ୟକୁ ତଦାରଖ କରିଥିଲେ। ପରେ ଅନ୍ୟାନ୍ୟ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଜଳ ଜୀବନ ମିଶନ ଅନୁଦାନରୁ ଆଠମଲ୍ଲିକ ବ୍ଲକ ପାଇଁ ଇପିସି (ଇଞ୍ଜିନିଅରିଂ ପ୍ରକ୍ୟୁରମେଣ୍ଟ ଏବଂ କନଷ୍ଟ୍ରକସନ ପ୍ରୋଜେକ୍ଟସ ) ମୋଡ଼ ଦ୍ୱାରା ୧୬୨ କୋଟି ୧୨ ଲକ୍ଷ ମୂଲ୍ୟ ବ୍ୟୟ ଅଟକଳରେ ପ୍ରକଳ୍ପଟି ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପଟି ଗତ ୧୨/୮/୨୦୨୨ ରେ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟ ଶେଷ ଅବଧି ତାରିଖ ୧୧/୮/୨୦୨୪ ରହିଛି। ଆଠମଲ୍ଲିକ ବ୍ଲକର ୨୧ ଟି ପଞ୍ଚାୟତର ୨୫୬ ଗ୍ରାମର ସମୁଦାୟ ୧ ଲକ୍ଷ ୭୨ ହଜାର ୮୯୭ ଜଣ ହିତାଧିକାରୀ ଉପକୃତ ହେବେ ବୋଲି ଜଣାଯାଇଛି। ସେହିପରି କିଶୋରନଗର ବ୍ଲକର ୨୩ ପଞ୍ଚାୟତ ଓ ଆଠମଲ୍ଲିକ ବ୍ଲକର ବାକି ୩ ପଞ୍ଚାୟତକୁ ମିଶାଇ ସମୁଦାୟ ୨୬ ଟି ପଞ୍ଚାୟତ ପାଇଁ ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ମୁଣ୍ଡାପଡ଼ାଠାରେ ମହାନଦୀରେ ମଧ୍ୟ ଅନ୍ୟଏକ ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ସେହି କାର୍ଯ୍ୟକୁ ମଧ୍ୟ ବିଧାୟକ ଶ୍ରୀ ପ୍ରଧାନ ତଦାରଖ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୩୦୧ ଗ୍ରାମର ୨ ଲକ୍ଷ ୫୩ ହଜାର ୧୩୪ ଜଣ ହିତାଧିକାରୀ ଉପକୃତ ହେବେ। ଏହି ପ୍ରକଳ୍ପର ବ୍ୟୟ ଅଟକଳ ହେଉଛି ୧୭୫ କୋଟି ୯୨ ଲକ୍ଷ। ବିଧାୟକ ଶ୍ରୀ ପ୍ରଧାନଙ୍କ କାର୍ଯ୍ୟ ସମୀକ୍ଷା ସମୟରେ ଓଲଥ ପ୍ରକଳ୍ପର ପ୍ରୋଜେକ୍ଟ ମ୍ୟାନେଜର ସୁଶାନ୍ତ ଦାସ ଓ ତାଙ୍କ ସମସ୍ତ ପ୍ରୋଜେକ୍ଟ ଇଞ୍ଜିନିଅରମାନେ ଉପସ୍ଥିତ ରହି ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ମୁଣ୍ଡାପଡ଼ା ଠାରେ ନିର୍ମାଣ କାର୍ଯ୍ୟ ତଦାରଖ ସମୟରେ ସେଠିକାର ପ୍ରୋଜେକ୍ଟ ମ୍ୟାନେଜର ନାୟବ ରାସୁଲ, ପ୍ରୋଜେକ୍ଟ ଇଞ୍ଜିନିଅର ଗୋପୀ ରେଡ଼ି, ବରିଷ୍ଠ ଇଞ୍ଜିନିଅର ଦିଗନ୍ତ ମିଶ୍ର ଓ ପ୍ରଭାତ ବାନାର୍ଜୀ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ପ୍ରଧାନ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ସୌରଭ ଦୀକ୍ଷିତ ଓ ଉଭୟ ପ୍ରକଳ୍ପ ର ପ୍ରୋଜେକ୍ଟ ମ୍ୟାନେଜରଙ୍କ ସହ ସମସ୍ତ ଇଞ୍ଜିନିଅରଙ୍କୁ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ଆସନ୍ତା ଜାନୁଆରୀ ମାସ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସହ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ସରପଞ୍ଚ କଳ୍ପନା ଡାଙ୍ଗ, କୈଳାସ ଚନ୍ଦ୍ର ସାହୁ, ଅଶୋକ ପ୍ରଧାନ, ମହେନ୍ଦ୍ର ସାହୁ, ଦୁଃଖିଶ୍ୟାମ ରାଉଳ, ମହେଶ୍ୱର ଦେହୁରୀ, ହିମାଂଶୁ ଶେଖର ପ୍ରଧାନ, ନିରାକାର ଭୁକ୍ତାଙ୍କ ସମେତ ବହୁ ସରପଞ୍ଚ ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**■ ଖଣି ଅଞ୍ଚଳରୁ ମାଟି ଚୋରି ପ୍ରସଙ୍ଗ**

# ଲିଙ୍ଗରାଜ ଜିଏମ୍‌ଙ୍କୁ କାରଣଦର୍ଶାଅ ନୋଟିସ

**ତାଳଚେର ସଦର, ୨୬।୬(ସମିସ):** ତାଳଚେର ଲିଙ୍ଗରାଜ କୋଇଲା ଖଣି ମହାପ୍ରବନ୍ଧକ କାର୍ଯ୍ୟାଳୟ ନିକଟରୁ ହଜାର ହଜାର ଟ୍ରିପ୍ ମାଟି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏହାକୁ ପ୍ରାଧାନ୍ୟ ଦେଇ ଖଣି ଉପନିର୍ଦ୍ଦେଶକ ଏ ସମ୍ପର୍କରେ ଲିଙ୍ଗରାଜ ଜିଏମଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହିତ ଏକ ସପ୍ତାହ ମଧ୍ୟରେ ଏହାର ଉତ୍ତର ନରଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଏବେ ଏହାକୁ ନେଇ ତାଳଚେର ଅଞ୍ଚଳରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ଘଟଣାରୁ ପ୍ରକାଶ, ଲିଙ୍ଗରାଜ କୋଇଲା ଖଣି ଅଞ୍ଚଳରୁ ଗତ ଦୁଇମାସ ହେବ ଏକ ଠିକାସଂସ୍ଥା ବେଆଇନ ଭାବେ ଭାବେ ହାଇୱା ଯୋଗେ ଶହ ଶହ ଟ୍ରିପ୍ ମାଟି ଚୋରାଚାଲାଣ କରିଆସୁଥିଲା। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହେବା ସହିତ ତାଳଚେର ବିଜେପି ପକ୍ଷରୁ ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ତେବେ ଏସବୁ ଅଭିଯୋଗକୁ କେନ୍ଦ୍ରକରି ଖଣି ଉପନିର୍ଦ୍ଦେଶକଙ୍କ ସହ ଟିମ ଘଟଣାସ୍ଥଳକୁ ଯାଇ ସରଜମିନ୍ ତଦନ୍ତ କରିଥିଲେ। ତେବେ କଥା ଆସୁଛି, କୁଆଡ଼େ ଡିଡିଏମ ଏହି ମାଟି ଚାଲାଣ ପାଇଁ କୌଣସି ଅନୁମତି ଦେଇ ନଥିଲେ। ଏ ସମ୍ପର୍କରେ କମ୍ପାନୀକୁ ପଚାରିଲେ ସେ କୁହନ୍ତି, ଆମେ ତହସିଲ କାର୍ଯ୍ୟାଳୟରୁ ଅନୁମତି ନେବା ସହ ରୟାଲଟି ଦେଇ ମାଟି ସେଠାରୁ ଆଣୁଛୁ। କିନ୍ତୁ ଏଠାରେ ପ୍ରଶ୍ନଉଠେ ଗତ ୨ବର୍ଷ ହେଲା ତହସିଲ ବିଭାଗରୁ ମାଟି, ଖଣି କିମ୍ବା ଅନ୍ୟାନ୍ୟ ଖଣି ପାଇଁ ଅନୁମତି ଦେବାର ନିୟମ ନଥିବା ବେଳେ ମାତ୍ର କିପରି ଭାବେ ତହସିଲ କାର୍ଯ୍ୟାଳୟ ଏହାକୁ ସ୍ୱୀକୃତୀ ଦେଲା, ତାକୁ ନେଇ ଏବେ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଲିଙ୍ଗରାଜ ଜିଏମ୍ ୭ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବା ପରେ ଏହି ଘଟଣା କୁଆଡ଼େ ଗତିକରିବ ତାହା ଦେଖିବାକୁ ବାକି ରହିବ।

**● ସପ୍ତାହକ ମଧ୍ୟରେ ଉତ୍ତର ନଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ**

## ବାଇକ୍ ଜବତ, ଜଣେ ଗିରଫ

**ବଇଣ୍ଡା, ୨୬।୬(ସମିସ):** ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳରୁ ମଙ୍ଗଳବାର ସନ୍ଧ୍ୟାରେ ହଣ୍ଡପା ପୁଲିସ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ତାଙ୍କ ନାମ ସିଦ୍ଧାନ୍ତ ପ୍ରଧାନ ଓ ଘର ବୌଦ୍ଧ ଜିଲ୍ଲା ପୁରୁଣାକଟକ ଅଞ୍ଚଳରେ ବୋଲି ଜଣା ପଡିଛି। ତାଙ୍କ ନିକଟରୁ ତାଙ୍କ ବାଇକ (ଓଡି ୨୭ ଡି ୫୭୪୨) କୁ ଜବତ କରାଯାଇଛି। ସିଦ୍ଧାନ୍ତ ମଦ୍ୟପାନ କରି ବାଇକ ଚଳାଉଥିବା ବେଳେ ପୁଲିସ ତାଙ୍କୁ ଯାଞ୍ଚ କରି ଗିରଫ କରିଥିଲା। ଏ ନେଇ ନମ୍ବର ୨୦୯/୨୪ ରେ ଏକ ମାମଲା ରୁଜୁ କରିଛି।

## ଯୁବ ସଂଗଠନ ଡିୱାଇଓର ପ୍ରତିଷ୍ଠା ଦିବସ

**ଅନୁଗୋଳ, ୨୬।୬(ସମିସ):** ଭାରତବର୍ଷର କ୍ରାନ୍ତିକାରୀ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡିୱାଇଓର ୫୯ତମ ପ୍ରତିଷ୍ଠା ଦିବସ ଆଜି ଶିକ୍ଷକପଡ଼ାସ୍ଥ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୋଷାଧ୍ୟକ୍ଷ ମଳୟ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଜ୍ୟ ସଭାପତି ମାନସ ପାଳ ଯୋଗଦେଇ ସଂଗଠନର ପତାକାକୁ ଉତ୍ତୋଳନ କରିବା ପରେ ବିଭିନ୍ନ ଯୁବ ଆନ୍ଦୋଳନରେ ଶହୀଦମାନଙ୍କୁ ସମ୍ମାନ ପୂର୍ବକ ଶହୀଦ ବେଦୀରେ ମାଲ୍ୟଦାନ କରାଯାଇଥିଲା। ସଂଗଠନର ଜିଲ୍ଲା ସଭାପତି ନିରଞ୍ଜନ ନାୟକ ଆଲୋଚନା ମାଧ୍ୟମରେ ପ୍ରିତଷ୍ଠା ଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଜିର ଯୁବପିଢ଼ି ସଠିକ୍ ଭାବେ ସଚେତନ ଓ ସଂଗଠିତ ହେବା ସମ୍ପର୍କରେ ଆଲୋକପାତ କରିଥିଲେ। ଅତୀତର କ୍ରାନ୍ତିକ୍ରାରୀମାନଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ଗ୍ରହଣ କରି ସମାଜର ସମସ୍ତ ପ୍ରକାର ଶୋଷଣ, ନିର୍ଯ୍ୟାତନା, ଅବିଚାର, ଅତ୍ୟାଚାର, ଅନ୍ୟାୟ ବିରୁଦ୍ଧରେ ଯୁବ ସମାଜ ସ୍ୱର ଉତ୍ତୋଳନ କରିବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଗଠକ ଜ୍ୟୋତ୍ସ୍ନା ସାମଲ, ଭରତ ନାଏକ, ଦୁଃଖବନ୍ଧୁ ବେହେରା, ଲମ୍ବୋଦର ପଣ୍ଡା, ଆଶିଷ ସାହୁ ପ୍ରମୁଖ ସାମିଲ ଥିଲେ।

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା

**ଅନୁଗୋଳ, ୨୬।୬(ସମିସ):** ଅନୁଗୋଳ ଗସ୍ତରେ ଆସିଥିବା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି ଅନୁଗୋଳ ଜିଲ୍ଲା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା। ଜିଲ୍ଲା ଟ୍ରକ୍ ମାଲିକ ସଂଘ ଉପସଭାପତି ଅମରେଶ ଚନ୍ଦ୍ର ସ୍ୱାଇଁ ଓ କୋଷାଧ୍ୟକ୍ଷ ରଜତ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରାଜସ୍ୱ ମନ୍ତ୍ରୀଙ୍କୁ ଦେଖାକରି ସଂଘର ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଂଘର ଅଫିସ ପ୍ଲଟ୍ ଲିଜ୍ ପାଇଁ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଉପସ୍ଥିତ ଥିଲେ। ଆଗକୁ ଏହି ସମସ୍ୟାକୁ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ଜମି ଲିଜ୍ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କୁ ସଂଘ ତରଫରୁ ଧନ୍ୟବାଦ ଜଣାଯାଇଛି।

**■ ବର୍ଷେ ନପୂରୁଣୁ ତାଳଚେର ଅଞ୍ଚଳରେ ସିସି କ୍ୟାମେରା ଅଚଳ**

# ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କାହା ସ୍ୱାର୍ଥରେ



**ତାଳଚେର ସଦର, ୨୬।୬(ସମିସ):** ତାଳଚେରରେ ଚୋରି, ରାହାଯାନୀ, ଡ଼କାୟତ, କୋଇଲା ଚୋରି, ମାଟି, ବାଲି ଚୋରି, ବିଭିନ୍ନ ଅପରାଧିମାନଙ୍କ ଗତିବିଧି ଲକ୍ଷ୍ୟ ଓ ଟ୍ରାଫିକ ସମସ୍ୟାକୁ ଦୃଢ଼ିଭୂତ କରିବାକୁ ଜିଲ୍ଲା ଖଣିଜ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଏକ ଠିକାଦାରଙ୍କୁ ଉକ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଠିକାଦାର ପ୍ରାୟ ୫/୬ମାସ ଧରି ତାଳଚେର ରାଜବାଟୀ ଠାରୁ ଆରମ୍ଭକରି, ଫାଷ୍ଟଗେଟ୍, ବାଇପାସ୍, ହାଟତୋଟା, ଶର୍ମାଛକ, ହାଣ୍ଡିଧୂଆଁ, ଡ଼େରା, ପବିତ୍ରମୋହନ ଛକ ଦେଇ ବହ୍ଲର ଓ ବାଘୁଆବୋଲ ଦେଇ ଷ୍ଟେସନ ପର୍ଯ୍ୟନ୍ତ ଲଗାଯାଇଥିଲା। ତେବେ ସିସି କ୍ୟାମେରା ଲଗାଯିବାର ଏକବର୍ଷ ନପୂରୁଣୁ ପ୍ରାୟ ସିସି କ୍ୟାମେରା ଅଚଳ ହୋଇଥିବା କୁହାଯାଉଥିବା ବେଳେ ଆଉ କିଛି ସିସିଟିଭି ନାମକୁ ମାତ୍ର କାର୍ଯ୍ୟକ୍ଷମ ହେଉଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଯେଉଁସବୁ କାରଣ ନେଇ ଏହି କ୍ୟାମେରା ଖଞ୍ଜା ଯାଇଥିଲା ? ଲାଗିବା ଦିନ ଠାରୁ କେବଳ ହେଲମେଟ୍ ଲଗାଇ ନଥିବା ବାଇକ ଆରୋହୀଙ୍କ ଉପରେ ଜରିମନା କରାଉଥିବା ବେଳେ ଅନ୍ୟସବୁ କ୍ଷେତ୍ର ଗୁଡ଼ିକରେ ଏହି କ୍ୟାମେରା ଫେଲ ମାରିଥିବା କୁହାଯାଉଛି। ତେବେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ଏହି ସିସି କ୍ୟାମେରା ଖଞ୍ଜାଯିବା କାହା ସ୍ୱାର୍ଥରେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ନିରୋଧ ଦିବସ ପାଳିତ




**ଅନୁଗୋଳ, ୨୬।୬(ସମିସ):** ସାମାଜିକ ସଂଗଠନ ' ସ୍ପନ୍ଦନ', ଅନୁଗୋଳ ତରଫରୁ ଏବଂ ଜିଲ୍ଲା ପ୍ରଶାସନ (ସାମାଜିକ ସୁରକ୍ଷା ବିଭାଗ) ଅନୁଗୋଳ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ନିରୋଧ ଏବଂ ଚୋରାଚାଲାଣ ଦିବସ ୨୦୨୪ ବଣ୍ଡରପାଳ ବ୍ଲକ ଅନ୍ତର୍ଗତ ନାଲକୋ ନଗର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ସଭା ଗୃହଠାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ମହାପାତ୍ର, ଅଶ୍ୱତଥ ବୃକ୍ଷରେ ଜଳଦାନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଡ୍ରଗ୍ସ ଏବଂ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ଯଥା ଗଞ୍ଜେଇ, ବ୍ରାଉନ ସୁଗର, ହିରୋଇନ୍, ଭାଙ୍ଗ, ମଦ, କୋକେନ୍, ବିଭିନ୍ନ ପ୍ରକାର ଅବୈଧ ନିଶା ଔଷଧ, ପରମାନେଣ୍ଟ ମାର୍କର, ଡେଣ୍ଡ୍ରାଇଟ ଅଠା ଇତ୍ୟାଦିର ଅପବ୍ୟବହାର ଏକ ଚିନ୍ତା ଜନକ ଆହ୍ୱାନ ଭାବେ ଆଜି ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ନାଲକୋ ହାସପାତାଳର ବରିଷ୍ଠ ଚିକିତ୍ସା ଅଧିକାରୀ ଡାକ୍ତର ଚିନ୍ମୟ କୁମାର ବାରିକ , ଡକ୍ଟର ଶତ୍ରୁଘ୍ନ କୁମାର ବେହେରା, ଅଧ୍ୟକ୍ଷ ସରସ୍ୱତୀ ବିଦ୍ୟାମନ୍ଦିର, ନୀଳାଦ୍ରି ବିହାରୀ ନାୟକ, ଜିଲ୍ଲା ଉପ ଅଧିକ୍ଷକ ଅବକାରୀ ବିଭାଗ ପ୍ରମୁଖ ଯୋଗ ଦେଇ ନିଶା ଦ୍ରବ୍ୟ ବ୍ୟବହାର ବନ୍ଦକରିବା, ନିଶାଦ୍ରବ୍ୟ କେଉଁଠାରେ ଚୋରାରେ ବିକ୍ରି ହେଉଛି ନିକଟସ୍ଥ ପୁଲିସ ତଥା ଅବକାରୀ ବିଭାଗକୁ ଜଣାଇବା, ଜାତୀୟ ନିଶା ନିବାରଣ ସାହାଯ୍ୟ ଟୋଲ ଫ୍ରି ନମ୍ବର ୧୪୪୪୬ ସହିତ ଯୋଗାଯୋଗ କରିବା ଏବଂ ନିଶା ଅଭ୍ୟାସରେ ପୀଡ଼ିତ ବ୍ୟକ୍ତିଙ୍କୁ ଭଲ ବ୍ୟବହାର ସହିତ ନିକଟସ୍ଥ ନିଶା ନିବାରଣ କେନ୍ଦ୍ରରେ ପରାମର୍ଶ ଦ୍ୱାରା ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ଅଭ୍ୟାସକୁ ଦୂରେଇ ଦେଇପାରିବା ବୋଲି ଦର୍ଶାଇଥିଲେ। ସରସ୍ୱତୀ ବିଦ୍ୟାମନ୍ଦିରର ଉପ ଅଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ଅତିଥି ପରିଚୟ ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଭୁ ପ୍ରସାଦ ଶତପଥୀ, ନିଶା ଦ୍ରବ୍ୟ ବ୍ୟବହାର ନକରିବା ପାଇଁ ସମସ୍ତେ ଶପଥ ନେବା ସହିତ ନିଜ ଶରୀରକୁ ପରିଷ୍କାର ରଖିବା ସହିତ ନିୟମିତ ନକ କାଟିବା ଉପରେ ଗୁରୁତ୍ୱ ଦେବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଦିବସ ଉପଲକ୍ଷେ ଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୨୫ ଜଣ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

# ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ଜିଲ୍ଲା ଶାଖାର କର୍ମକର୍ତ୍ତା ଚୟନ



**ତାଳଚେର, ୨୬।୬(ସମିସ):** ଆଜି ଅନୁଗୋଳ ଜିଲ୍ଲା ତାଳଚେରସ୍ଥିତ ମଙ୍ଗଳମ ଠାରେ ରାଜ୍ୟ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ଅନୁଗୋଳ ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଗଠନର ରାଜ୍ୟ ସଭାପତି ରଞ୍ଜନ କୁମାର ମଲ୍ଲିକ, ରାଜ୍ୟ ସମ୍ପାଦକ ବିଚିତ୍ରାନନ୍ଦ ବିଶ୍ୱାଳ ଏବଂ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଓ ବିଜେପି ଅନୁଗୋଳ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଯୋଗ ଦେଇଥିଲେ। ଏହି ବୈଠକରେ ଶ୍ରୀ ବାରିକଙ୍କୁ ଜିଲ୍ଲା ଗୃହରକ୍ଷୀ ସଂଘର ମୁଖ୍ୟ ପରାମର୍ଶଦାତା ଭାବେ ଚୟନ କରାଯାଇଛି। ପ୍ରଭାତିନି ଆଚାର୍ଯ୍ୟଙ୍କୁ ଆଇନ ପରାମର୍ଶଦାତା ଓ ସାମ୍ବାଦିକ ଚିତ୍ତରଞ୍ଜନ ପାଣିଙ୍କୁ ଅନ୍ୟତମ ପରାମର୍ଶଦାତା ଭାବେ ଚୟନ କରାଯାଇଛି। ଅନୁଗୋଳ ଜିଲ୍ଲା ଗୃହରକ୍ଷୀ ମହାସଂଘର ସଭାପତି ଭାବରେ ମାମି ବେହେରା, ଉପସଭାପତି ନିତ୍ୟାନନ୍ଦ ଗଡନୟକ ଓ ବିରେନ ମହାପାତ୍ର, ସମ୍ପାଦକ ଦିଲ୍ଲୀପ କୁମାର ବେହେରା, ସହ ସମ୍ପାଦକ ସରୋଜ ବାରିକ, କାର୍ଯ୍ୟକାରୀ ସଭାପତି ପ୍ରଭାତ ସାହୁ, କୋଷାଧ୍ୟକ୍ଷ ସୌଭାଗ୍ୟ ସାମଲ ଓ ବି ଶ୍ରୀକାନ୍ତ ରାଓ, ଉପ କୋଷାଧ୍ୟକ୍ଷ ଭାବରେ କୁଷଧ୍ୱଜ ପ୍ରଧାନ ଓ ଅମିତ ସାହୁଙ୍କୁ ଚୟନ କରାଯାଇଥିଲା। ଜିଲ୍ଲାର ହୋମଗାର୍ଡ ଭାଇଭଉଣୀମାନେ ମହାସଂଘର କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ଉପସ୍ଥିତ ସଦସ୍ୟମାନେ ସମସ୍ତ ହୋମଗାର୍ଡ ଭାଇଭଉଣୀମାନଙ୍କ ଦରମା ବୃଦ୍ଧି ଏବଂ ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ମୁଖ୍ୟ ପରାମର୍ଶଦାତା ଶ୍ରୀ ବାରିକଙ୍କୁ ଅନୁରୋଧ କରିଥିଲେ। ରାଜ୍ୟରେ କାର୍ଯ୍ୟରତ ୧୭୦୦୦ ହୋମଗାର୍ଡଙ୍କ ବିଭିନ୍ନ ଦାବିକୁ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଶ୍ରୀ ବାରିକ ପ୍ରକାଶ କରିଥିଲେ।

# ବେସରକାରୀ ଜମିରେ ଶ୍ରେଣୀ ଗୃହ ନିର୍ମାଣ ଅଭିଯୋଗ

**ବଇଣ୍ଡା, ୨୬।୬(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଞ୍ଚାୟତ ପେଡ଼ିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଏକ ବେସରକାରୀ ଜମିରେ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଜମି ମାଲିକ ପେଡ଼ିପଥର ଗ୍ରାମର ଭାଗୀରଥି ସାହୁ ମଙ୍ଗଳବାର ଅନୁଗୋଳ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ତାଙ୍କ ପୈତୃକ ସମ୍ପତ୍ତି ଖାତା ନମ୍ବର ୫ ପ୍ଲଟ ନମ୍ବର ୧୩୭/୧୩୮/୧୩୯ ନମ୍ବରରେ ଥିବା ବେସରକାରୀ ଜମିରେ ସ୍କୁଲ ଗୃହ ନିର୍ମାଣ କରାଯାଉଛି। ଏହି ଘର ବର୍ଷେ ପୂର୍ବରୁ ନିର୍ମାଣ ହେଉଥିବା ବେଳେ ଯେତେ ଅଭିଯୋଗ କଲେ ମଧ୍ୟ ଜୋର ଜବରଦସ୍ତ ଏହି ସ୍କୁଲ ଗୃହ ନିର୍ମାଣ କରାଯାଉଛି। ପୂର୍ବରୁ ମଧ୍ୟ ଏ ନେଇ ଜିଲ୍ଲାପାଳ, ବ୍ଲକ ଶିକ୍ଷା ଅଧିକାରୀ, ଆଠମଲ୍ଲିକ ତହସିଲଦାରଙ୍କ ଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏକ ବେସରକାରୀ ଜମିରେ ଜବରଦସ୍ତ ଭାବରେ ଏହି ସ୍କୁଲ ଗୃହ ନିର୍ମାଣ କରାଯାଉଥିବା ବେଳେ ଭାଗିରଥିଙ୍କ ପରିବାର ଚିନ୍ତିତ ଅବସ୍ଥାରେ ଅଛନ୍ତି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଭାଗିରଥି ତାଙ୍କ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି।

# କଲେଜ ସମସ୍ୟା ନେଇ ବିଧାୟକଙ୍କ ସହ ଆଲୋଚନା

**ବଇଣ୍ଡା, ୨୬।୬(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଥିବା ଜନତା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ତୁରୁଡ଼ା ଗ୍ରାମରେ ମହାବିଦ୍ୟାଳୟ ପକ୍ଷରୁ ବିଧାୟକଙ୍କ ସହ ଆଲୋଚନା କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ, ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ରବି ନାରାୟଣ ବେହେରା ପ୍ରମୁଖ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କୁ ଭେଟି ପ୍ରଥମେ ଶୁଭେଚ୍ଛା ଜଣାଇବା ସହ ମହାବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବଇଣ୍ଡା କଲେଜର ଯାହା ସମସ୍ୟା ରହିଛି, ତାହା ଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ କିଭଳି ଛାତ୍ରୀ ଛାତ୍ରମାନେ ଭଲ ପାଠପଢି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ, ସେ ସମ୍ପର୍କରେ ଅଧିକ ଗୁରୁତ୍ୱଦେବାକୁ ବିଧାୟକ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ।

**■ 'ଶିଶୁଙ୍କ ପାଇଁ ଦିନଟିଏ' ସମୀକ୍ଷା ବୈଠକ**

# ଜିଲ୍ଲାରେ ୧୮୪ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା

**ଅନୁଗୋଳ, ୨୬।୬(ସମିସ):** 'ଶିଶୁଙ୍କ ପାଇଁ ଦିନଟିଏ' ଶୀର୍ଷକ ଏକ ସମୀକ୍ଷା ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗ ଦେଇ ଶିଶୁଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ବୈଠକରେ ଜୁଭେନାଇଲ ଅନ୍ତେବାସୀଙ୍କୁ ଦିଆଯାଉଥିବା ସୁବିଧା, ପୋଷ୍ୟ ସନ୍ତାନ ଗ୍ରହଣ, ବିଜୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା, ଆଶୀର୍ବାଦ ଯୋଜନା, ବେଟି ବଚାଓ ବେଟି ପଢାଓ ଯୋଜନା, ବିଜୁ କନ୍ୟା ରତ୍ନ ଯୋଜନା, ଉଜ୍ଜ୍ୱଳ ବାଳାଶ୍ରମ, ଶିଶୁଶ୍ରମିକ ରୋକିବା, ବାଲ୍ୟ ବିବାହ ଇତ୍ୟାଦି ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ୧୮୪ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ହିସାବରେ ଘୋଷଣା କରାଗଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକଙ୍କ ସମେତ ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ଶିଶୁ ମଙ୍ଗଳ କମିଟିର ସଦସ୍ୟ, ପୁଲିସ ଅଧିକାରୀ ଓ ଶ୍ରମ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଶୈଳ ଶ୍ରୀକ୍ଷେତ୍ରରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

**ଅନୁଗୋଳ, ୨୬।୬(ସମିସ)**



ଆସନ୍ତା ମାସ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜିଉମାନଙ୍କର ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅଦାଲ୍ ଏମ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆଜି ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୭ ତାରିଖଠାରୁ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଗୁଣ୍ଡିଚା ଯାତ୍ରା ଓ ୧୫ ତାରିଖରେ ହେବାକୁ ଥିବା ବାହୁଡ଼ା ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ପ୍ରାରମ୍ଭରେ ମନ୍ଦିର ପରାଚାଳନା କମିଟିର ସମ୍ପାଦକ ହେମନ୍ତ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଚଳିତ ବର୍ଷର ରଥଯାତ୍ରାକୁ ସୂଚାରୁରୂପେ ପରିଚାଳନା କରିବା ନିମନ୍ତେ ସହଯୋଗ କାମନା କରିଥିଲେ। ରଥଯାତ୍ରାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସେଗୁଡିକର ସମାଧାନ ନିମନ୍ତେ ଅନୁରୋଧ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନିରାପତ୍ତା ପ୍ରମାଣ ପତ୍ର ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅନୁଗୋଳ ଉପଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ରଥ ଚାଲୁଥିବା ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଖାଲଖମା ସମେତ ଅନ୍ୟାନ୍ୟ ସମସ୍ୟା ଦୂରକରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଟ୍ରାଫିକ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଅନୁଗୋଳ ଉଚ୍ଚବିଦ୍ୟାଳୟ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ମରାମତି, ଶୁଖୁଲା ଗଛ ଡାଳ କାଟିବା, ଅସ୍ଥାୟୀ ଦୋକାନଗୁଡିକର ସ୍ଥାନାନ୍ତର ଇତ୍ୟାଦି କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ଭ୍ରାମ୍ୟମାଣ ଗାଡ଼ି ସାହାଯ୍ୟରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା, ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ, ଆଲୋକ ବ୍ୟବସ୍ଥା ତଥା ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାରନାୟକ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ପରମାନନ୍ଦ ମିଶ୍ର, ଭବାନୀ ପ୍ରସାଦ ମିଶ୍ର, ଭକ୍ତି ପ୍ରସାଦ ଦାସ, ଶ୍ରୀଆନନ୍ଦ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ତଥା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

**● ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ପରାମର୍ଶ**



ସୂର୍ଯ୍ୟ ଦେଓ

ଓଡ଼ିଆ ସିନେମା

# ଶାସ୍ତ୍ରୀୟ ସଙ୍ଗୀତର ଛିଟା

ପ୍ରେମ ଓ ପ୍ରଣୟ, ମିଳନ ଓ ଅଭିସାର, ବିରହ ଓ ବିଚ୍ଛେଦ ସିନେଗୀତର ବୈଦ୍ୟୁତିକ ଛିଟାରେ ଶାସ୍ତ୍ରୀୟ ଓଡ଼ିଶୀର ଛିଟା, ରାଗ ଓ ତାଳର ପ୍ରୟୋଗ ଓଡ଼ିଆ ସିନେ ଗୀତିଧାରାକୁ ଏକ ଭିନ୍ନ ନିୟାମକ ଦେଇଛି । ଉଦାହରଣଟିଏ ନିଆଯାଉ । ୧୯୬୦ ମସିହାରେ ରିଲିଜ୍ ହୁଏ ରୂପରାଗ ପ୍ରାଇଭେଟ୍ ଲିମିଟେଡ୍‌ର 'ଶ୍ରୀଲୋକନାଥ' । ସଂଗୀତକାର ଥିଲେ ବାଳକୃଷ୍ଣ ଦାଶ । ଏହି ସିନେମାର ଯେଉଁ ଗୀତଟି ବହୁ ଚର୍ଚ୍ଚିତ ଓ ଲୋକପ୍ରିୟ ଥିଲା, ତାହା ହେଉଛି 'ଫୁଲ ରସିଆରେ ମନ ମୋର ଛୁଇଁ ଛୁଇଁ ଯା ଯା...' । ଲୋକପ୍ରିୟତାର କାରଣ ହେଉଛି, ଏହାର ତାଳର ଛନ୍ଦ ପ୍ରକରଣ । ତ୍ରିପଟା ଛନ୍ଦରେ ୩।୨।୩ରେ, ଏହି ଗୀତରେ ତାଳ ଯୋଖିଥିଲେ ବାଳକୃଷ୍ଣ ଦାଶ । ଗୀତରେ ଓଡ଼ିଶୀର ଲଚକ୍ ଥିଲା । ଓଡ଼ିଶାର ଲଚକ୍ ଓ ତ୍ରିପଟାକୁ ଛନ୍ଦି ଦେବା ପାଇଁ ଗୀତରେ ଯୋଖା ଯାଇଥିଲା ଦୁଇଟି 'ଯା' ।



'ଫୁଲ ରସିଆରେ ମନ ମୋର ଛୁଇଁ ଛୁଇଁ ଯା, ତୋ ଲାଗି ବିକଶି ରହିଛି ଅନାଇ ଗୁଞ୍ଜନ ଦେଇ ଯା ।' ଏବେ ଗୋଟିଏ ଯା'କୁ କାଟି ଦେଇ ଗୀତଟି ପଢ଼ିଲା ବେଳକୁ କେମିତି ଅଖାଡୁଆ ଅଖାଡୁଆ ଲାଗୁଛି । ଏହି ଶୃଙ୍ଗାରରେ 'ଯା'ଟିକୁ ଯୋଡ଼ି ଦେଇ ବାଳକୃଷ୍ଣ ଦାଶ ଯେଉଁ ଓଡ଼ିଶୀ ଆଲିଙ୍ଗନକୁ ସିନେଗୀତରେ ରଚିଦେଲେ ଏବଂ ସନ୍ଧ୍ୟା ମୁଖାର୍ଜୀ ଗାଇଲେ, ତାହା ହିଁ ଥିଲା ଓଡ଼ିଆ ସିନେ ଗୀତି ବିନ୍ୟାସର ପ୍ରଥମ ପରୀକ୍ଷାନିରୀକ୍ଷା । ଏହି ପରୀକ୍ଷାକୁ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ କେମିତି ଆହୁରି ଆଗେଇ ନେଇଛନ୍ତି ଦେଖନ୍ତୁ । 'ସାଧନା' (୧୯୬୪) ରେ ପ୍ରଣବ ପଟ୍ଟନାୟକ ଗାଇଥିବା 'ନୟନେ ସୁନୟନାରେ' ଗୀତରେ ସେ ଛନ୍ଦିଛନ୍ତି 'କଲ୍ୟାଣ' ରାଗ । ଏହି ରାଗର ଆରୋହ ଓ ଅବରୋହରେ ସାତ ସ୍ୱରର ପ୍ରୟୋଗ ହୁଏ । ଗାୟନ, ବାଦନ ସମୟ ହେଉଛି ରାତ୍ରିର ପ୍ରଥମ ପ୍ରହର । ବାଦୀ ସ୍ୱର ହେଉଛି ଗାନ୍ଧାର, ସମ୍ବାଦୀ ସ୍ୱର ନିଷାଦ । 'କଲ୍ୟାଣ' ରାଗର ଛାୟାରେ ବାଳକୃଷ୍ଣ ଦାଶ ରଚିଥିବା ଆଉ କିଛି ଗୀତକୁ ନିରେଖିଲେ ଜଣାଯିବ, ଗୋଟିଏ ରାଗର ଛାୟାରେ କେମିତି ବିବିଧ ଭାବକୁ ଭିନ୍ନ ଭିନ୍ନ ଶୈଳୀରେ ସଂଯୋଜନା କରାଯାଇପାରେ । ଆଉ ଦୁଇଟି ଗୀତ ଧରାଯାଉ । ଅକ୍ଷୟ ମହାନ୍ତି ଓ ନିର୍ମଳା ମିଶ୍ରଙ୍କ ଗାଇଥିବା 'ଅଦିନ ମେଘ'(୧୯୭୦) ର 'ଏଇ ଭରା ଜହ୍ନରାତି' ଏବଂ ସିକନ୍ଦର ଆଲାମ ଓ ସିପ୍ରା ବୋଷ ଗାଇଥିବା 'ମାଣିକଯୋଡ଼ି' (୧୯୬୩) ର 'ଆଖିଭୁଲା ଏ ସୁଆଗ ଆଉ କହ କାହିଁକି' ଗୀତସବୁ ସେହି 'କଲ୍ୟାଣ' ରାଗର ଛାୟାରେ ଛନ୍ଦା ଯାଇଛି । କିନ୍ତୁ ଶୁଣନ୍ତୁ ତ ତିନିଟି ଗୀତର ଆବେଗ କେମିତି ଭିନ୍ନ ଭିନ୍ନ । ପ୍ରେମ ଓ ପ୍ରଣୟର ଗୀତିରେ ବାଳକୃଷ୍ଣ ଦାଶ ଯେମିତି ଓଡ଼ିଶୀ ଶାସ୍ତ୍ରୀୟ ଛିଟା ଛାଟିଛନ୍ତି, ବିରହ ଓ ବିଷାଦର ଗୀତକୁ ମଧ୍ୟ ସେହି ଶୈଳୀରେ ଛନ୍ଦିଛନ୍ତି । ସେ ନିଜେ ଗାଇଥିବା 'ଅଦିନ ମେଘ'ର 'ଜୀବନେ ସପନ ଯେତେ ସବୁ ସତ ହୁଏନା' ଗୀତକୁ ଆପଣ ଯେତେଥର ଶୁଣିବେ ସେତେଥର ବିଷାଦର ରେଖାଟିଏ ଆପଣଙ୍କ ଛାତିକୁ ଚିରିଚିରି ଦେବ । ଆଉ ଏହାର କାରଣ ହେଉଛି ରାଗ 'ପିଲୁ'ର ପ୍ରୟୋଗ । 'କାଫି' ମେଳ ପର୍ଯ୍ୟାୟର ଏହି ରାଗର ଜାତି ହେଉଛି 'ଔଡ଼ବ-ସମ୍ପୂର୍ଣ୍ଣ' । ବାଦୀ ସ୍ୱର 'ଗା', ସମ୍ବାଦୀ ସ୍ୱର 'ନି' । ଗାୟନ ସମୟ ସନ୍ଧ୍ୟା । 'ପିଲୁ' ରାଗର ଛାୟାରେ 'ଜୀବନେ ସପନ ଯେତେ' ଗୀତ ଅନ୍ତରାରେ ମୂଳ ବ୍ୟାକରଣକୁ ଟିକେ ଏପାଖସେପାଖ କରାଯାଇଛି ଏବଂ ଏହି ପରୀକ୍ଷା ହେତୁରୁ ହିଁ ଗୀତିଟି ସବୁଦିନ ଅଲିଭା ହୋଇ ରହିଛି । ଯେତେଥର ଶୁଣିଲେ ବି ନୂଆ ପରି ଲାଗିଛି । ସେମିତି 'ଅଦିନ ମେଘ' ସିନେମାରେ ବାଳକୃଷ୍ଣଙ୍କ ସଂଯୋଜିତ ଏବଂ ନିର୍ମଳା ମିଶ୍ରଙ୍କ ଗାୟନର 'ଜୋଛନା ଲୁଚନା ଦୂର ନୀଳ ଗଗନେ' ଗୀତକୁ ଆପଣ ଯେତେଥର ଶୁଣିବେ ସନ୍ଧ୍ୟାର ଛୁଆଁଟିଏ ଆପଣଙ୍କୁ ଛୁଇଁଛୁଇଁ ଯିବ । ଆଶ୍ଚର୍ଯ୍ୟ ଏହା ଯେ, ଏହି ଗୀତ 'ଶଙ୍କରାଭରଣ' ରାଗର ଛାୟାରେ ସଂଯୋଜିତ ଏବଂ ଏହି ରାଗର ଗାୟନ ସମୟ ହେଉଛି ଦିନର ଦ୍ୱିତୀୟ ପ୍ରହର । 'ସମ୍ପୂର୍ଣ୍ଣ-ସମ୍ପୂର୍ଣ୍ଣ' ଜାତିର ଏହି ରାଗର ମେଳ ହେଉଛି 'ଶଙ୍କରାଭରଣ' । ଏହି ଉଦାହରଣରୁ ଆପଣ ଉପଲବ୍ଧି କରିପାରିବେ ରାଗର ବ୍ୟାକରଣର ଛାୟାରେ କେମିତି ଚମତ୍କାରୀ ଭାବର ସମ୍ପ୍ରସାରଣ କରାଯାଇପାରେ ଏବଂ ପରିବର୍ତ୍ତିତ ହୋଇପାରେ ସମୟ । ଯେହେତୁ ସମୟର ଖଣ୍ଡଠାରୁ ଆହୁରି ଉର୍ଦ୍ଧ୍ୱରେ ଅଛି ବାଳକୃଷ୍ଣଙ୍କ ପରୀକ୍ଷାର ସଂଗୀତ, ଏଣୁ ସେହି ସଂଗୀତର ଅଭିସାର ନୀରାଜନା ଏବେ ମଧ୍ୟ ଚାଲିଛି । ■

# ତପସ୍ୟାର ଚକ୍ରାନ୍ତ



ତରଙ୍ଗର ଲୋକପ୍ରିୟ ଧାରାବାହିକ 'ତୁ ମୋ ଆଖିର ତାରା'ର କାହାଣୀ ଏବେ ଭିନ୍ନ ମୋଡ଼ରେ ପହଞ୍ଚିଛି । ଗୋଟେ ପଟେ ତପସ୍ୟା ସହିତ ତରୁଣର ହଳଦି କାର୍ଯ୍ୟକ୍ରମ ଚାଲିଛି । ଅନ୍ୟପଟେ ବବ୍‌ଲିର ରିଷି ସହ ହଳଦି ଉତ୍ସବ ଆୟୋଜନ ହୋଇଛି । ଏହାରି ଭିତରେ ତପସ୍ୟା ଜାଣିଜାଣି ବବ୍‌ଲିକୁ ତରୁଣଠାରୁ ଦୂରେଇବା ପାଇଁ ସବୁପ୍ରକାର ଷଡ଼ଯନ୍ତ୍ର କରି ଚାଲିଛି । ଏପରିକି ବବ୍‌ଲି ଯେ ତାରା ଏହି ସତ କଥାଠାରୁ ସମସ୍ତଙ୍କୁ ଦୂରେଇ ରଖିଛି । ଯଦିଓ ତରୁଣର ଖୁଡ଼ୀ ଏକଥା ଜାଣିବା ପରେ ସତ ସାମ୍ନାକୁ ଆଣିବାକୁ ଚେଷ୍ଟା କରିଥିଲେ, ତଥାପି ତପସ୍ୟା ତାଙ୍କୁ ନିଜ ବାଟରେ ଆସିବାକୁ ଦେଲା ନାହିଁ । ତରୁଣଙ୍କ ଖୁଡ଼ୀ ଗୋଟେ ପଟେ ଅସୁସ୍ଥ ହୋଇ ଶଯ୍ୟାରେ ଅଛନ୍ତି । ଏହାରି ଭିତରେ ତପସ୍ୟା ଷଡ଼ଯନ୍ତ୍ର କରି ତରୁଣକୁ ବାହା ହେବାକୁ ଚାହିଁଛି । କିନ୍ତୁ ହଳଦି କାର୍ଯ୍ୟକ୍ରମରେ ଅଚାନକ ତରୁଣଙ୍କ ଖୁଡ଼ୀ ଆସି ପହଞ୍ଚିବାରୁ କାଳେ ତା' ଚକ୍ରାନ୍ତ ଧରାପଡ଼ିଯିବ, ତପସ୍ୟା ଭୟ କରିଛି । ତେବେ ତରୁଣର ଖୁଡ଼ୀ ତପସ୍ୟାର ମିଛ ସମସ୍ତଙ୍କ ସାମ୍ନାକୁ ଆଣୁଛନ୍ତି ନା ନାହିଁ, ତାହା ଆଗକୁ ଜଣାପଡ଼ିବ । ■

# ବିବାହ ବିଚ୍ଛେଦ

ତାରକାମାନଙ୍କର ପ୍ରେମ ସମ୍ପର୍କ ତଥା ସେମାନଙ୍କ ବିବାହ ବିଚ୍ଛେଦ ସବୁବେଳେ ସେମାନଙ୍କୁ ଚର୍ଚ୍ଚାରେ ରଖିଥାଏ । ଏହି କ୍ରମରେ ସାଉଥ୍ ଫିଲ୍ମ ଉଦ୍ୟୋଗର କିଛି ଲୋକପ୍ରିୟ ତାରକା ଏମିତି ଅଛନ୍ତି, ଯେଉଁମାନଙ୍କ ବିବାହ ୨-୩ ବର୍ଷରୁ ଅଧିକ ସମୟ ତିଷ୍ଠି ନାହିଁ । ସେହିପରି ଅଚାନକ ସେମାନେ ନିଜ ବିବାହ ବିଚ୍ଛେଦ ଘଟଣାକୁ ସାମ୍ନାକୁ ଆଣି ସମସ୍ତଙ୍କୁ ଚକିତ କରିଥାନ୍ତି ।

## ସାମନ୍ଥା-ନାଗା



ସାଉଥ୍ ସିନେ ଦୁନିଆରେ ବେଶ୍ ହଇଚଇ ସୃଷ୍ଟି କରିଥିଲା ସାମନ୍ଥା ଏବଂ ନାଗା ଚୈତନ୍ୟଙ୍କ ବିବାହ ବିଚ୍ଛେଦ । ଯଦିଓ ସେମାନଙ୍କ ଯୋଡ଼ିକୁ ଦର୍ଶକେ ପସନ୍ଦ କରୁଥିଲେ, ତଥାପି ସେମାନଙ୍କ ବିବାହ କେବଳ ଚାରି ବର୍ଷ ପାଇଁ ତିଷ୍ଠି ଥିଲା । ହଠାତ୍ ସେମାନଙ୍କ ସମ୍ପର୍କରେ କ'ଣ ଘଟିଲା ଯେ, ସେମାନେ ପରସ୍ପରଠାରୁ ଅଲଗା ହେଲେ, ତାହା ଏଯାଏଁ ଅସ୍ପଷ୍ଟ ଅଛି । ସେହିପରି ସେମାନଙ୍କ ଛାଡ଼ପତ୍ର ବିବାଦ ମାସ ମାସ ଧରି ଖବରର ଶିରୋନାମା ପାଲଟିଥିଲା । ■

## ଧନୁଷ - ଐଶ୍ୱର୍ଯ୍ୟା





ଲୋକପ୍ରିୟ ଅଭିନେତା ଧନୁଷ ଏବଂ ଐଶ୍ୱର୍ଯ୍ୟା ରଜନୀକାନ୍ତ ୨୦୨୨ ମସିହାରେ ଛାଡ଼ପତ୍ର କଥା ଘୋଷଣା କରିଥିଲେ । ଦୁହେଁ ବିବାହର ୧୮ ବର୍ଷ ପରେ ପରସ୍ପରଠାରୁ ଅଲଗା ହୋଇଛନ୍ତି । ଏହି ଦୁଇ ପ୍ରତିଷ୍ଠିତ ଯୋଡ଼ିଙ୍କ ସମ୍ପର୍କ ମଧ୍ୟ ମାସ ମାସ ଧରି ଚର୍ଚ୍ଚାରେ ଥିଲା । ■

## କମଲ- ସାରିକା





ସୁପରଷ୍ଟାର କମଲ ହାସନ ଏବଂ ସାରିକା ୧୯୯୮ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ମାତ୍ର ବିବାହର ଦୁଇବର୍ଷ ପରେ ସେମାନଙ୍କ ବୈବାହିକ ଜୀବନରେ ସମସ୍ୟା ଦେଖା ଦେଇଥିଲା । ୭ ବର୍ଷ ପରେ ସେମାନେ ପରସ୍ପରଠାରୁ ଅଲଗା ହୋଇଥିଲେ । ■

## ନିହାରୀକା-ଚୈତନ୍ୟ



ନିହାରୀକା କୋନିଡେଲା ଏବଂ ଚୈତନ୍ୟ ଜେଭିଙ୍କ ବିବାହ ମଧ୍ୟ ୨-୩ ବର୍ଷରୁ ଅଧିକ ସମୟ ତିଷ୍ଠି ପାରି ନ ଥିଲା । ଦୁହେଁ ୨୦୨୩ରେ ପରସ୍ପରଠାରୁ ଅଲଗା ହେବା କଥା ଘୋଷଣା କରିଥିଲେ । ତେବେ ବୈବାହିକ ଜୀବନ ସୁଖମୟ ନ ହେବାରୁ ବର୍ଷକ ମଧ୍ୟରେ ସେମାନଙ୍କ ବିବାଦ ସାମ୍ନାକୁ ଆସିଥିଲା । ■

## ଅମଲା- କେଏଲ୍ ବିଜୟ



ଅମଲା ପଲ୍‌ଙ୍କ ଛାଡ଼ପତ୍ର ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ୨୦୧୪ରେ ସେ ତାମିଲ ଫିଲ୍ମ ନିର୍ମାତା କେଏଲ୍ ବିଜୟଙ୍କୁ ବିବାହ କରିଥିଲେ । କିନ୍ତୁ ସେମାନଙ୍କ ବିବାହ ଦୁଇ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ଥିଲା । ସେ ସମୟରେ ଏହା ଖବରର ଶିରୋନାମା ପାଲଟିଥିଲା । କୁହାଯାଏ କି ବିବାହ ପରେ ଅମଲା ଫିଲ୍ମରେ ସକ୍ରିୟ ରହିବାରୁ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ■

# ଜିତେନ୍ଦ୍ରଙ୍କ ପାଦ ଛୁଇଁଲେ ରାଜକୁମାର

ବଲିଉଡ୍ ଅଭିନେତା ରାଜକୁମାର ରାଓଙ୍କ ଅଭିନୀତ 'ଶ୍ରୀକାନ୍ତ' ଫିଲ୍ମକୁ ଦର୍ଶକୀୟ ଆଦୃତି ମିଳିଛି । ବକ୍ସ ଅଫିସ୍‌ରେ ଏହି ସିନେମାଟି ୬୨.୯୨ କୋଟି ଟଙ୍କା ଆୟ କରିଛି । ତେବେ କିଛିଦିନ ତଳେ ସିନେମାର ସଫଳତାକୁ ନେଇ ମୁମ୍ବାଇରେ ପାର୍ଟି ଆୟୋଜନ କରିଥିଲେ ଏହାର ନିର୍ମାତା । ଏଥିରେ ହିନ୍ଦୀ ସିନେମାର ବହୁ ବରିଷ୍ଠ କଳାକାର ଯୋଗ ଦେଇଥିଲେ । ସେହିପରି ପାର୍ଟିରେ ସାମିଲ ହୋଇଥିଲେ ବର୍ଷିୟାନ ଅଭିନେତା ଜିତେନ୍ଦ୍ର । ଏହି କାର୍ଯ୍ୟକ୍ରମରେ ରାଜକୁମାର ଜିତେନ୍ଦ୍ରଙ୍କ ପାଦଛୁଇଁ ପ୍ରଣାମ କରି ତାଙ୍କଠାରୁ ଆଶୀର୍ବାଦ ନେଇଥିବା ଦେଖାଯାଇଛି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି । ଯାହାକୁ ଲୋକମାନେ ବେଶ୍ ପ୍ରଶଂସା କରିଛନ୍ତି । ରାଜକୁମାରଙ୍କ ଏହି କାର୍ଯ୍ୟ ତାଙ୍କ ସଂସ୍କାରକୁ ପ୍ରତିଫଳିତ କରିଛି । ଅନ୍ୟପଟେ ଏହି ସିନେମାରେ ରାଜକୁମାର ଦୃଷ୍ଟିହୀନ ଉଦ୍ୟୋଗପତି ଶ୍ରୀକାନ୍ତ ବୋଲା ଚରିତ୍ରରେ ଅଭିନୟ କରିଛନ୍ତି । ସ୍ୱପ୍ନ ପୂରଣ ଦିଗରେ ଦୃଷ୍ଟିହୀନତା କିଭଳି ବାଧକ ସାଜି ନ ଥିବା, ଏହି ଚରିତ୍ର ମାଧ୍ୟମରେ ଦେଖିବାକୁ ମିଳିଛି । ■



# 'ସୁଟିଂ ଶେଷ ପରେ ବେବି ପ୍ଲାନିଂ କରିବି' : କ୍ୟାଟ୍ରିନା



ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଏବେ ଫିଲ୍ମକୁ ନେଇ ଯେତିକି ଚର୍ଚ୍ଚାରେ ନାହାନ୍ତି, ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଖୁବ୍ ଚର୍ଚ୍ଚା ସାଉଁଟୁଛନ୍ତି । ଅଭିନେତା ଭିକି କୌଶଲଙ୍କ ସହ ତାଙ୍କ ବିବାହକୁ ତିନିବର୍ଷ ପୂରିଥିବା ବେଳେ ସେ ମା' ହେବା ନେଇ ଚର୍ଚ୍ଚା ହେଉଛି । ଏପରିକି ବିଭିନ୍ନ ସମୟରେ ଦୁହିଁଙ୍କୁ ଏକାଠି ଦେଖି ଅନୁମାନ କରାଯାଏ ଯେ, କ୍ୟାଟ୍ରିନା ଗର୍ଭବତୀ ଅଛନ୍ତି । ହେଲେ ଏହି ପ୍ରସଙ୍ଗରେ ଏବେ କ୍ୟାଟ୍ରିନା ମୁହଁ ଖୋଲିଛନ୍ତି । ସେ ସମସ୍ତ ମିଡିଆକୁ ଅନୁରୋଧ କରି କହିଛନ୍ତି, 'ଦୟାପୂର୍ବକ ମିଛ ତଥା ଗୁଜବ ଖବର ପ୍ରଚାର ପ୍ରସାର ବନ୍ଦ କରନ୍ତୁ ।' ସେ ଏକଥା ବି କହିଛନ୍ତି 'ଜି ଲେ ଜରା' ଫିଲ୍ମର ସୁଟିଂ ଶେଷ ପରେ ସେ ତାଙ୍କର ପ୍ରଥମ ବେବି ପ୍ଲାନ୍ କଥା ଚିନ୍ତା କରିବେ । ତେବେ କ୍ୟାଟ୍ରିନାଙ୍କ ଏହି ସ୍ପଷ୍ଟୀକରଣ ପରେ ଗୋଟିଏ ପଟେ ଏହି ଖବରକୁ ନେଇ ଯେଉଁ ତଥ୍ୟ ବିଭିନ୍ନ ସମୟରେ ଆସୁଥିଲା, ତାହା ଦୂର ହୋଇଛି । ■

# 'କାନତରାଟି'ରେ ସିରିଏଲ୍ କିଲର୍ କାହଣୀ



ଏସ୍‌ଏମ୍ ଏଣ୍ଟରଟେନମେଣ୍ଟ ଓ ଆମର ଷ୍ଟୁଡିଓଜର ପ୍ରଥମ ନୂଆ ଓଡ଼ିଆ ସିନେମା 'କାନତରାଟି': ଦ କଣ୍ଟ୍ରାକ୍ଟର' ଶୀର୍ଷକ ନିକଟରେ ଘୋଷଣା ହୋଇଛି । ସିନେମାର ନିର୍ଦ୍ଦେଶନାରେ ରମେଶ ରାଉତ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଶ୍ରାବଣୀ ପଟ୍ଟନାୟକ । ସିନେମାର ଦିଗ୍‌ଦର୍ଶକ ଭାବେ ଅଛନ୍ତି ଜଗନ୍ନାଥ ପଟ୍ଟନାୟକ । ସାଇକୋଥ୍ରିଲର୍‌ଧର୍ମୀ ଏହି ସିନେମାରେ ଜଣେ ସିରିଏଲ୍ କିଲର୍‌ର କାହାଣୀ ଦେଖିବାକୁ ମିଳିବ । ଫିଲ୍ମର ସଂଳାପରେ ନିଶାନ୍ତ ମଜିଠିଆ ଥିବା ବେଳେ ଏହାର କାହାଣୀ ଲେଖିଛନ୍ତି ନିଜେ ରମେଶ ରାଉତ । ସଙ୍ଗୀତ ନିର୍ଦ୍ଦେଶନାରେ ଅଭିଜିତ୍ ମଜୁମଦାର ଅଛନ୍ତି । ଏଥିରେ ଅଭିନେତ୍ରୀ ସୂର୍ଯ୍ୟମୟୀ, ବିଭାସ, ତାପସ ସରଘରିଆ, ଦେବେଶ ରଞ୍ଜନଙ୍କୁ ଦେଖିବାକୁ ମିଳିବ । ■

# ଔଷଧୀୟ ଗୁଳ୍ମ ଖାଇ ସୁସ୍ଥ ହୁଅନ୍ତି ସିମ୍ପାଜି

ହଜାର ହଜାର ବର୍ଷ ପୂର୍ବରୁ ମଣିଷ ଚିକିତ୍ସା ପାଇଁ ବିଭିନ୍ନ ପ୍ରକାରର ଗଛଲତାକୁ ବ୍ୟବହାର କରିଆସୁଛି । ହେଲେ ପୃଥିବୀପୃଷ୍ଠରେ ଏମିତି ଏକ ଜୀବ ରହିଛି ଯାହା ଅନ୍ୟ ଜୀବ ତୁଳନାରେ ଅଧିକ ମାତ୍ରାର ଔଷଧୀୟ ଗଛକୁ ବ୍ୟବହାର କରିଥାଏ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ୟୁରୋପ, ଜାପାନ, ୟୁଗାଣ୍ଡାର ଗବେଷକମାନେ ନିକଟରେ କରିଥିବା ଏକ ଅଧ୍ୟୟନରୁ ଅନ୍ୟାନ୍ୟ ଜୀବଙ୍କଠାରୁ ସିମ୍ପାଜି ଅଧିକ ଔଷଧୀୟ ବୃକ୍ଷର ବ୍ୟବହାର କରୁଥିବା କଥା ସ୍ପଷ୍ଟ କରିଛନ୍ତି । ଏ ବିଷୟ ପିଏଲ୍ଓଏଲ୍ ବନ ପତ୍ରିକାରେ ପ୍ରକାଶ ପାଇଛି । ସିମ୍ପାଜିମାନେ ବ୍ୟବହାର କରୁଥିବା ୧୩ଟି ପ୍ରଜାତିର ଗଛରୁ ୧୭ଟି ନମୁନା ନିଆଯାଇଥିଲା । ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଜୀବବିଜ୍ଞାନୀ ଇସାବେଲ ଲମରଙ୍କ କହିବାନୁସାରେ, ଅଧ୍ୟୟନରେ ଜଙ୍ଗଲୀ ସିମ୍ପାଜିଙ୍କ ଚିକିତ୍ସକୀୟ ବ୍ୟବହାରକୁ ବୁଝିବାକୁ ଚେଷ୍ଟା କରାଯାଇଛି । ଏଥିପାଇଁ ଅଧ୍ୟୟନକାରୀ ଦଳ ୟୁଗାଣ୍ଡାର ଜଙ୍ଗଲରେ ୪ ମାସ ରହି ଦୁଇଟି ପ୍ରଜାତିର ସିମ୍ପାଜିଙ୍କ ଉପରେ ନଜର ରଖିଥିଲେ । ଏହି ସମୟରେ ସେମାନେ ୧୭୦ଟି ସିମ୍ପାଜିଙ୍କ ମଧ୍ୟରୁ ସଂକ୍ରମଣର ଶିକାର ହୋଇଥିବା ୫୧ଟି ସିମ୍ପାଜିଙ୍କୁ ଠାବ କରିଥିଲେ । ୧୦ ଘଣ୍ଟା ଧରି ସେମାନେ ସଂକ୍ରମିତ ସିମ୍ପାଜିଙ୍କ ଉପରେ ନଜର ରଖିବା ସହ କେତେବେଳେ ସେମାନେ କେଉଁ ଗଛ ଖାଉଛନ୍ତି, ତାହାକୁ ଅନୁଧ୍ୟାନ କରିଥିଲେ । ତେବେ ସଂକ୍ରମିତ ସିମ୍ପାଜିମାନେ କିଛି ନିର୍ଦ୍ଦିଷ୍ଟ ଗଛର ପତ୍ର ଓ ଅନ୍ୟାନ ଅଂଶକୁ ଖାଉଥିବାର ସେମାନେ ଦେଖିଥିଲେ । ଅଧ୍ୟୟନକାରୀମାନେ ଲକ୍ଷ୍ୟ କରିଥିଲେ ଯେ, ସିମ୍ପାଜିମାନେ ଖାଇଥିବା ଅଲଷ୍ଟୋନିୟା ବୁନେଇ ଗଛ ଜୀବାଣୁରୋଧୀ ହେବା ସହ ଏହା ଫୁଲା କମାଇଥାଏ । ଆଫ୍ରିକାରେ ଏହାକୁ ପାରମ୍ପରିକ ଉପଚାର ପାଇଁ ବ୍ୟବହାର କରାଯାଇଥାଏ । କେବଳ ସେତିକି ନୁହେଁ, ଏହି ଗଛକୁ ପେଟ ସମସ୍ୟା, ସର୍ପଦଂଶନ ଏବଂ ଆଜ୍‌ମା ଚିକିତ୍ସାରେ ମଧ୍ୟ ବ୍ୟବହାର କରାଯାଏ । ସେହିପରି ସିମ୍ପାଜିମାନେ ଖାଉଥିବା ଅନ୍ୟ ଏକ ଗଛ କ୍ରିଷ୍ଟେଲା ପାରାସିଟିକାରେ ଯନ୍ତ୍ରଣାନାଶକ ଗୁଣ ଥିବାରୁ ସିମ୍ପାଜି ଏହାକୁ ଶରୀରର କ୍ଷତ ସ୍ଥାନରେ ଲଗାଇଥାନ୍ତି । ଅଧ୍ୟୟନ ସମୟରେ ସିମ୍ପାଜିମାନେ ବ୍ୟବହାର କରିଥିବା ୧୩ଟି ଗଛ ମଧ୍ୟରୁ ୧୧ଟିକୁ ଆଫ୍ରିକାର ଲୋକେ ପାରମ୍ପରିକ ଚିକିତ୍ସା ପାଇଁ ବ୍ୟବହାର କରୁଥିବାର ଜଣାପଡ଼ିଥିଲା । ସିମ୍ପାଜିମାନେ ସେମାନଙ୍କର ଚିକିତ୍ସା ପାଇଁ ବୃକ୍ଷଲତାକୁ ବ୍ୟବହାର କରିଥାନ୍ତି ଏଥିରୁ ସ୍ପଷ୍ଟ ହୋଇଛି ।



# 'ରେସ୍-୪' ସଲମାନ୍‌ଙ୍କୁ ନେଇ ଅନିଶ୍ଚିତତା



ଆକ୍ସନ୍ କ୍ରାଇମ୍ ଥ୍ରିଲର୍ ଫିଲ୍ମ 'ରେସ୍' ୨୦୦୮ ମସିହାରେ ଆସିଥିଲା । ଏଯାଏଁ ଏହାର ତିନୋଟି ପାର୍ଟ ଆସିଛି । ତେବେ ଫିଲ୍ମର ପ୍ରଥମ ଦୁଇଟି ପାର୍ଟରେ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ରୋଲରେ ନଜର ଆସିଥିଲେ । ଏହାର ତୃତୀୟ ପାର୍ଟରେ ସଲମାନ୍ ଖାନ୍ ଲିଡ୍ ରୋଲରେ ଦେଖାଯାଇଥିଲେ । ଏବେ ଏହାର ଚତୁର୍ଥ ପାର୍ଟ ଆସିବ ବୋଲି ଫିଲ୍ମର ପ୍ରଯୋଜକ ରମେଶ ତୌରାନୀ ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ, ରମେଶ କହିଛନ୍ତି- ଫିଲ୍ମର କାହାଣୀ ଲେଖା ସରିଛି, ଖୁବ୍‌ଶୀଘ୍ର ଆମେ ଏହାର କଳାକାରଙ୍କ ସମ୍ପର୍କରେ ସୂଚନା ଦେବୁ । ଏହି ଫିଲ୍ମର ନୂଆ କଳାକାରମାନେ ଦେଖାଯିବେ । କିନ୍ତୁ ସଲମାନ୍ ଏଥିରେ ଦେଖାଯିବେ କି ନାହିଁ ତାହା ଏବେଠାରୁ କହିହେବନି । ଚଳିତ ବର୍ଷ ଶେଷ ଆଡ଼କୁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରେ । ଏହାର ନିର୍ଦ୍ଦେଶନା କିଏ ଦେବେ ତାହା ବି ଏଯାବତ୍ ସ୍ଥିର ହୋଇନାହିଁ ।' ତେବେ ରମେଶ ଏଥିରେ ସଲମାନ୍ କାମ କରୁଛନ୍ତି କି ନାହିଁ ତାହା ସ୍ପଷ୍ଟ କରି ନ ଥିଲେ । ସଲମାନ୍ ଏବେ 'ସିକନ୍ଦର'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏଥିରେ ତାଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ଦେଖାଯିବେ ।

## ଆଜିର ଦିନରେ

- ୧୮୩୯ - ମହାରାଜା ରଣଜିତ ସିଂହଙ୍କ ବିୟୋଗ ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା ।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପନ ହେଲା ।
- ୧୯୮୧-କାମ୍ବୋଡ଼ିଆ ନୂଆ ସମ୍ବିଧାନ ଆପଣାଇଲା ।
- ୨୦୦୮ - ମାଇକ୍ରୋସଫ୍ଟ କର୍ପୋରେସନ୍‌ର ଚେୟାରମ୍ୟାନ୍ ବିଲ୍ ଗେଟ୍‌ସ ନିଜ ପଦରୁ ଇସ୍ତଫା ଦେଲେ ।

## ଆଜି ଆସିଥିଲେ...

# ପଣ୍ଡିତ କୃପାସିନ୍ଧୁ ମିଶ୍ର



ପଣ୍ଡିତ କୃପାସିନ୍ଧୁ ମିଶ୍ର ଥିଲେ ସତ୍ୟବାଦୀ ଯୁଗର ଜଣେ ସାହିତ୍ୟିକ, ଐତିହାସିକ, ସମାଜସେବୀ ତଥା ଆଦର୍ଶ ଶିକ୍ଷକ । ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରେ ସବୁଠାରୁ ସାନ ସେ ଥିଲେ । ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ କିଛି କମ୍ ନୁହେଁ । ୧୮୮୭ ମସିହା ଆଜିର ଦିନରେ ପୁରୀ ଜିଲ୍ଲା ବୀରହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲ କୃପାସିନ୍ଧୁ । ବାଲ୍ୟକାଳରୁ ତାଙ୍କର ପିତାଙ୍କର ଦେହାନ୍ତ ଘଟିଥିଲା ଓ ସେ ନିଜ ମାଉସୀ ଘରକୁ ପୋଷ୍ୟ ପୁତ୍ର ହୋଇଯାଇଥିଲେ । କୃପାସିନ୍ଧୁ ଗାଁ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଥିଲେ, ପରବର୍ତ୍ତୀ ସମୟରେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ିଥିଲେ । ପରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଏଫ୍.ଏ ଓ ବି.ଏ ପାସ କରିଥିଲେ । ୧୯୧୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିଲେ । ୧୯୧୩ ମସିହାଠାରୁ ତାଙ୍କ ରଚିତ ଐତିହାସିକ ପ୍ରବନ୍ଧମାନ ବ୍ରଜସୁନ୍ଦର ଦାସଙ୍କ 'ମୁକୁର' ପତ୍ରିକାରେ ପ୍ରକାଶ ପାଉଥିଲା । ପରେ ତାଙ୍କ ଲେଖନୀରୁ 'ବାରବାଟୀ କୋଣାର୍କ', 'ସତ୍ୟବାଦୀ' ଓ 'ଉତ୍କଳ ଇତିହାସ' ପ୍ରଭୃତି ଐତିହାସିକ ତଥା ଗବେଷଣାମୂଳକ ପ୍ରବନ୍ଧ ସୃଷ୍ଟି ହେଲା । ଏହାପରେ ସେ ଓଡ଼ିଶାର ପ୍ରଥମ ଐତିହାସିକ ଭାବେ ଖ୍ୟାତିଲାଭ କଲେ । ସେ କେବଳ ଜଣେ ଐତିହାସିକ ନ ଥିଲେ, ଥିଲେ ବିଶିଷ୍ଟ ଦାର୍ଶନିକ । ତାଙ୍କ ଦର୍ଶନତତ୍ତ୍ୱ ସମ୍ବଳିତ 'ଅଦୃଷ୍ଟବାଦ' ଓ 'କା' ପ୍ରବନ୍ଧ ପାଠକମାନଙ୍କ ମନରେ ଗଭୀର ଛାପ ସୃଷ୍ଟି କରିଛି । ବ୍ୟକ୍ତିଗତ ଜୀବନରେ ସେ ଥିଲେ ଅତ୍ୟନ୍ତ ନୀତିନିଷ୍ଠ । ଥରେ ନିଷ୍ପତ୍ତି ନେବା ପରେ ଯେତେ ବାଧା-ବିଘ୍ନ ଆସିଲେ ବି ସେ ସେଥିରୁ ଓହରୁ ନ ଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, କୃପାସିନ୍ଧୁ ୧୯୧୪ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷକ ଭାବରେ ଯୋଗ ଦେଇଥିଲେ । ସେତେବେଳକୁ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସେଠାରେ ଯୋଗ ଦେଇ ସାରିଥାନ୍ତି । ଏମାନଙ୍କ ଦ୍ୱାରା କୃପାସିନ୍ଧୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ପଢ଼ିବା ଓ ପଢ଼େଇବାରେ କୃପାସିନ୍ଧୁଙ୍କର ଆନନ୍ଦ ଥିଲା । ତାଙ୍କର ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଅନର୍ଗଳ ବକ୍ତୃତା ମଧ୍ୟ ଦେଇ ପାରୁଥିଲେ । ସର୍ବଦା ଧୋତି କୁର୍ତ୍ତା ପରିଧାନ କରିଥିବା କୃପାସିନ୍ଧୁଙ୍କର ନିରାଡ଼ମ୍ବର ଜୀବନଶୈଳୀ ଓ ସରଳ ବ୍ୟକ୍ତିତ୍ୱ ଛାତ୍ରମାନଙ୍କୁ ପ୍ରଭାବିତ କରୁଥିଲା । ୧୯୨୦ ମସିହାରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରି ମୃତ୍ୟୁପର୍ଯ୍ୟନ୍ତ ଏହାକୁ ତୁଲାଇଥିଲେ । ୧୯୨୦ ସେପ୍ଟେମ୍ବର ୪ ତାରିଖରେ କୋଲକାତାଠାରେ ଲାଲା ଲଜପତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ କୃପାସିନ୍ଧୁ । ୧୯୨୪ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ଭାବେ କାର୍ଯ୍ୟ କରିବା ସହିତ ଜିଲ୍ଲା ଶିକ୍ଷା କମିଟିରେ ସଭ୍ୟ ଥିଲେ । ଏହି ସାରସ୍ୱତ ସାଧକଙ୍କର ୧୯୨୬ ମସିହା ଫେବୃଆରି ୧୨ ତାରିଖରେ ପରଲୋକ ଘଟିଥିଲା । ବକୁଳ ଛୁରିଆନା, କେତକୀ ବଣର ସ୍ନିଗ୍ଧ ଆକର୍ଷଣ କୃପାସିନ୍ଧୁଙ୍କୁ ଏପରି ବାନ୍ଧି ରଖିଥିଲା ଯେ, ସତ୍ୟବାଦୀର ପବିତ୍ର ମାଟିକୁ ସେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଛାଡ଼ି ପାରି ନଥିଲେ ।

# ହେଲ୍‌ମେଟ୍ ରୋକିବ ଦୁର୍ଘଟଣା



ଅନେକ ସମୟରେ ଲୋକେ ମଦ୍ୟପାନ କରି ଦୁର୍ଘଟଣା ଘଟାଉଥିବା ଦେଖାଯାଇଛି । ଏହାର ପ୍ରତିକାର ପାଇଁ ରାଜସ୍ଥାନର ଏକ ସରକାରୀ ସ୍କୁଲର ଜଣେ ୧୬ ବର୍ଷୀୟା ଛାତ୍ରୀ ଅଙ୍କିତା ଗୁର୍ଜର ଏକ ନିଆରା ହେଲ୍‌ମେଟ୍ ତିଆରି କରିଛନ୍ତି । ଏହାର ବିଶେଷତ୍ୱ ହେଉଛି ନିଶାସେବନ କରିଥିବା ଜଣେ ବ୍ୟକ୍ତି ଏହି ହେଲମେଟ୍ ପିନ୍ଧି ବାଇକ୍ ଚଳାଇବାକୁ ଚେଷ୍ଟା କଲେ ଏହା ଷ୍ଟାର୍ଟ ହୋଇ ନ ଥାଏ । ଏହା ଛଡ଼ା ବିନା ହେଲ୍‌ମେଟ୍‌ରେ ଚାଳକ ଗାଡ଼ି ଷ୍ଟାର୍ଟ କଲେ ବି ଏହା ଚାଲିବ ନାହିଁ । ତେବେ ହେଲ୍‌ମେଟ୍‌ରେ ମଦ ଗନ୍ଧଯୁକ୍ତ ସେନସର୍ ଲାଗିଛି । ତା'ସହ ସେଥିରେ ଏକ ଡିସି ଫ୍ୟାନ୍‌କୁ ସେ ଖଞ୍ଜିଛନ୍ତି । କେବଳ ସେତିକି ନୁହେଁ, ହେଲମେଟ୍‌ରେ ଦୁଇଟି ଛୋଟ ଲାଇଟ୍ ମଧ୍ୟ ଖଞ୍ଜା ଯାଇଛି । ଯାହାକି ଇଣ୍ଡିକେଟର୍‌ର କାମ କରିଥାଏ । ଯଦି କୌଣସି ବ୍ୟକ୍ତି ମଦ୍ୟପାନ କରି ଗାଡ଼ି ଚଳାନ୍ତି, ଏହି ସେନସର୍ ତୁରନ୍ତ ତାହାକୁ ଚିହ୍ନଟ କରିଥାଏ । ଫଳରେ ଗାଡ଼ି ଷ୍ଟାର୍ଟ ହୋଇ ନ ଥାଏ । ଏହିପ୍ରକାରେ ଏହି ହେଲମେଟ୍ ମଦ୍ୟପାନ ଜନିତ ଦୁର୍ଘଟଣାକୁ ରୋକିବାରେ ସାହାଯ୍ୟ କରିବ ବୋଲି ଅଙ୍କିତା କୁହନ୍ତି । ଡ୍ରିଙ୍କ୍ ଏବଂ ଡ୍ରାଇଭ୍ ମାମଲାରେ ବର୍ଷକୁ ହଜାର ହଜାର ଲୋକ ପ୍ରାଣ ହରାଉଥିବା ଜାଣି ଅଙ୍କିତା ଏଭଳି ଏକ ହେଲମେଟ୍‌ର ପରିକଳ୍ପନା କରିଥିବା କଥା କହିଛନ୍ତି । ଅନ୍ୟପଟେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ବିକଶିତ ହେବା ପରେ ଏହି ହେଲ୍‌ମେଟ୍ ମାଧ୍ୟମରେ ହଜାର ହଜାର ଲୋକଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ସେ ଆଶାବାଦୀ ଅଛନ୍ତି ।

# ଅଭିଶପ୍ତ ଦ୍ୱୀପ



ସ୍କଟ୍‌ଲ୍ୟାଣ୍ଡରେ ଏମିତି ଏକ ଦ୍ୱୀପ ଅଛି, ଯାହାକି ଅଭିଶପ୍ତ ସ୍ଥାନ ଭାବେ ପରିଚିତ । ଏହି କାରଣ ଯୋଗୁଁ ଏହି ଦ୍ୱୀପ ତଥା ଏହାର ପରିବେଶ ସମ୍ପୂର୍ଣ୍ଣ ଶୂନଶାନ୍ । ଏହି ଦ୍ୱୀପର ନାଁ 'ଗ୍ରୁଇନାର୍ଡ' । ଯଦିଓ ଏହି ସ୍ଥାନ ପ୍ରତି ଲୋକେ ଆକର୍ଷିତ ହୋଇଥାନ୍ତି, ତଥାପି ଏଠାକୁ ଯିବା ସମ୍ଭବ ନୁହେଁ । ୧୯୪୦ ମସିହା ପରଠାରୁ କେବେ ବି କୌଣସି ବ୍ୟକ୍ତି ଏହି ସ୍ଥାନକୁ ଆସି ନାହାନ୍ତି । କେବଳ ସେତିକି ନୁହେଁ, କେହି ଏଠାରେ ଜୀବନଧାରଣ କରିବାକୁ ସକ୍ଷମ ନୁହନ୍ତି । ଦ୍ୱୀପର ଅଭିଶପ୍ତ କାହାଣୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ସହ ଜଡ଼ିତ । ସେହି ସମୟରେ ବ୍ରିଟିଶ୍ ରାଜନେତା ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ଜର୍ମାନୀ କୌଣସି ଜୈବିକ ଅସ୍ତ୍ର ପ୍ରସ୍ତୁତ କରୁଛି ବୋଲି ଆଶଙ୍କା କରିଥିଲେ । ସେଥିପାଇଁ ଚର୍ଚ୍ଚିଲ ମଧ୍ୟ ଏଭଳି ଅସ୍ତ୍ର ନିର୍ମାଣ କରିବା ପାଇଁ ବୈଜ୍ଞାନିକମାନଙ୍କୁ ଆଦେଶ ଦେଲେ, ଯାହାକୁ ସେ ସମୟ ଆସିଲେ ବ୍ୟବହାର କରିପାରିବେ । ତେବେ ବ୍ରିଟିଶ ବୈଜ୍ଞାନିକ ଆନ୍ଥ୍ରାକ୍ସ ନାମକ ଜୈବିକ ଅସ୍ତ୍ର ତିଆରି କଲେ । ଯାହାର ପରୀକ୍ଷା ଏହି ଦ୍ୱୀପରେ କରାଯାଇଥିଲା । ଫଳରେ ଏହି ଦ୍ୱୀପର ମାଟିରେ ମାରାତ୍ମକ ଜୀବାଣୁ ରହିଛନ୍ତି । ଯାହାର ସଂସ୍ପର୍ଶରେ ମଣିଷ ଆସିବା ଦ୍ୱାରା ବିପଜ୍ଜନକ ରୋଗ ହୋଇଥାଏ । ଅବଶ୍ୟ ଏହି ଦ୍ୱୀପର ମାଲିକମାନଙ୍କ ଅନୁମତି କ୍ରମେ ଆନ୍ଥ୍ରାକ୍ସର ପରୀକ୍ଷା ଏଠାରେ କରାଯାଇଥିଲା । ସେହିପରି ଦ୍ୱୀପରେ ମେଣ୍ଢା ପଲଙ୍କୁ ରଖି ଏହାର ପରୀକ୍ଷା କରାଯାଇଥିଲା । ବୋମା ବିସ୍ଫୋରଣ ହେବା ପରେ ଧୀରେ ଧୀରେ ମେଣ୍ଢା ପଲଙ୍କ ମୃତ୍ୟୁ ହୋଇଥିଲା ଏବଂ ସେମାନେ ଜଳିପୋଡ଼ି ଯାଇଥିଲେ । ଏହାପରେ ଏହାର ମାଟି ବିଷାକ୍ତ ହୋଇଥିଲା । ଯଦିଓ ଏହାର ବ୍ୟବହାର ଜର୍ମାନୀ ଉପରେ କରାଯାଇ ନ ଥିଲା, କିନ୍ତୁ ୧୯୮୧ରେ ବିଷାକ୍ତ ମାଟିକୁ ନେଇ ରିପୋର୍ଟ ଆସିଥିଲା । ତେବେ ଯେତେବେଳେ ଏଠାରେ ପରୀକ୍ଷା କରାଗଲା, ଦ୍ୱୀପର ମାଟି ବିଷାକ୍ତ ଜୈବିକ ଅସ୍ତ୍ରରୁ ମୁକ୍ତ ହୋଇ ନ ଥିବା ଜଣାପଡ଼ିଥିଲା । ଏହାକୁ ଶୋଧନ କରିବା ନେଇ ସରକାରଙ୍କ ପକ୍ଷରୁ ପ୍ରଚେଷ୍ଟା କରାଯାଇଥିଲା । ଏପରିକି ଏଠାକାର ସମସ୍ତ ସାମୁଦ୍ରିକ ଜୀବଙ୍କୁ ମାରିଦିଆଯିବା ସହ ମାଟିକୁ ଶୋଧନ କରାଯାଇଥିଲା । ୨୦୦୭ରେ ଏଠାରେ ପୁଣିଥରେ ସାମୁଦ୍ରିକ ଜୀବମାନଙ୍କ ବିକାଶ ପାଇଁ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ଏହା ସଫଳ ହୋଇ ନ ଥିଲା । ୨୦୨୨ରେ ଏଠାରେ ଥିବା ଜଙ୍ଗଲରେ ନିଆଁ ଲାଗିଥିଲା । ଏହି ନିଆଁ ଏତେ ପ୍ରଖର ଥିଲାଯେ, ଲୋକେ ଏହାକୁ ନର୍କର ଦ୍ୱାର କହୁଥିଲେ । ଏଇଥିପାଇଁ ଏଠାରେ କେହି ରହିବାକୁ ଯାଉ ନାହାନ୍ତି ।

# ଗୋଟିଏ ଫ୍ରେମ୍‌ରେ ପାଞ୍ଚ ପିଢ଼ି



ସୁଭଦ୍ରା ଆମ୍ମା(୧୦୪ ବର୍ଷ), ଝିଅ ସରୋଜ ଆମ୍ମା(୮୪ ବର୍ଷ), ନାତୁଣୀ ପ୍ରତିମା ଶଙ୍କର(୬୨), ଅଣ ନାତୁଣୀ ମୀନାକ୍ଷୀ ଜୋୟସା (୨୮) ଏବଂ ପଣ ନାତୁଣୀ ଶିରିମାଗା ବେଦାଙ୍ଗନୀ(୧୦ ମାସ)

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ଭାଇ ଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନୂଆ ବ୍ୟବସାୟ ଆରମ୍ଭ କରିବେ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ । ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ନୂଆ ଗାଡ଼ି କିଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**ମୀନ:** ବ୍ୟବସାୟରେ ବାଧା ଆସିବ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଅସହାୟଙ୍କୁ ସାହାଯ୍ୟ କରିବେ ।

## ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍: ହେଡ୍ ନଂ-୧ ବ୍ୟାଟର



**ଦୁବାଇ, ୨୬।୬(ଏଜେନ୍ସି):** ଅଷ୍ଟ୍ରେଲିଆର ବାମହାତୀ ଓପନର ଟ୍ରାଭିସ୍ ହେଡ୍ ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍ୟାଙ୍କିଙ୍ଗ୍‌ରେ ନଂ-୧ ବ୍ୟାଟର ସ୍ଥାନ ହାସଲ କରିଛନ୍ତି। ସେ ଭାରତର ସୂର୍ଯ୍ୟକୁମାର ଯାଦବଙ୍କୁ ନଂ-୧ ସ୍ଥାନରୁ ହଟାଇଦେଇଛନ୍ତି। ଡିସେମ୍ବର ୨୦୨୩ରୁ ପ୍ରଥମ ସ୍ଥାନରେ ରହିଆସିଥିବା ସୂର୍ଯ୍ୟକୁମାର ଏବେ ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ଏବେ ଭାରତର ବିଶ୍ୱକପ୍ ଅଭିଯାନ ତିଷ୍ଠି ରହିଥିଲାବେଳେ ସୂର୍ଯ୍ୟକୁମାରଙ୍କୁ ଗୋଟିଏ ସପ୍ତାହ ପରେ ପୁଣି ନଂ-୧ ସ୍ଥାନକୁ ଫେରିବା ସୁଯୋଗ ରହିଛି। ଏମାନଙ୍କ ପରେ ଇଂଲଣ୍ଡର ଫିଲ ସଲ୍ଟ, ପାକିସ୍ତାନର ଦୁଇ ବ୍ୟାଟର ବାବର ଆଜମ ଓ ମହମ୍ମଦ୍ ରିଜୱାନ ପ୍ରଥମ ୫ ଜଣଙ୍କ ମଧ୍ୟରେ ରହିଛନ୍ତି। ବୋଲିଂରେ ଇଂଲଣ୍ଡ ଅଲରାଉଣ୍ଡର ଆଦିଲ ରଶିଦ୍ ନଂ-୧ ସ୍ଥାନ ବଜାୟ ରଖିଛନ୍ତି। ଆଫଗାନିସ୍ତାନର ରଶିଦ୍ ଖାନ୍ ଦ୍ୱିତୀୟ, ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା ତୃତୀୟ ଓ ଅଷ୍ଟ୍ରେଲିଆର ଜୋଶ ହାଜଲେଉଡ୍ ଚତୁର୍ଥ ସ୍ଥାନରେ ରହିଛନ୍ତି। ଭାରତର ଯଶପ୍ରୀତ୍ ବୁମ୍‌ରା ୨୪ତମ, କୁଲଦୀପ ଯାଦବ ଏକାଦଶ, ଅକ୍ଷର ପଟେଲ ୮ମ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ହାସରଙ୍ଗା ନଂ-୧ ଅଲରାଉଣ୍ଡର ହୋଇଛନ୍ତି। ଏହି ତାଲିକାରେ ଆଫଗାନିସ୍ତାନର ମହମ୍ମଦ୍ ନବି, ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଓ ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

### ପ୍ୟାରିସ୍ ଅଲିମ୍ପିକ୍ ଲାଗି ଭାରତୀୟ ହକି ଦଳ ଘୋଷିତ

# ହରମନପ୍ରୀତ୍‌ଙ୍କୁ ନେତୃତ୍ୱ, ଅମିତ ଏକା ଓଡ଼ିଆ

**ନୂଆଦିଲ୍ଲୀ, ୨୬।୬(ଏଜେନ୍ସି):** ପ୍ୟାରିସ୍ ଅଲିମ୍ପିକ୍ ହକି ଲାଗି ବହୁ ପ୍ରତିକ୍ଷିତ ଭାରତୀୟ ଦଳ ଘୋଷଣା କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ନେବେ ଡିଫେଣ୍ଡର ହରମନପ୍ରୀତ ସିଂ। ହରମନପ୍ରୀତ ତୃତୀୟଥର ଲାଗି ଅଲିମ୍ପିକ୍ସରେ ଭାଗନେବେ। ୨୦୨୦ ରିଓ ଅଲିମ୍ପିକ୍ସରେ ସେ ଭାରତୀୟ ଦଳର ସର୍ବକନିଷ୍ଠ ସଦସ୍ୟ ରହିଥିଲେ। ଯୁବ ମିଡ୍ ଫିଲ୍ଡର ହାର୍ଦ୍ଦିକ ସିଂ ତାଙ୍କ ଡେପୁଟି ମନୋନୀତ ହୋଇଛନ୍ତି। ଏହି ଦଳରେ ଭାରତୀୟ ହକିର ୨୦୩୬ ଯାଏ ପ୍ରାୟୋଜକ ରହିଥିବା ଓଡ଼ିଶାରୁ କେବଳ ଜଣେ ମାତ୍ର ଖେଳାଳି ତଥା ଡିଫେଣ୍ଡର ଅମିତ ରୋହିଦାସଙ୍କୁ ସ୍ଥାନ ମିଳିଛି। ଏହି ଦଳରେ ୫ଜଣ ଖେଳାଳି ପ୍ରଥମଥର ବିଶ୍ୱର ଏହି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବେଙ୍ଗାଲୁରୁର ସାଇ ସେଣ୍ଟରଠାରେ କୋର ଖେଳାଳିଙ୍କୁ ନେଇ ଗଠିତ ପ୍ରଶିକ୍ଷଣ ଶିବିରରୁ ଏହି ଦଳ ଚୟନ କରାଯାଇଛି। ୩ଜଣ ଖେଳାଳି ରିଜର୍ଭରେ ରଖାଯାଇଛି। ସେମାନେ ହେଲେ ଗୋଲରକ୍ଷକ କ୍ରିଷନ ବାହାଦୁର ପାଠକ, ମିଡଫିଲ୍ଡର ନିଳକାନ୍ତ ଶର୍ମା ଓ ଡିଫେଣ୍ଡର ଯୁଗରାଜ ସିଂ। ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଚଳିତଥରର ଅଲିମ୍ପିକ୍ କ୍ରୀଡ଼ା ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବ। ଜୁଲାଇ ୨୭ରୁ ହକି ଇଭେଣ୍ଟ ଆରମ୍ଭ ହେବ।

ହରମନପ୍ରୀତ୍ ସିଂଙ୍କ ନେତୃତ୍ୱରେ ମନୋନୀତ ହୋଇଥିବା ଦଳରେ କିଛି ନୂଆ ଖେଳାଳିଙ୍କୁ ନିଆଯାଇନାହିଁ। ଯେଉଁମାନେ ଗତ କିଛିବର୍ଷ ଧରି ଦଳରେ ଖେଳିଆସୁଛନ୍ତି କେବଳ ସେମାନଙ୍କୁ ଦଳରେ ନିଆଯାଇଛି। ଏହି ଦଳରେ କ୍ରିଏଟିଭିଟି ଖେଳାଳି ଖୁବ୍ କମ୍ ରହିଛନ୍ତି। ଯାହା ଫଳରେ ଭାରତ ଗୋଲ ଦେବାରେ କଷ୍ଟ ସ୍ୱୀକାର କରିବ। ଦଳରେ ଭେଟେରାନ ପିଆର ଶ୍ରୀଜେଶଙ୍କୁ ଏକମାତ୍ର ଗୋଲରକ୍ଷକ ଭାବେ ଚୟନ କରାଯାଇଛି। ମିଡ୍‌ଫିଲ୍ଡର ମନପ୍ରୀତ୍ ସିଂଙ୍କ ସହ ସେ ଚତୁର୍ଥଥର ଅଲିମ୍ପିକ୍ସରେ ଭାଗନେବେ। ହରମନପ୍ରୀତ, ଜରମନପ୍ରୀତ, ଅମିତ, ସୁମିତ ଓ ସଞ୍ଜୟଙ୍କୁ ନେଇ ଭାରତୀୟ ରକ୍ଷଣଭାଗ ଦାୟିତ୍ୱ ସମ୍ଭାଳିବେ। ରାଜକୁମାର ପାଲ, ସମ୍‌ଶେର ସିଂ, ମନପ୍ରୀତ, ହାର୍ଦ୍ଦିକ ଓ ବିବେକ ସାଗର ପ୍ରସାଦ ମିଡ୍‌ଫିଲ୍ଡରେ ରହିଛନ୍ତି। ଫରୱାର୍ଡ ଲାଇନ ସମ୍ଭାଳିବେ ଅଭିଷେକ, ସୁଖଜିତ, ଲଳିତ, ମନଦୀପ ଓ ଗୁରଜାନ୍ତ ସିଂ। ଏମାନଙ୍କ ମଧ୍ୟରୁ ଜରମନପ୍ରୀତ, ସଞ୍ଜୟ, ରାଜକୁମାର, ଅଭିଷେକ ଓ ସୁଖଜିତ ପ୍ରଥଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ।



**ଭାରତୀୟ ଦଳ**

**ଗୋଲରକ୍ଷକ:** ପିଆର ଶ୍ରୀଜେଶ, **ରକ୍ଷଣଭାଗ:** ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ଅମିତ ରୋହିଦାସ, ସୁମିତ ଓ ସଞ୍ଜୟ, **ମଧ୍ୟଭାଗ:** ରାଜକୁମାର ପାଲ, ସମ୍‌ଶେର ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ ଓ ବିବେକ ସାଗର ପ୍ରସାଦ, **ଅଗ୍ରଭାଗ:** ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ ଓ ଗୁରଜାନ୍ତ ସିଂ।
**ରିଜର୍ଭ ଖେଳାଳି:** ନିଳକାନ୍ତ ଶର୍ମା, ଜୁଗରାଜ ସିଂ, କ୍ରିଷନ ବାହାଦୁର ପାଠକ।

ଭାରତୀୟ ହକିରେ ଅନେକ ପ୍ରତିଭାବାନ ଖେଳାଳି ସୃଷ୍ଟି ହେବା ଫଳରେ ଦଳ ଚୟନ କରିବା କଷ୍ଟକର ହୋଇପଡ଼ିଛି ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ କହିଛନ୍ତି। ଏହି ଦଳରେ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳି ରହିଛନ୍ତି। ସେମାନେ ପ୍ୟାରିସ୍‌ରେ ତାଙ୍କର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବେ ବୋଲି ଫୁଲଟନ ଆଶା ପ୍ରକାଶ କରିଛନ୍ତି। ବିଶ୍ୱଦରବାରରେ ଭାରତୀୟ ହକିକୁ ପହଞ୍ଚାଇବା ଓ ଦେଶ ଲାଗି ଗୌରବ ଆଣିବା ସକାଶେ ଖେଳାଳିମାନେ ନିଃସ୍ୱାର୍ଥପର ଭାବେ କଠିନ ପରିଶ୍ରମ କରିଛନ୍ତି। ଅଲିମ୍ପିକ୍ସରେ ମଧ୍ୟ ସେମାନେ ଏହି ପରିଶ୍ରମ ପୁନରାବୃତ୍ତି କରିବେ ବୋଲି ସେ ଆଶାବାଦୀ ଅଛନ୍ତି।

### ପୁଲ-ବି'ରେ ଭାରତ

ଅଲିମ୍ପିକ୍ସରେ ପାରମ୍ପରିକ ଭାବେ ୧୨ଟି ଦଳ ଅଂଶଗ୍ରହଣ କରିଥାନ୍ତି। ଏହି ଦଳଗୁଡ଼ିକୁ ଦୁଇଟି ପୁଲ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ପୁଲ-ବି'ରେ ଭାରତ ସ୍ଥାନ ପାଇଛି। ଭାରତ ସହ ଏହି ଗ୍ରୁପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ବେଲଜିୟମ, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି। ଦଳକୁ ଦ୍ୱିତୀୟ ରାଉଣ୍ଡ ବା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ ପୁଲ୍‌ରେ ଶ୍ରେଷ୍ଠ ୪ଟି ଦଳ ମଧ୍ୟରେ ରହିବାକୁ ହେବ। ପୁଲ-ଏ'ରେ ସ୍ଥାନଥିବା ଦଳଗୁଡ଼ିକ ହେଲେ ନେଦରଲାଣ୍ଡ୍ସ, ଜର୍ମାନୀ, ଗ୍ରେଟବ୍ରିଟେନ୍, ସ୍ପେନ୍, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଫ୍ରାନ୍ସ।

### ୨୭ରେ ନ୍ୟୁଜିଲାଣ୍ଡ ସହ ପ୍ରଥମ ମୁକାବିଲା

ଜୁଲାଇ ୨୭ରୁ ଅଲିମ୍ପିକ୍ ହକି ଆରମ୍ଭ ହେଉଥିଲାବେଳେ ଏହିଦିନ ନ୍ୟୁଜିଲାଣ୍ଡ ସହ ମୁକାବିଲାରୁ ଭାରତ ଅଭିଯାନ ଆରମ୍ଭ କରିବ। ଏହା ପରେ ଜୁଲାଇ ୨୯ରେ ଆର୍ଜେଣ୍ଟିନା, ଜୁଲାଇ ୩୦ରେ ଆୟର୍ଲାଣ୍ଡ ଓ ଅଗଷ୍ଟ ୧ରେ ବେଲଜିୟମ ସହ ଖେଳିବ। ଅଷ୍ଟ୍ରେଲିଆ ସହ ଅଗଷ୍ଟ ୨ରେ ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ପୁଲ ପର୍ଯ୍ୟାୟରେ ଗୋଟିଏ ଦଳ ୫ଟି ମ୍ୟାଚ୍ ଖେଳିବ। ଏହା ମଧ୍ୟରୁ ଯଦି ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିବା ଦଳ ଦ୍ୱିତୀୟ ରାଉଣ୍ଡ ବା କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବ। କ୍ୱାର୍ଟର ଫାଇନାଲରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ।

### ଟୋକିଓରେ କାଂସ୍ୟ ଜିତିଥିଲା

ଅଲିମ୍ପିକ୍ ହକିରେ ଭାରତୀୟ ଦଳକୁ ସର୍ବାଧିକ ୧୨ଟି ପଦକ ମିଳିଛି। ଏହା ମଧ୍ୟରେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ଟି କାଂସ୍ୟ ପଦକ ପାଇଛି। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ଶେଷଥର ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ପରେ ହକିରେ ପଦକ ଜିତିବା ଭାରତ ଲାଗି ସ୍ୱପ୍ନ ହୋଇଯାଇଥିଲା। ଟୋକିଓରେ ଗତଥର ଖେଳାଯାଇଥିବା ଅଲିମ୍ପିକ୍ସରେ ଭାରତ କାଂସ୍ୟ ପଦକ ହାସଲ କରିଥିଲା। ଦୀର୍ଘ ୪୧ ବର୍ଷ ବ୍ୟବଧାନ ପରେ ପୁଣିଥରେ ଭାରତ ପଦକ ଜିତିବାକୁ ସମର୍ଥ ହୋଇଥିଲା। ଟୋକିଓ ପଦକ ଜିତିଥିବା ଅନେକ ଖେଳାଳି ଦଳରେ ଥିଲେ ମଧ୍ୟ ଭାରତର ଏଥର ପଦକ ଜିତିବା ଆଶା କମ୍ ରହିଛି।

### ଆଜିଠାରୁ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିଅନସିପ୍

## ଅଲିମ୍ପିକ୍ସ ଟିକଟ ଲାଗି ଶେଷ ସୁଯୋଗ

**ପଞ୍ଚକୁଲା, ୨୬।୬(ଏଜେନ୍ସି):** ଆସନ୍ତାକାଲିଠାରୁ ଏଠାରେ ଆରମ୍ଭ ହେଉଛି ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ ଚାମ୍ପିଅନସିପ ଅନୁଷ୍ଠିତ ହେବ। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଓ ଯୋଗ୍ୟତା ଅର୍ଜନ ଲାଗି ଆଶାୟୀ ଥିବା ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଏହା ମଧ୍ୟ ଅଲିମ୍ପିକ୍ସ, ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେ ଅଂଶଗ୍ରହଣ କରିବାକୁ ଆଶାୟୀ ଥିବା ଆଥ୍‌ଲେଟଙ୍କୁ ଯୋଗ୍ୟତା ଅର୍ଜନ କରିବା ଲାଗି ସୁଯୋଗ ଦେଇଛି। ଏହି ପ୍ରତିଯୋଗିତାରେ ଅଲିମ୍ପିକ୍ସ ଟିକଟ ହାସଲ କରିଥିବା ନୀରଜ ଚୋପ୍ରା, ୨୦ କିମି ଚାଲିରେ ଜାତୀୟ ରେକର୍ଡଧାରୀ ଅକ୍ଷଦୀପ ସିଂ, ପ୍ରିୟଙ୍କା ଗୋସ୍ୱାମୀ ଭାଗ ନେଉ ନାହାନ୍ତି। ଜୁଲାଇ ୭ରେ ହେବାକୁ ଥିବା ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରେ ଭାଗ ନେଉଥିବାରୁ ନୀରଜଙ୍କୁ ଏହି ପ୍ରତିଯୋଗିତାରୁ ବାଦ୍ ଦିଆଯାଇଛି। ଅନ୍ୟ ସମସ୍ତଙ୍କ ଲାଗି ଏହା ବାଧ୍ୟତାମୂଳକ କରାଯାଇଛି।

ନୀରଜଙ୍କ ଅନୁପସ୍ଥିତିରେ କିଶୋର ଜେନା, ଡିପି ମନୁ, ୩୦୦ ମିଟର ଷ୍ଟିପଲଚେଜ୍‌ରେ ଅବିନାଶ ସାବ୍‌ଲେ, ପୁରୁଷ ୨୦ କିମି ଚାଲିରେ ରାମ ବାବୁ, ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ଚୌଧୁରୀ ଅଲିମ୍ପିକ୍ସରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ସେହିପରି ବିଶ୍ୱର୍ୟାଙ୍କିଙ୍ଗ୍ ମାଧ୍ୟମରେ ଭାଗନେବାକୁ ଆଶାୟୀ ଥିବା ମହିଳା ୧୦୦ ମିଟର ହର୍ଡଲ୍ସରେ ଜ୍ୟୋତି ୟାରାଜୀ, ସଟ୍‌ପୁଟର ତାଜିନ୍ଦରପାଲ ସିଂ ତୁର୍, ପୁରୁଷ ଲଙ୍ଗଜମ୍ପରେ ଜେସ୍ୱୀନ ଆଲଡ୍ରିନ୍, ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଓ ଅବଦୁଲ୍ଲା ଆବୁବାକର ଶ୍ରେଷ୍ଠ ପ୍ରଦର୍ଶନ ସହ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବା ସକାଶେ ଆଶାୟୀ ଅଛନ୍ତି।

ଉଦୀୟମାନ ଆଥଲେଟଙ୍କ ମଧ୍ୟରେ ଓଡ଼ିଶାର ଅନିମେଶ କୁଜୁର ଉଭୟ ପୁରୁଷ ୧୦୦ ଓ ୨୦୦ ମିଟର ଦୌଡ଼ରେ ଭାଗନେବେ। ଅଲିମ୍ପିକ୍ସ କ୍ୱାଲିଫାଇଙ୍ଗ ମାର୍କ ହାସଲ କରିବା କଷ୍ଟକର ହୋଇଥିଲେ ମଧ୍ୟ ଏଠାରେ ସେ ତୀବ୍ରପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ। ମଣିକାନ୍ତ ହୋବଲିଧର, ଅମ୍ଲାନ ବୋରୋଗୋହାଇଁ, ଗୁରବିନ୍ଦର ସିଂଙ୍କ ତାଙ୍କର ମୁକାବିଲା ହେବ।

### ଇଷ୍ଟବର୍ଣ୍ଣ ଟେନିସ୍

## କ୍ୱାର୍ଟରରେ କିଜ୍, ମୁଚୋଭା

**ଇଷ୍ଟବର୍ଣ୍ଣ,୨୬।୬(ଏଜେନ୍ସି):** ଏଠାରେ ଚାଲିଥିବା ଇଷ୍ଟବର୍ଣ୍ଣ ଟେନିସ ଟୁର୍ଣ୍ଣାମେଣ୍ଟରେ ଆମେରିକାର ମାଡିସନ କିଜ୍, ଚେକ ଗଣରାଜ୍ୟର କାରୋଲିନା ମୁଚୋଭା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋ ଓ ଆମେରିକାର ସୋଫିଆ କେନିନ ରାଉଣ୍ଡ ଅଫ୍ ୧୬ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ଏକକ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚତୁର୍ଥ ସିଡ୍ କିଜ୍ ୭-୬, ୬-୧ ସେଟ୍‌ରେ ୟୁକ୍ରେନର ଆନହେଲିନା କାଲିନିନାଙ୍କୁ, ମୁଚୋଭା ୬-୪, ୬-୧ ସେଟ୍‌ରେ ପୋଲାଣ୍ଡର ମାଗଦା ଲିନେଟଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ତେବେ କେନିନ୍ ୩-୬, ୭-୬, ୦-୬ ସେଟ୍‌ରେ ବ୍ରିଟେନର ହାରିଏଟ ଡାର୍ଟଙ୍କଠାରୁ ଓ ୫ମ ସିଡ୍ ଓଷ୍ଟାପେଙ୍କୋ ୪-୬, ୫-୭ ସେଟ୍‌ରେ ବ୍ରିଟେନର କେଟି ବଟଲରଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି।

## ଶ୍ରୀହରି, ଧୀନିଧିଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



**ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି):** ସନ୍ତରଣକାରୀ ଭାରତୀୟ ସନ୍ତରଣକାରୀ ଶ୍ରୀହରି ନଟରାଜ ଓ ଧୀନିଧି ଦେସିଙ୍ଗୁଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିଛି। ଭାରତୀୟ ସନ୍ତରଣ ମହାସଂଘ ଅନୁଯାୟୀ ବୁଧବାର ଘୋଷଣା କରାଯାଇଥିବା ୟୁନିଭର୍ସାଲିଟି କୋଟାରେ ଭାରତର ଏହି ଦୁଇ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଅଲିମ୍ପିକ୍ସ ଲାଗି ବିଶ୍ୱ ସନ୍ତରଣ ମହାସଂଘ ସ୍ଥିର କରିଥିବା କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ଅନୁଯାୟୀ ଶ୍ରୀହରି ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ 'ଏ' କାଟାଗୋରୀରେ ସର୍ବାଧିକ ୮୪୯ ପଏଣ୍ଟ ପାଇଥିଲେ। ଏହା ଫଳରେ ତାଙ୍କୁ ସିଧାସଳଖ ଯୋଗ୍ୟତା ମିଳିଥିଲା। ଏହି କାଟାଗୋରୀରେ ଆର୍ଯ୍ୟନ ନେହରା ଅଳ୍ପକେ ଭାଗନେବାକୁ ବଞ୍ଚିତ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ୧୪ ବର୍ଷିୟା ଧୀନିଧୀ ମଧ୍ୟ ସର୍ବାଧିକ ୭୪୯ ପଏଣ୍ଟ ପାଇଥିଲେ। ଶ୍ରୀହରିଙ୍କ ପରି ତାଙ୍କୁ ମଧ୍ୟ ଅଲିମ୍ପିକ୍ସରେ ଅଂଶଗ୍ରହଣର ସୁଯୋଗ ମିଳିଥିଲା। କିନ୍ତୁ ଧୀନିଧି ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଭାରତର କୌଣସି ସନ୍ତରଣକାରୀ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ଦୁଇଥର ଅଲିମ୍ପିକ୍ସରେ ଭାଗନେଇଥିବା ଭେଟେରାନ ସନ୍ତରଣକାରୀ ସାଜନ ପ୍ରକାଶ ଏଥର ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି।

### କୋପା ଆମେରିକା ଫୁଟବଲ

# କ୍ୱାର୍ଟରଫାଇନାଲରେ ଆର୍ଜେଣ୍ଟିନା

**ଇଷ୍ଟ ରଦଫର୍ଡ,୨୬।୬(ଏଜେନ୍ସି):** ଆମେରିକାର ଚାଲିଥିବା କୋପା ଆମେରକା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍ ଏ' ମୁକାବିଲାରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ୧-୦ ଗୋଲରେ ଚିଲିକୁ ପରାସ୍ତ କରିଛି। ଏଥିସହ ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଏଥିସହ ୨ଟି ମ୍ୟାଚ୍ ଖେଳି ଦୁଇ ବିଜୟ ସହ ଆର୍ଜେଣ୍ଟିନା ୬ ପଏଣ୍ଟ ହାସଲ କରି ଗ୍ରୁପ୍ ଏ'ର ଶୀର୍ଷରେ ରହିଛି। ଅନ୍ୟପଟେ ଚିଲି ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୧ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି। ଏହାପୂର୍ବରୁ ଆର୍ଜେଣ୍ଟିନା ତା'ର ପ୍ରଥମ ମୁକାବିଲାରେ କାନାଡାକୁ ୨-୦ ଗୋଲରେ ପରାସ୍ତ କରିଥିଲା। ସେହିପରି ଚିଲି ତା'ର ପ୍ରଥମ ମ୍ୟାଚ୍‌ରେ ପେରୁକୁ ଭେଟିଥିଲା ଓ ଏହି ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଚିଲି ଏବେ ତା'ର ପରବର୍ତ୍ତୀ ମୁକାବିଲାରେ ୩୦ ତାରିଖ ରବିବାର କାନାଡାକୁ ଭେଟିବ। ସେହିପରି ଆର୍ଜେଣ୍ଟିନା ତା'ର ତୃତୀୟ ତଥା ଅନ୍ତିମ ଗ୍ରୁପ୍ ମୁକାବିଲାରେ ୩୦ ତାରିଖ ରବିବାର ପେରୁକୁ ଭେଟିବ।

### କଡ଼ା ଚ୍ୟାଲେଞ୍ଜ ଦେଲା ଚିଲି

ଟୁର୍ଣ୍ଣାମେଣ୍ଟର ଏହି ୪୮ତମ ସଂସ୍କରଣରେ ଆର୍ଜେଣ୍ଟିନା ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି। ବୁଧବାର ନ୍ୟୁ ଜର୍ସିର ମେଟ୍ ଲାଇଫ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆର୍ଜେଣ୍ଟିନା ସବୁ ବିଭାଗରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ଅଧିକ ସଂଖ୍ୟାରେ ଗୋଲ ସ୍କୋର କରିପାରି ନଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧରେ ୮୮ତମ ମିନିଟ୍‌ରେ ୨୬ ବର୍ଷୀୟ ଫରୱାର୍ଡ ଲାଉଟାରୋ ମାର୍ଟିନେଜ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧରେ ଅଧିନାୟକ ଲିଓନେଲ ମେସି ଗୋଡରେ ଫିଜିଓଙ୍କ ଚିକିତ୍ସା କରାଇଥିଲେ। ତେବେ ତାଙ୍କର ଏହି ଇଞ୍ଜୁରି ସେତେଟା ଗୁରୁତର ନୁହଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୁହାଯାଇଛି। ଗୋଲ ପୋଷ୍ଟକୁ ସଟ୍ ମାରିବାରେ ଆର୍ଜେଣ୍ଟିନା ଯଥେଷ୍ଟ ଆଗରେ ରହିଥିଲା। ସେହିପରି ମ୍ୟାଚ୍‌ରେ ୬୨ ପ୍ରତିଶତ ବଲକୁ ନିଜ ଅକ୍ତିଆରରେ ରଖିବା ସହ ଆର୍ଜେଣ୍ଟିନା ପାସ୍ ଦେବାରେ ଓ ନିର୍ଭୁଲ ପାସ୍ ଦେବାରେ ଯଥେଷ୍ଟ ଆଗରେ ରହିଥିଲା। ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଆର୍ଜେଣ୍ଟିନ ଅଧିକ ଗୋଲ ଦେଇପାରି ନଥିଲା। ଫଳରେ ଆର୍ଜେଣ୍ଟିନାର ଏହି ବିଜୟ ଚମକହୀନ ଥିଲା କହିଲେ ଭୁଲ ହେବ ନାହିଁ।



### ପେରୁକୁ ହରାଇଲା କାନାଡା

ବୁଧବାର ଖେଳାଯାଇଥିବା ଗ୍ରୁପ୍ ଏ'ର ପ୍ରଥମ ମୁକାବିଲରେ କାନାଡା ୧-୦ ଗୋଲରେ ପେରୁକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ୨୪ ବର୍ଷୀୟ ତାରକା ଫରୱାର୍ଡ ଜୋନାଥନ ଡେଭିଡ୍ ୭୪ ମିନିଟ୍‌ରେ ଗୋଲ ସ୍କୋର କରି କାନାଡାକୁ ଅଗ୍ରଣୀ କରାଇଥିଲେ। ସଟ୍ ମାରିବାରେ ଓ ଗୋଲ ପୋଷ୍ଟକୁ ସଟ୍ ମାରିମାରେ ପେରୁ ଆଗରେ ରହିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲା। କିନ୍ତୁ କାନାଡା ଖେଳାଳି ଅଧିକ ସମୟ ବଲ୍‌କୁ ଅକ୍ତିଆରରେ ରଖିଥିଲେ। ପାସ୍ ଓ ପାସ୍ ଆକ୍ୟୁରେସିରେ କାନାଡା ଯଥେଷ୍ଟ ଆଗରେ ରହିଥିଲା। କାନାଡା ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଁ ଗ୍ରୁପ୍ ଏ'ର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ପେରୁ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। କାନାଡା ତା'ର ପ୍ରଥମ ମ୍ୟାଚ୍‌ରେ ଆର୍ଜେଣ୍ଟିନାଠାରୁ ଓ ପେରୁ ଚିଲି ବିପକ୍ଷରେ ମ୍ୟାଚ୍‌କୁ ଗୋଲ ଶୂନ୍ୟ ଭାବେ ଅମୀମାଂସିତ ରଖିଥିଲା।

## ଅଲିମ୍ପିକ୍ସ ଆନ୍ଦୋଳନରେ ପ୍ରଗତିକୁ ଦର୍ଶାଇବ ଇଣ୍ଡିଆ ହାଉସ୍




**ମୁମ୍ବାଇ,୨୬।୬(ଏଜେନ୍ସି):** ଆଉ ଠିକ୍ ମାସେ ପରେ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱ କ୍ରୀଡ଼ା ସର୍ବବୃହତ୍ ମହାକୁମ୍ଭ ଅଲିମ୍ପିକ୍ସ। ରିଲାଏନ୍ସ ପାଉଣ୍ଡେସନ ଓ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ସହଭାଗିତାରେ ପ୍ୟାରିସ୍‌ରେ ପ୍ରସ୍ତୁତ ହେବାକୁ ଥିବା ପ୍ରଥମ କଣ୍ଟ୍ରି ହାଉସ୍ ଅର୍ଥାତ୍ 'ଇଣ୍ଡିଆ ହାଉସ୍' ଅଲିମ୍ପିକ୍ସରେ ଏଥର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ। ଇଣ୍ଡିଆ ହାଉସ୍‌ରେ ଦେଶର ସମୃଦ୍ଧ ସାଂସ୍କୃତିକ ଓ କ୍ରୀଡ଼ା ପରମ୍ପରାକୁ ନେଇ ଉତ୍ସବ ପାଳନ କରିବ। ଏଥିରେ ପ୍ରଯୁକ୍ତି ଓ ଡିଜିଟାଲକରଣରେ ପ୍ରଗତି ସହିତ ଭାରତର ଗୌରବମୟ ଅତୀତ, ଜୀବନ୍ତ ବର୍ତ୍ତମାନ ଏବଂ ରୋମାଞ୍ଚକ ଭବିଷ୍ୟତକୁ ପ୍ରଦର୍ଶିତ କରାଯିବ। ସାରା ବିଶ୍ୱର ଆଥଲେଟ୍, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ କ୍ରୀଡ଼ାପ୍ରେମୀଙ୍କ ପାଇଁ ଇଣ୍ଡିଆ ହାଉସ୍‌ର ଦ୍ୱାର ଉନ୍ମୁକ୍ତ ରହିବ। ଅଲିମ୍ପିକ୍ସରେ ଏହା ଭାରତର ଖ୍ୟାତିକୁ ଆହୁରି ବୃଦ୍ଧି କରିବ। ଏହା ଭାରତର ଏକତା, ବିବିଧତା, ଉତ୍କୃଷ୍ଟତାର ଭାବନାକୁ ଜୀବନ୍ତ କରି ଗଢି ତୋଳିବ।

ପ୍ୟାରିସ ଅଲିମ୍ପିକ୍ସରେ ପ୍ରଥମଥର ଇଣ୍ଡିଆ ହାଉସ ପ୍ରତିଷ୍ଠା କରାଯିବ ବୋଲି ଆଇଓସି ସଦସ୍ୟା ତଥା ରିଲାଏନ୍ସ ଫାଉଣ୍ଡେସନ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ ଘୋଷଣା କରିବା ସହ ଖୁସି ଜାହିର କରିଛନ୍ତି। ଇଣ୍ଡିଆ ହାଉସ୍‌ରେ ଆମେ ଆମ କ୍ରୀଡ଼ାବିତମାନଙ୍କୁ ସମ୍ମାନ ଜଣାଇବୁ, କ୍ରୀଡ଼ାବିତଙ୍କ ସଫଳତାରେ ଖୁସି ମନାଇବୁ, ନିଜର କଥା ଓ କାହାଣୀଗୁଡ଼ିକୁ ପରିପ୍ରକାଶ କରିବା ସହ ସାରା ଦୁନିଆକୁ ସ୍ୱାଗତ କରିବୁ। ଅଲିମ୍ପିକ୍ସ ଆନ୍ଦୋଳନକୁ ଭାରତକୁ ଆଣିବା ସହ ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ନୀତା କହିଛନ୍ତି।

ଇଣ୍ଡିଆ ହାଉସ୍ ଭାରତୀୟ ପ୍ରଶଂସକ ଓ ଆଥଲେଟଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ବୋଲି ଆଇଓଏ ସଭାପତି ତଥା ପୂର୍ବତନ ମହିଳା ଆଥଲେଟ ପିଟି ଉଷା କହିଛନ୍ତି। ଅନ୍ୟଦେଶର ନାଗରିକ ତଥା ପ୍ରଶଂସକ ଏହା ଦ୍ୱାରା ଭାରତ ସମ୍ପର୍କରେ ଅଧିକ କିଛି ଜାଣିପାରିବେ। ଭାରତରେ କ୍ରୀଡ଼ା ପ୍ରଗତିକୁ ଏହା ଦର୍ଶାଇବ। ଭାରତରେ ଅଲିମ୍ପିକ ଆନ୍ଦୋଳନକୁ ଆଗକୁ ବଢାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ନୀତାଙ୍କୁ ଉଷା ଧନ୍ୟବାଦ ଜଣାଇଛନ୍ତି।

## ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ବର୍ଷା ଆଶଙ୍କା

# ପ୍ରତିଶୋଧ ଲକ୍ଷ୍ୟରେ ଖେଳିବ ଭାରତ

**ଗୁଏନା, ୨୬।୬(ଏଜେନ୍ସି):** ଦୁଇବର୍ଷ ତଳେ ଅଷ୍ଟ୍ରେଲିଆର ଆଡିଲେଡ୍‌ରେ ଅନୁଷ୍ଠିତ ୨୦୨୨ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ଇଂଲଣ୍ଡଠାରୁ ୧୦ ୱିକେଟରେ ହାରିଥିଲା ଭାରତ। ଏହି ପରାଜୟ ଏବେ ସୁଦ୍ଧା ଭାରତୀୟ ଖେଳାଳି ଓ ସମର୍ଥକଙ୍କ ମନରେ ତାଜା ହୋଇ ରହିଛି। ଆସନ୍ତାକାଲି ଏଠାରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡ ସହ ଭାରତ ୨୦୨୪ ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ଭାରତ ପୂର୍ବ ପରାଜୟର ପ୍ରତିଶୋଧ ଓ ଫାଇନାଲ ଖେଳିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ଏହି ମୁକାବିଲା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେଇସାରିଛି। ସୁପର-୮' ମ୍ୟାଚ୍‌ରେ ଭାରତ ନିକଟରୁ ଅଷ୍ଟ୍ରେଲିଆ ପରାଜିତ ହେବା ପରେ ପ୍ରତିଯୋଗିତାରୁ ବିଦାୟ ନେଇଛି। ଏବେ ହେଉଛି ଇଂଲଣ୍ଡର ପାଳି। ରୋହିତ ଶର୍ମାଙ୍କ ଦଳ ମଧ୍ୟ ଇଂଲଣ୍ଡ ବିପକ୍ଷରେ ବିଜୟୀ ହୋଇ ପ୍ରତିଶୋଧ ନେବାରେ ସମର୍ଥ ହୋଇପାରିବ।



### ପ୍ରବଳ ବର୍ଷା ଆଶଙ୍କା

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ବେଳେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଗୁଏନାର ଗତ ୧୨ ଘଣ୍ଟାରେ ପ୍ରବଳ ବର୍ଷା ହୋଇଛି ଓ ମ୍ୟାଚ୍ ଦିନ ଅର୍ଥାତ ଆସନ୍ତାକାଲି ୮୮ ଶତକଡ଼ା ବର୍ଷା ହେବାର ଆଶଙ୍କା ରହିଛି ବୋଲି ଆକ୍ୱୱେଦର.କମ୍ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅବଶ୍ୟ ଏହି ମ୍ୟାଚ୍‌ଟି ସ୍ଥାନୀୟ ସମୟ ପୂର୍ବାହ୍ଣ ୧୦ଟା ୩୦ (ଭାରତୀୟ ସମୟ ଗୁରୁବାର ରାତି ୮ଟା)ରେ ଆରମ୍ଭ ହେବ। ଏଣୁ ଖେଳ ଆରମ୍ଭ ହେବା ନେଇ ଆଶଙ୍କା ରହିଛି। ବର୍ଷା ଯୋଗୁ ଏହି ବିଶ୍ୱକପ୍‌ରେ ଅନେକ ଦଳ ସୁପର-୮'କୁ ଯାଇ ପାରି ନାହାନ୍ତି।

### ୨୫୦ ମିନିଟର ଅତିରିକ୍ତ ଖେଳ

ଭାରତୀୟ ସମୟ ଗୁରୁବାର ସକାଳ ୬ଟାରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍ ଯଦି ବର୍ଷା ଯୋଗୁ ଆୟୋଜିତ ହୋଇ ନ ପାରେ ତେବେ ଏହା ରିଜର୍ଭ ଦିବସରେ ଅର୍ଥାତ ଶୁକ୍ରବାର ସକାଳ ୬ଟାରେ ପୁନର୍ବାର ଖେଳାଯିବ। କିନ୍ତୁ ଦ୍ୱିତୀୟ ସେମିଫାଇନାଲ ଲାଗି ଏଭଳି ସୁବିଧା ନାହିଁ। ଫାଇନାଲ ଓ ସେମିଫାଇନାଲ ମଧ୍ୟରେ ଗୋଟିଏ ଦିନ ବ୍ୟବଧାନ ଥିବାରୁ ରିଜର୍ଭ ଦିନ ରଖାଯାଇନାହିଁ। କିନ୍ତୁ ଏହି ମ୍ୟାଚ୍‌ଟି ସ୍ଥାନୀୟ ସମୟ ଅନୁଯାୟୀ ଦିନରେ ଖେଳାଯାଉଥିବାରୁ ୨୫୦ ମିନିଟ ଅତିରିକ୍ତ ସମୟ ରହିଛି। ଅର୍ଥାତ୍ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେଲେ ଏହି ୨୫୦ ମିନିଟ୍‌ରେ ମ୍ୟାଚ୍ ଖେଳାଯାଇପାରିବ।

### ମ୍ୟାଚ୍ ବାତିଲ ହେଲେ ଭାରତ ଖେଳିବ ଫାଇନାଲ୍

ଏହି ମ୍ୟାଚ୍ ଯଦି ବର୍ଷା ଯୋଗୁଁ ବାତିଲ ହୁଏ ତେବେ ସୁପର-୮'ରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିବା ଭାରତ ଫାଇନାଲକୁ ଉନ୍ନିତ ହେବ। ସୁପର-୮' ଗ୍ରୁପ-୧'ରେ ଭାରତ ତାହାର ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ଗ୍ରୁପ୍-୨'ରେ ସ୍ଥାନ ପାଇଥିବା ଇଂଲଣ୍ଡ ୩ଟି ମଧ୍ୟରୁ ୨ଟିରେ ଜିତିଥିଲା। ଏଣୁ ଅଧିକ ମ୍ୟାଚ୍ ଜିତିଥିବାରୁ ମ୍ୟାଚ୍ ଆଦୌ ଆୟୋଜିତ ହୋଇ ନ ପାରିଲେ ଭାରତ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

### ଇଂଲଣ୍ଡ ବ୍ୟାଟିଂ ବନାମ ଭାରତ ବୋଲିଂ

ଚଳିତ ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡର ବ୍ୟାଟିଂ ଓ ଭାରତର ବୋଲିଂ ବେଶ ପ୍ରଭାବଶାଳୀ ହୋଇଛି। କିନ୍ତୁ ଭାରତ ପକ୍ଷରୁ ପ୍ରଥମ ୩ଜଣ ବ୍ୟାଟର ବିରାଟ କୋହଲି, ରୋହିତ ଶର୍ମା ଓ ଋଷଭ ପନ୍ତଙ୍କର ସ୍ପିନ ବୋଲିଂ ବିପକ୍ଷରେ ଭଲ ଷ୍ଟ୍ରାଇକ୍ ରେଟ ନାହିଁ। ଏଣୁ ଇଂଲଣ୍ଡ ଯଦି ପାୱାର ପ୍ଲେ'ରେ ସ୍ପିନରଙ୍କୁ ସୁଯୋଗ ଦିଏ ତେବେ ଭାରତ ଲାଗି ଅଡୁଆ ସୃଷ୍ଟି ହେବ। ଶୀର୍ଘ ଯଦି ଓପନିଂ ଯୋଡି ଭାଙ୍ଗିଯାଏ ତେବେ ପନ୍ତଙ୍କ ସ୍ଥାନରେ ଶିବମ ଦୁବେଙ୍କୁ ନଂ-୩ରେ ଖେଳିବାକୁ ସୁଯୋଗ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଅନ୍ୟପକ୍ଷରେ ଭାରତ ୨ ବର୍ଷ ତଳେ ଇଂଲଣ୍ଡ ବିପକ୍ଷରେ ପ୍ରଭାବଶୂନ୍ୟ ହୋଇଥିଲେ ମଧ୍ୟ ଏବେ ଦଳର ବୋଲରମାନେ ଫର୍ମରେ ଅଛନ୍ତି। ବିଶେଷ କରି ପ୍ରଥମ ୨ ଓଭର ବୋଲିଂ କରୁଥିବା ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂ ଏଠାରେ ବେଶ ପ୍ରଭାବ ପକାଇପାରିବେ। ମିଡଲ ଓ ଡେଥ ଓଭରରେ ଯେଉଁ ଦଳ ଭଲ ଖେଳିବ, ସେହି ଦଳ ମ୍ୟାଚ୍ ଜିତିବାର ସମ୍ଭାବନା ଅଧିକ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଏଯାଏ ଅପରାଜିତ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଛି।

### ଲୋ ସ୍କୋରିଂ ମ୍ୟାଚ୍ ହୋଇପାରେ

ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ ଗୁଡିକ ଲୋ ସ୍କୋରିଂ ହୋଇଛି। ଏଠାରେ ପିଚ୍ ମନ୍ଥର ପ୍ରଦର୍ଶନ କରିଛି। ଏପରିକି ପାୱାର ପ୍ଲେ'ରେ ୬.୪, ମିଡଲ ଓଭରରେ ୫.୫ ଓ ଡେଥ ଓଭରରେ ୭.୬ ହାରରେ ରନ୍ ସଂଗୃହୀତ ହୋଇଛି। ଏବେ ବର୍ଷା ଯୋଗୁ ୨ ଦିନ ହେଲା ପିଚ୍‌କୁ ଘୋଡାଇ ରଖାଯାଇଛି। ମ୍ୟାଚ୍ ଦିନ ସକାଳେ ଖରା ହେଲେ ପିଚ୍ ଉପରୁ କଭର ବାହାରିପାରେ ବୋଲି ଆଶା କରାଯାଉଛି। ଅବଶ୍ୟ ଏଠାରେ ବର୍ଷା ହେବାର ସମ୍ଭାବନା ଥିବାରୁ ଏହାର ଆବଶ୍ୟକତା ପଡ଼ି ନ ପାରେ। ଏଠାରେ ପୂର୍ବରୁ ଖେଳାଯାଇଥିବା ହାଇ ପ୍ରୋଫାଇଲ ମ୍ୟାଚ୍‌ରେ ଆଫଗାନିସ୍ତାନ ୮୪ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ମାତ୍ର ୭୫ ରନ କରିବାକୁ ସମର୍ଥ ହୋଇଥିଲା।

# ପ୍ରଥମ ଫାଇନାଲ ଖେଳିବା ଆଶାରେ ଦ. ଆଫ୍ରିକା ଓ ଆଫଗାନିସ୍ତାନ

**ତ୍ରିନିଦାଦ୍, ୨୬।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ମଧ୍ୟରେ ଏଠାରେ ଗୁରୁବାର ଖେଳାଯିବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ପ୍ରଥମଥର ବିଶ୍ୱକପ୍ ଫାଇନାଲ ଖେଳିବ। ଗୁଏନା ଭଳି ଏଠାରେ ବର୍ଷା ହେବାର ସମ୍ଭାବନା ନାହିଁ। ଏଣୁ ଏଠାରେ ମ୍ୟାଚ୍ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆୟୋଜିତ ହେବ।



ଏହି ଟୁର୍ଣ୍ଣାମେଣ୍ଟରେ ଆଫଗାନିସ୍ତାନ ଯେପରି ଖେଳ ପ୍ରଦର୍ଶନ କରିଛି ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ଆଫଗାନିସ୍ତାନ ସହଜରେ ହରାଇଦେଇଛି। ବୋଲିଂରେ ହେଉ ଅବା ବ୍ୟାଟିଂ ଦଳ ବେଶ ପ୍ରଭାବୀ ପ୍ରଦର୍ଶନ କରିଛି। ଦଳର ଅଧିନାୟକ ରଶିଦ୍ ଖାନ୍ ଟୁର୍ଣ୍ଣାମେଣ୍ଟ ସାରା ଚମତ୍କାର ପ୍ରଦର୍ଶନ କରିଛନ୍ତି। ଦଳର ଦୁଇ ତାରକା ଖେଳାଳି ତଥା ପେସ୍ ବୋଲର ଫଜଲହକ୍ ଫାରୁକି ୧୬ଟି ୱିକେଟ ନେଇଥିଲାବେଳେ ବ୍ୟାଟିଂରେ ରହମନୁଲ୍ଲା ଗୁରବାଜ୍ ୨୮୧ ରନ୍ କରିଛନ୍ତି। ଇବ୍ରାହିମ ଜଦ୍ରାନ, ମହମ୍ମଦ୍ ନବି ଓ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ୱପ୍ନର ସ୍ପେଲ ବୋଲିଂ କରିଥିବା ଗୁଲବଦିନ ନାଏବ ଭଲ ଫର୍ମରେ ଅଛନ୍ତି। ଏଣୁ ସେମାନେ ଯେ କୌଣସି ଦଳକୁ ହରାଇବାର କ୍ଷମତା ରଖିଛନ୍ତି। ଦଳ ନିକଟରେ ଏକାଧିକ ବିଶ୍ୱସ୍ତରୀୟ ସ୍ପିନର ଥିଲାବେଳେ ଦକ୍ଷିଣ ଆଫ୍ରିକାର ସବୁଠାରୁ ଦୁର୍ବଳ ଲିଙ୍କ ହେଉଛି ଏହି ସ୍ପିନ୍ ବୋଲିଂ। ଏଣୁ ସ୍ପିନରଙ୍କୁ ଉଚିତ ମୁକାବିଲା କରିପାରିଲେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍‌ରେ ବିଜୟୀ ହୋଇ ପାରିବ। ଦଳର ବ୍ୟାଟିଂ ପ୍ରଭାବଶାଳୀ ହୋଇ ନ ଥିଲେ ମଧ୍ୟ ବୋଲରଙ୍କ ପ୍ରଦର୍ଶନ ଉପରେ ସଫଳତା ପାଇଛି। କାଗିସୋ ରାବାଡା, ଆନରିଚ ନୋର୍ଜେ, କେଶବ ମହାରାଜ, ତାବ୍ରେଜ୍ ସାମ୍‌ସି ଆଦି ଶ୍ରେଷ୍ଠ ଫର୍ମରେ ଅଛନ୍ତି। ଦକ୍ଷିଣ ଆଫ୍ରିକା ୧୯୯୧ରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପରେ ଏଯାଏ ଦିନିକିଆ କିମ୍ବା ଟି-୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ନାହିଁ। ଏହି ମ୍ୟାଚ୍‌ରେ ଦଳ ବିଜୟୀ ହୋଇ ପ୍ରଥମଥର ଫାଇନାଲରେ ପ୍ରବେଶ କରିବ କିମ୍ବା ପୁଣିଥରେ ଚୋକର' ଭୂମିକା ନେଇ ସ୍ୱଦେଶ ଫେରିବ ତାହା ଏହି ମ୍ୟାଚ୍ ପରେ ଜଣାପଡ଼ିବ।

### ସେମିଫାଇନାଲ ଖେଳସୂଚୀ

- ଦ.ଆଫ୍ରିକା- ଆଫଗାନିସ୍ତାନ । ତ୍ରିନିଦାଦ। ସକାଳ ୬ଟା
- ଭାରତ-ଇଂଲଣ୍ଡ ।ଗୁଏନା। ରାତି ୮ଟା

ପ୍ରସାରଣ -: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ହଟଷ୍ଟାର

# ଅପରାଜେୟ ଟିମ୍ ଟି-୨୦ ବିଶ୍ୱକପ୍ ଜିତିନାହିଁ

**ଗୁଏନା, ୨୬।୬(ଏଜେନ୍ସି):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଆସନ୍ତାକାଲି ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସେମିଫାଇନାଲରେ ପ୍ରବେଶ କରିବା ପୂର୍ବରୁ ଭାରତୀୟ ଦଳ ଅପରାଜେୟ ରହିଥିଲାବେଳେ ତାହାର ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ୨ଥର ପରାଜିତ ହୋଇଛି। ଏହି ମୁକାବିଲା ପୂର୍ବରୁ ଏକ ରେକର୍ଡ ଭାରତ ବିପକ୍ଷରେ ଯାଉଛି। ତାହା ହେଲା ଟି-୨୦ ବିଶ୍ୱକପ୍ ଇତିହାସର ଗତ ୮ଟି ସଂସ୍କରଣରେ ଅପରାଜିତ ଥିବା ଦଳ ଚାମ୍ପିଅନ ହୋଇନାହିଁ। ଏହି ଧାରା ବଜାୟ ରହିଲେ ତାହା ଭାରତ ବିରୋଧରେ ଯାଇପାରେ। ଆଇସିସି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଏହି ରେକର୍ଡ ରହିଛି। କିନ୍ତୁ ୨୦୧୩ରେ ଭାରତ ଅପରାଜେୟ ରହିବା ସହ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ ହୋଇଥିଲା। ସଂଯୋଗବଶତଃ ଭାରତ ଏହା ପରଠାରୁ ଆଉ



କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇନାହିଁ। ଏଠାରେ ମଧ୍ୟ ଭାରତ ୨୦୧୩ ପ୍ରଦର୍ଶନ ବଜାୟ ରଖିବ ବୋଲି ଆଶା କରାଯାଉଛି। ଏହି ବିଶ୍ୱକପ୍ ପୂର୍ବରୁ ଭାରତ ୨୦୦୭ ଓ ୨୦୧୪ରେ ସେମିଫାଇନାଲରେ ପ୍ରବେଶ କରି କ୍ରମାଗତ ବିଜୟ ହାସଲ କରିଥିଲା। କିନ୍ତୁ ଦଳ ୨୦୧୬ ଓ ୨୦୨୨ରେ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାଜିତ ହୋଇଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ୩ଥର ସେମିଫାଇନାଲରେ ପ୍ରବେଶ କରି ୩ଥର ବିଜୟୀ ହୋଇଛି। ଏହା ମଧ୍ୟରୁ ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ୨୦୧୦ ବିଶ୍ୱକପ୍ ସହ ୨ଥର ଚାମ୍ପିଅନ ହୋଇଛି।

ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ବିରାଟ କୋହଲି ଯଥାକ୍ରମେ ୪୪ ବଲ୍‌ରେ ୭୨*, ୪୭ ବଲ୍‌ରେ ୮୯* ଓ ୪୦ ବଲ୍‌ରେ ୫୦ ରନ୍ କରିଛନ୍ତି। ସେ କିନ୍ତୁ ଏଥର ଖରାପ ଫର୍ମରେ ଅଛନ୍ତି। ଅନ୍ୟ ପକ୍ଷରେ ରୋହିତ ଶର୍ମା ଚଳିତ ବିଶ୍ୱକପ୍‌ରେ ୫ଥର ଆଉଟ ହୋଇଥିବାବେଳେ ୪ଥର ବାମହାତୀ ପେସ୍ ବୋଲରଙ୍କ ଶିକାର ବନିଛନ୍ତି।

ଇଂଲଣ୍ଡର ଫିଲ ସଲ୍ଟ ୱେଷ୍ଟଇଣ୍ଡିଜ୍ ପିଚ୍‌ରେ ୧୮୦ ଷ୍ଟ୍ରାଇକ୍ ରେଟ୍ ଓ ୫୨.୨ ହାରରେ ରନ୍ ସଂଗ୍ରହ କରି ଶ୍ରେଷ୍ଠ ସଫଳ ପାଇଛନ୍ତି।

# ସୁମିତଙ୍କ ଉପରୁ ଉଠିଲା ବାସନ୍ଦ ଆଦେଶ

**କଟକ,୨୬।୬(ସମିସ):** ଓଡ଼ିଆ କ୍ରିକେଟର ସୁମିତ ଶର୍ମାଙ୍କ ଉପରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାସନ୍ଦ ଆଦେଶ ଉଠାଇ ଦେଇଛି। ସୁମିତଙ୍କ ଉପରେ ଦୁଇ ବର୍ଷର ବାସନ୍ଦ ଆଦେଶ ଲାଗିଥିଲା। ମାତ୍ର ୬ ମାସରେ ଆଦେଶ ପ୍ରତ୍ୟାହୃତ ହେବା ସହ ପୁର୍ନବାର ରାଜ୍ୟ ଦଳରେ ସାମିଲ ହେବା ନିମନ୍ତେ ସୁମିତଙ୍କୁ ସବୁଜ ସଙ୍କେତ ମିଳିଛି। ପ୍ରକାଶଯୋଗ୍ୟ, ଗତ ରଣଜୀ ଟ୍ରଫି ଆରମ୍ଭ ପୂର୍ବରୁ ରାଜ୍ୟ କ୍ରିକେଟକୁ ଏକ ବଡ଼ ଝଟକା ଲାଗିଥିଲା। ବାମହାତୀ ଅର୍ଥୋଡକ୍ସ ସୁମିତଙ୍କୁ ବୟସ ଜାଲିଆତି ଘଟଣାରେ ବିସିସିଆଇ ଦୁଇ ବର୍ଷ ନିମନ୍ତେ ବାସନ୍ଦ କରିଥିଲା। କିଛି ବର୍ଷର ବ୍ୟବଧାନ ପରେ ପୁଣି ଥରେ ରାଜ୍ୟ କ୍ରିକେଟରେ ବୟସ ଜାଲିଆତି ଯୋଗୁଁ ଜଣେ ଖେଳାଳିଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଜନ୍ମପ୍ରମାଣ ପତ୍ର ଦାଖଲରେ ତ୍ରୁଟି କରିଥିବା ହେତୁ ସୁମିତଙ୍କୁ ଏଭଳି ବାସନ୍ଦାଦେଶ ମିଳିଥିଲା। ୨୦୧୫-୧୬ ମସିହାରେ ସୁମିତ ଯେଉଁ ଜନ୍ମ ପ୍ରମାଣ ପତ୍ର ଦାଖଲ କରିଥିଲେ ତାହା ଗତ ସିଜନ ନିମନ୍ତେ ଦାଖଲ କରିଥିବା ଜନ୍ମ ପ୍ରମାଣପତ୍ର ସହ ମେଳ ଖାଇନଥିଲା। ବିସିସିଆଇକୁ ଚିଠି ଲେଖି ସୁମିତ ନିଜ ଅନିଚ୍ଛାକୃତ ତ୍ରୁଟି ସ୍ୱୀକାର କରିବା ପରେ ବାସନ୍ଦ ଆଦେଶ କୋହଳ ହୋଇଥିବା ଜଣାପଡ଼ିଛି।



# ଗୋଟିଏ ଓଭର୍‌ରେ ୪୩ ରନ୍ ଦେଲେ ରବିନ୍‌ସନ୍

### କାଉଣ୍ଟି ଚାମ୍ପିଅନସିପ୍



**ହୋଭ୍,୨୬।୬(ଏଜେନ୍ସି):** ଇଂଲଣ୍ଡ ଦ୍ରୁତ ବୋଲର ଓଲି ରବିନସନ ଏକ ବିରଳ ବିଫଳତାର ସମ୍ମୁଖୀନ ହୋଇଛନ୍ତି। ଏଠାରେ ଅନୁଷ୍ଠିତ କାଉଣ୍ଟି ଚାମ୍ପିଅନସିପ୍ ଡିଭିଜନ-୨ରେ ଲିସେଷ୍ଟରସାୟର ବିପକ୍ଷ ମ୍ୟାଚ୍‌ରେ ସେ ସସେକ୍ସ ତରଫରୁ ବୋଲିଂ କରି ଗୋଟିଏ ଓଭରରେ ୪୩ ରନ ଦେଇ ବେଶ୍ ସମାଲୋଚିତ ହୋଇଛନ୍ତି। ବୁଧବାର ମ୍ୟାଚ୍‌ର ଚତୁର୍ଥ ତଥା ଅନ୍ତିମ ଦିବସରେ ଦ୍ୱିତୀୟ ପାଳିରେ ଲିସେଷ୍ଟରସାୟରର ଟେଲ ଏଣ୍ଡର ବ୍ୟାଟର ଲୁଇସ୍ କିମ୍ବର ରବିନସନଙ୍କ ଗୋଟିଏ ଓଭରରେ ୫ଟି ଛକା, ୩ଟି ଚୌକା ମାରିବା ସହ ଗୋଟିଏ ସିଙ୍ଗଲ ରନ ନେଇଛନ୍ତି। ୫ଟିରୁ ୩ଟି ଛକା ନୋ ବଲ୍‌ରେ କିମ୍ବର ମାରିଥିଲେ। ତେବେ ଏହା ସବୁଠାରୁ ବ୍ୟୟବହୁଳ ଓଭର ନୁହଁ। ରବିନସନ ଏହିକ୍ରମରେ ଦ୍ୱିତୀୟ ବ୍ୟୟବହୁଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ୧୯୮୯-୯୦ରେ ରୋବେର୍ଟ ଭାନ୍ସ ଗୋଟିଏ ଓଭରରେ ୭୭ ରନ ଦେଇ ବିଶ୍ୱର ସବୁଠାରୁ ମହଙ୍ଗା ବୋଲର ସାବ୍ୟସ୍ତ ହୋଇଥିଲେ। ରବିନସନ ଏହି ଓଭରରେ ୯ଟି ବଲ (୬,୬,୪,୬, ୪, ୬,୪,୬,୧) ପକାଇଥିଲେ। ଏହି ଓଭରର ଦ୍ୱିତୀୟ, ପଞ୍ଚମ ଓ ଅଷ୍ଟମ ବଲ ନୋବଲ ଥିଲା। ଏହି ମ୍ୟାଚ୍‌ରେ ଧୁଆଁଧାର ବ୍ୟାଟିଂ କରି କିମ୍ବର ୨୪୩ ରନ (୧୨୭ ବଲ, ୨୦ ଚୌକା, ୨୧ ଛକା)ର ଲଢୁଆ ଦ୍ୱିଶତକୀୟ ପାଳି ଖେଳିଥିଲେ ମଧ୍ୟ ସସେକ୍ସ ୧୮ ରନରେ ବିଜୟୀ ହୋଇଥିଲା।

## ୟୁରୋକପ୍ ଫୁଟବଲ୍

# ପ୍ରି-କ୍ୱାର୍ଟରରେ ଇଂଲଣ୍ଡ, ଡେନ୍‌ମାର୍କ

**କୋଲୋଙ୍ଗ,୨୬।୬(ଏଜେନ୍ସି):** ଜର୍ମାନୀରେ ଚାଲିଥିବା ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗତଥରର ରନର୍ସଅପ୍ ଇଂଲଣ୍ଡ ଓ ଡେନମାର୍କ ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ରୁପ୍ ସି'ରେ ଇଂଲଣ୍ଡ ଓ ସ୍ଲୋଭେନିଆ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ। ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ପାଇଁ ଗ୍ରୁପ୍ ଶୀର୍ଷରେ ରହିବା ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ସେହିପରି ସର୍ବିଆ ବିପକ୍ଷରେ ମ୍ୟାଚ୍ ଅମୀମାଂସିତ ରଖି ଡେନମାର୍କ ୩ଟି ମ୍ୟାଚ୍ ଖେଳି ସବୁକୁ ଅମୀମାଂସିତ ରଖି ୩ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ପ୍ରି-କ୍ୱାର୍ଟରକୁ ଉଠିଛି। କିନ୍ତୁ ସ୍ଲୋଭେନିଆ ୩ଟି ମ୍ୟାଚ୍ ଖେଳି ୩ଟି ଡ୍ର ସହ ୩ ପଏଣ୍ଟ ପାଇଁ ଗୋଲ ବ୍ୟବଧାନରେ ପଛରେ ରହି ତୃତୀୟ ସ୍ଥାନରେ ରହିଛି ଓ ସିଧାସଳଖ ପ୍ରି- କ୍ୱାର୍ଟରକୁ ଉଠିବାରେ ବିଫଳ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୪ଟି ଶ୍ରେଷ୍ଠ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ପ୍ରି- କ୍ୱାର୍ଟରକୁ ଉଠିବ। ସେ ଦୃଷ୍ଟିକୋଣରୁ ସ୍ଲୋଭେନିଆ ପାଖରେ ସୁଯୋଗ ରହିଛି।



ଏହି ମ୍ୟାଚ୍‌ରେ ଉଭୟ ଦଳ ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ସବୁ ଦୃଷ୍ଟିକୋଣରୁ ଇଂଲଣ୍ଡ ଭଲ ଖେଳିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲା। ଫଳରେ ଇଂଲଣ୍ଡ ଖେଳାଳି ହତାଶ ହୋଇଥିଲେ ଓ ନିଜର ଅସନ୍ତୋଷକୁ ଛୁପାଇପାରି ନଥିଲେ। ସଟ୍, ସଟ୍ ଅନ୍ ଟାର୍ଗଟ୍‌ରେ ଇଂଲଣ୍ଡ ଯଥେଷ୍ଟ ଆଗାରେ ରହିଥିଲା। ଇଂଲଣ୍ଡ ଖେଳାଳି ୭୪ ପ୍ରତିଶତ ସମୟ ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲେ। ସେହିପରି ପାସ୍ ଓ ପାସ୍ ଆକ୍ୟୁରେସିରେ ଇଂଲଣ୍ଡ ଆଗରେ ରହିଥିଲେ ମଧ୍ୟ ସ୍ଲୋଭେନିଆ ଗୋଲ ବରଣ କରି ନଥିଲା। ପୂର୍ବରୁ ଇଂଲଣ୍ଡ ପ୍ରଥମ ମ୍ୟାଚ୍‌ରେ ୧-୦ ଗୋଲରେ ସର୍ବିଆକୁ ପରାସ୍ତ କରିବା ପରେ ଡେନମାର୍କ ବିପକ୍ଷ ମ୍ୟାଚ୍‌କୁ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ସେହିପରି ସ୍ଲୋଭେନିଆ ଡେନମାକ, ସର୍ବିଆ ବିପକ୍ଷ ମ୍ୟାଚ୍‌କୁ ମଧ୍ୟ ଡ୍ର ରଖିଥିଲା।

### ପ୍ରି-କ୍ୱାର୍ଟରରେ ଜର୍ମାନୀ ଭେଟିବ ଡେନମାର୍କ

ଗ୍ରୁପ୍ ସି'ରେ ସର୍ବିଆ ବିପକ୍ଷ ମ୍ୟାଚ୍‌କୁ ଗୋଲଶୂନ୍ୟ ଭାବେ ଅମୀମାଂସିତ ରଖି ଡେନମାର୍କ ପ୍ରି- କ୍ୱାର୍ଟରକୁ ଉଠିଛି। ଡେନମାର୍କ ଏବେ ପ୍ରି- କ୍ୱାର୍ଟରରେ ଆୟୋଜକ ଜର୍ମାନୀକୁ ଭେଟିବ। ଗ୍ରୁପ୍ ସି'ରେ ୩ଟି ଯାକ ମ୍ୟାଚ୍ ଡ୍ର ରଖି ୩ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଅଗ୍ରଗତି କରିଛଇ। ଡେନମାର୍କ ସ୍ଲୋଭେନିଆ, ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌କୁ ପୂର୍ବରୁ ଅମୀମାଂସିତ ରଖିଥିଲା। ସର୍ବିଆଠାରୁ ଡେନମାର୍କ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା।

ଡେନ୍‌ମାର୍କ ବଲକୁ ଅଧିକ ସମୟ ନିଜ ଅକ୍ତିଆରରେ ରଖିବା ସହ ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ଯଥେଷ୍ଟ ଆଗରେ ରହିଥିଲା। ଡେନମାର୍କ ସଟ୍‌ରେ ଦୁଇଗୁଣ ଓ ସଟ୍ ଅନ୍ ଟାର୍ଗେଟ୍‌ରେ ୩ ଗୁଣ ଆଗରେ ରହିଥିଲେ ମଧ୍ୟ ଗୋଲ ଦେଇପାରି ନଥିଲା। ସର୍ବିଆ ୩ଟି ମ୍ୟାଚ୍ ଖେଳି ୨ ଡ୍ର ଓ ଗୋଟିଏ ପରାଜୟ ସହ ୨ ପଏଣ୍ଟ ପାଇ ଗ୍ରୁପ୍ ତାଲିକାର ଚତୁର୍ଥ ସ୍ଥାନରେ ରହି ଟୁର୍ଣ୍ଣା।ମେଣ୍ଟରେ ବାଦ୍ ପଡିଛି। ପୂର୍ବରୁ ସର୍ବିଆ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ସ୍ଲୋଭେନିଆ ବିପକ୍ଷ ମ୍ୟାଚ୍‌କୁ ୧-୧ ଗୋଲରେ ଅମୀମାଂସିତ ରଖିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର

EDITOR: UMAKANT MISHRA